


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-8 ♦BHUBANESWAR ♦WEDNESDAY ♦2 JULY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୮ ♦ଭୁବନେଶ୍ୱର ♦ବୁଧବାର ♦୨ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୫୮ ଟଙ୍କା ହ୍ରାସ

■ **ନୂଆଦିଲ୍ଲୀ, ୧।୭ (ଏଜେନ୍ସି):** କମିଲା ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର। ଦେଶର ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ୧୯ କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୫୮ ଟଙ୍କା ୫୦ ପଇସା ହ୍ରାସ ଘଟାଇଛନ୍ତି। ଏହି ନୂଆ ଦର ଜୁଲାଇ ପହିଲା ଅର୍ଥାତ ମଙ୍ଗଳବାରଠାରୁ ଲାଗୁ ହୋଇଛି। ତେବେ ୧୪.୨ କିଲୋ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହାଫଳରେ ରାଜଧାନୀ ନୂଆଦିଲ୍ଲୀରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୧୬୬୫ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବଇରେ



ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୧୬୧୬ ଟଙ୍କା, କଲକାତାରେ ୧୭୬୯ ଟଙ୍କା ଓ ଚେନ୍ନଇରେ ୧,୮୨୩ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଏବେ ବି ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର ଉଚ୍ଚା ରହିବା ଖାଉଟିଙ୍କୁ ବେଶ ବାଧୁଛି। ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ(ଏଟିଏଫ୍) ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ଏଟିଏଫ୍ ମୂଲ୍ୟରେ କିଲୋ ଲିଟର ପିଛା ୬୨୭୧.୫ ଟଙ୍କା ଅର୍ଥାତ୍ ୭.୫ ପ୍ରତିଶତ ବୃଦ୍ଧି ଘଟି ୮୯,୩୪୪.୦୫ ଟଙ୍କାରେ ପହଞ୍ଚିଛି। ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଫଳରେ ଆଗାମୀ ଦିନରେ ବିମାନ ଯାତ୍ରା ମହଙ୍ଗା ହେବା ଆଶଙ୍କା କରାଯାଉଛି।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ନିଲମ୍ବନ କଲେ କୋର୍ଟ

■ **ବ୍ୟାଙ୍କକ୍, ୧।୭ (ଏଜେନ୍ସି):** ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କୁ ଦେଶର ସାମ୍ବିଧାନିକ କୋର୍ଟ ନିଲମ୍ବନ କରିଛନ୍ତି। ପଡ଼ୋଶୀ ଦେଶ କାମ୍ବୋଡିଆ ସହିତ କୂଟନୈତିକ ତଥା ରାଜନୈତିକ ବିବାଦ କାରଣରୁ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ଘଟଣା ଥାଇଲାଣ୍ଡରେ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। କାମ୍ବୋଡ଼ିଆ ନେତାଙ୍କ ସହିତ ପ୍ରଧାନମନ୍ତ୍ରୀ ଫୋନ୍‌ରେ ହୋଇଥିବା ବାର୍ତ୍ତାଳାପ ପ୍ରଘଟ ହେବାପରେ କୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ନିଲମ୍ବନ କରିଛନ୍ତି।



ଲିକ୍ ହୋଇଥିବା ଏହି ଟେଲିଫୋନ୍ କଲ୍‌ରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ଶାସକ ହୁନ୍ ସେନଙ୍କୁ 'ଅଙ୍କଲ' କରି ସମ୍ବୋଧିତ କରିବା ସହିତ ନିଜ ଦେଶର ଜଣେ ସାମରିକ ଅଧିକାରୀଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଏଭଳି ବାର୍ତ୍ତାଳାପ ନୈତିକତାର ଉଲ୍ଲଂଘନ ବୋଲି କୋର୍ଟ କହିଛନ୍ତି। ଦୁଇ ଦେଶ ମଧ୍ୟରେ ସୀମା ବିବାଦରୁ ନିଜ ପଦର ଫାଇଦା ଉଠାଇବା ଲାଗି ପ୍ରଧାନମନ୍ତ୍ରୀ ନୈତିକତାର ଉଲ୍ଲଂଘନ କରିଥିବାରୁ ସାମ୍ବିଧାନିକ କୋର୍ଟ ୭-୨ ବହୁମତରେ ▶ପୃଷ୍ଠା-୭

## ବିଜେପି ନେତାଙ୍କ ଆତଙ୍କରାଜ

# ସମୂହ ଛୁଟିରେ ଓଏଏସ୍

### ରାଜ୍ୟର ସବୁ ଜିଲ୍ଲାରେ ପ୍ରଶାସନିକ ଅଚଳାବସ୍ଥା

■ **ଭୁବନେଶ୍ୱର, ୧।୭ (ସମିସ):** ସାରା ରାଜ୍ୟର ଓଏଏସ୍ ଅଧିକାରୀମାନେ ଆଜି କାର୍ଯ୍ୟବନ୍ଦ କରିଛନ୍ତି। ସମୂହ ଛୁଟିରେ ଯାଇଛନ୍ତି। ଫଳରେ ରାଜ୍ୟ ସାରା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ ରହିଛି। ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଅଧିକାରୀଙ୍କୁ ଘୋଷାରି ପିଟିବା ଘଟଣାରେ ସମ୍ପୃକ୍ତ ଓ ଏହାର ପୃଷ୍ଠପୋଷକ ଯେତେ ଶକ୍ତିଶାଳୀ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି କାଲି ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି। ଓଏଏସ୍ ସଂଘର ଏହି ନିଷ୍ପତ୍ତିକୁ ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ ବି ସମର୍ଥନ କରିଛନ୍ତି।

ସମସ୍ତ ୩୦ ଜିଲ୍ଲାରେ ସଂଘ ପକ୍ଷରୁ ଓଏଏସ୍ ଅଧିକାରୀମାନେ ଛୁଟିରେ ଯାଇଥିବା ବେଳେ କେବଳ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀମାନେ କେବଳ ରଥଯାତ୍ରା ସମ୍ପର୍କିତ କାର୍ଯ୍ୟକୁ ଛାଡ଼ି ବାକି କୌଣସି କାମ କରି ନ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାର ଓଏଏସ୍ ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ବିଏମ୍‌ସି ଅତିରିକ୍ତ

### ତେଜିଲା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ଗିରଫ ଦାବି

### ପୁରୀରେ ମହାପ୍ରଭୁଙ୍କ ସେବା ଭିନ୍ନ ଅନ୍ୟ କାର୍ଯ୍ୟରୁ ନିବୃତ

### ସମର୍ଥନ ଦେଲା ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ

କମିସନରଙ୍କୁ ମାଡ଼ ଘଟଣାରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଛି। ରାଜ୍ୟରେ ଓଏଏସ୍ ଅଧିକାରୀମାନ ସମୂହ ଛୁଟିରେ ଯିବା ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା ଛୁଟି ହୋଇଛି।

ଅନ୍ୟପଟେ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଆହୂତ ଏହି ଆନ୍ଦୋଳନ ଡାକରାକୁ ରାଜ୍ୟର ବିଭିନ୍ନ କର୍ମଚାରୀ ସଂଘ ସମର୍ଥନ ଜଣାଇବା ସହିତ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ ଏହି ଘଟଣାକୁ ଘୋର ନିନ୍ଦା କରିବା ସହ ଓଏଏସ ଅଫିସର ସଂଘ ପକ୍ଷରୁ ଗ୍ରହଣ କରାଯାଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଏହି ମର୍ମରେ ପତ୍ର ମାଧ୍ୟମରେ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଯେ ଦିନକୁ ଦିନ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କିଛି ମୁଷ୍ଟିମେୟ ଓ ଖଳ ପ୍ରକୃତିର ବ୍ୟକ୍ତି ବିଶେଷମାନେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆକ୍ରମଣ କରୁଛନ୍ତି। ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏହି ଘଟଣାକୁ ରାଜ୍ୟ ସରକାର ଗମ୍ଭୀରତାର ସହିତ ଗ୍ରହଣ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ରାଜ୍ୟ ଅର୍ଥ ସେବା ସଂଘ, ଓଡ଼ିଶା ସୂଚନା ସେବା ସଂଘ ଓ ଓଡ଼ିଶା କୃଷି ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି।

ସୂଚନା ଥାଉ କି ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓଏଏସ୍ ସଂଘ ସହିତ ଆଲୋଚନା କରିବା ସହ ଏହି ଘଟଣାରେ ସମ୍ପୃକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ▶ପୃଷ୍ଠା-୭

## ତେଲଙ୍ଗାନା ବିସ୍ଫୋରଣ ମୃତ୍ୟୁସଂଖ୍ୟା ୪୨

### ମୃତାହତଙ୍କ ମଧ୍ୟରେ ୨ ଓଡ଼ିଆ ଥିବା ସୂଚନା

■ **ଭୁବନେଶ୍ୱର, ୧।୭ (ସମିସ):** ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ରାସାୟନିକ କାରଖାନାରେ ଗତକାଲି ହୋଇଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧିପାଇଛି। କାରଖାନା ପରିସରରୁ ବର୍ତ୍ତମାନ ସୁଦ୍ଧା ୩୧ଟି ମୃତଦେହ ଉଦ୍ଧାର କରାଯାଇଛି। ଗୁରୁତର ଆହତମାନଙ୍କ ମଧ୍ୟରୁ ଆଜି ହସ୍ପିଟାଲରେ ଆଉ ୫ ଜଣ ପ୍ରାଣ ହରାଇଛନ୍ତି। ଏହି ମୃତାହତ ଶ୍ରମିକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ୟୁପି, ବିହାର ଓ ପଶ୍ଚିମବଙ୍ଗର ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିବାରୁ ଏବେ ବି ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ପୋତି ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଓଡ଼ିଶାର ସରକାର ଦୁଇ ଜଣ ଅଧିକାରୀଙ୍କୁ ତେଲେଙ୍ଗାନା ପଠାଇଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ପ୍ରୀତିଶ ପଣ୍ଡା ଏବଂ ଡ. ଚନ୍ଦ୍ରଶେଖର ସାହୁ। ଦୁର୍ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହିତ ଓଡ଼ିଆ ▶ପୃଷ୍ଠା-୭



### ଉଦ୍ଧାର କାର୍ଯ୍ୟ ତଦାରଖ ଲାଗି ଓଡ଼ିଶାରୁ ଗଲେ ଦୁଇ ଅଧିକାରୀ

## ବିଜେପି ନେତାଙ୍କ ଧମକ

# ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ

■ **ବ୍ରହ୍ମପୁର, ୧।୭ (ସମିସ):** ରାଜଧାନୀର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ତଥା ଅତିରିକ୍ତ କମିଶନରଙ୍କୁ ଗତକାଲି ବିଜେପି ନେତା ଓ କର୍ମୀମାନେ ନିସ୍ତୁକ ପିଟିଲେ। ନିଜ ଅଫିସରେ ଅଭିଯୋଗ ଶୁଣାଣି କରୁଥିବା ଅଧିକାରୀଙ୍କୁ ଅପହରଣ କରିବାକୁ ଘୋଷାରି ଘୋଷାରି ପାର୍ଟିକୋରେ ଗାଡ଼ି ପର୍ଯ୍ୟନ୍ତ ନେଇ ଆସିଲେ। ଏହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ସମୟରେ ଆଉ ଜଣେ ଯୁବ ନେତାଙ୍କ ଭାଇରାଲ ଅଡ଼ିଓ ବିଜେପିକୁ ଅକଳରେ ପକାଇଛି। ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ ଓ ଯାହା ଘଟିବ ତୁମେ ଦାୟୀ ରହିବ ବୋଲି ସମ୍ପୃକ୍ତ ବିଜେପି ଯୁବ ନେତା ରାଜପଥର ଗୋଟିଏ ଟୋଲଗେଟ୍ ଅଧିକାରୀଙ୍କୁ ଧମକ ଦେଉଥିବା ଅଡ଼ିଓ ଏବେ ଭାଇରାଲ ହୋଇଛି।

ରାଜ୍ୟରେ ବିଜେପି ସରକାର ଆସିବା ଦଳୀୟ ନେତାଙ୍କ ଉତ୍ପାତ ଗଞ୍ଜାମ ଜିଲ୍ଲାରେ ବଢ଼ିବାରେ ଲାଗିଛି। ଜିଲ୍ଲାରେ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି ଓ ଶାସକ ଦଳର ନେତା, କର୍ମୀ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ▶ପୃଷ୍ଠା-୭


## ଗଞ୍ଜାମ ଅଶାନ୍ତ ଆଇନ ଶୃଙ୍ଖଳା କେଉଁଠି ?

# ଦିନକରେ ୩ ହତ୍ୟା

■ **ଛତ୍ରପୁର/କୋଦଳା/ବ୍ରହ୍ମପୁର, ୧।୭ (ସମିସ):** ଅଶାନ୍ତ ଗଞ୍ଜାମ। କଥାକଥାକେ ବୁଲୁଛି ଖଣ୍ଡା, କାତି; ଗଡ଼ୁଛି ମୁଣ୍ଡ। ହତ୍ୟାଠାରୁ ଆରମ୍ଭ କରି ଦୁଷ୍କର୍ମ, ଗଣଦୁଷ୍କର୍ମ, ରାଜାହାନି, ଲୁଟ୍, ଡକାୟତି ଭଳି ଆପରାଧିକ ଘଟଣା ଜିଲ୍ଲାରେ ନିତିଦିନିଆ ହୋଇଗଲାଣି। ଗତ ୨୪ ଘଣ୍ଟାରେ ହତ୍ୟାକାଣ୍ଡରେ ୩ଟି ମୁଣ୍ଡ ଗଡ଼ିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଛତ୍ରପୁର ଓ ବେଗୁନିଆପଡ଼ାରେ ସଂଘବଦ୍ଧ ଆକ୍ରମଣରେ ୨ ଜଣ ପ୍ରାଣ ହରାଇଥିବା ବେଳେ ବ୍ରହ୍ମପୁରରେ ପ୍ରେମିକର ଛୁରିମାଡ଼ରେ ପ୍ରେମିକାର ମୃତ୍ୟୁ ହୋଇଛି।

### ସଂଘବଦ୍ଧ ଆକ୍ରମଣରେ ୨ ମୃତ

### ଛୁରି ଭୁସି ପ୍ରେମିକାକୁ ହତ୍ୟା



ଅଭିଯୁକ୍ତ ପ୍ରେମିକ | ମୃତ ଯୁବତୀ

ସୂଚନାନୁଯାୟୀ, ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ଗୋବା ଗ୍ରାମର ତୋଫାନ ସ୍ୱାଇଁ (୨୫)। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ସକାଳୁ ଗୋବା ଗ୍ରାମ ନିକଟରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାଇକ୍‌ରେ ଆସି ତୋଫାନଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ସୁଧୀର ସ୍ୱାଇଁ ଓ ଅନ୍ୟ କିଛି ▶ପୃଷ୍ଠା-୭

## ସ୍କୁଲ୍ ଶୌଚାଳୟରେ ନାବାଳିକାକୁ ଦୁଷ୍କର୍ମ

■ **ବ୍ରହ୍ମପୁର,୧।୭(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକଜଣଙ୍କ ପୀଡ଼ିତାଙ୍କ ସଂପର୍କୀୟ ଭାଇ ଭୁବନ ପ୍ରଧାନ (୨୨) ବୋଲି ଜଣାଯାଇଛି।



ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକାଙ୍କ ମା' ଓ ବାପା ଦିନ ମଜୁରିଆ ଭାବେ କାମ କରନ୍ତି। କାମକୁ ଗଲା ବେଳେ ସେମାନେ ନିଜର ୩ପିଲାଙ୍କୁ ଘରେ ଛାଡ଼ି ଯାଇଥାନ୍ତି। ପୀଡ଼ିତାଙ୍କ ବୟସ ମାତ୍ର ୧୧ବର୍ଷ ୬ମାସ। ଗତ ୨୮ ତାରିଖ ପୂର୍ବାହ୍ନ ପ୍ରାୟ ୯ଟାରେ ପ୍ରତିଦିନ ଭଳି ପୀଡ଼ିତାଙ୍କ ମା ଓ ବାପା କାମକୁ ଯାଇଥିବା ବେଳେ ନାବାଳିକା ଝିଅ ଘରେ ଏକୁଟିଆ ଥିଲେ। ଦିନ ପ୍ରାୟ ▶ପୃଷ୍ଠା-୭

## ହେରାପଞ୍ଚମୀରେ ମହାପ୍ରଭୁଙ୍କ ମାନବୀୟ ଲୀଳା

# ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

■ **ପୁରୀ, ୧।୭ (ସମିସ):** ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି। ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ। ମଙ୍ଗଳବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି।

ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା। ହେଲେ ଗଇଁଠାଳ ଫିଟି ନଥିଲା। ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଲେ। ବିଭିନ୍ନ ପଥ୍ ସେବନ କରି ଆରୋଗ୍ୟଲାଭ କଲେ। ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ବିରହ ବେଦନାରେ ଥିବା ମା' ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇନେବା ଲାଗି ଆସିଥିଲେ। ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ମହାଲକ୍ଷ୍ମୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ। ଏଥିରେ ରୋଷ କରି ଲକ୍ଷ୍ମୀ ସାଆନ୍ତାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶକୁ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ଫେରିବା ସମୟରେ ପନ୍ତି ଭୋଗ ଗ୍ରହଣ କରିଥିଲେ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା। ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀଗୁଣ୍ଡିଚା ଅଭିମୁଖେ ▶ପୃଷ୍ଠା-୭






## ରଥଯାତ୍ରା ମହାବିଭ୍ରାଟ

# କାହାକୁ ସୁରକ୍ଷା ଦେଉଛନ୍ତି ସରକାର

### ଓପିଏସ୍, ଓଏପିଏସ୍‌ଙ୍କୁ ନିଲମ୍ବନ କରି ହାତ ଝାଡ଼ିଦେଲେ

■ **ଭୁବନେଶ୍ୱର, ୧।୭ (ସମିସ):** ରଥଯାତ୍ରା ମହା ବିଭ୍ରାଟ ଓ ଶରଧାବାଲି ଦଳାଚକଟା ମୃତ୍ୟୁକୁ ୩ ଦିନ ବିତିଲାଣି। ମାତ୍ର ଏଯାଏ ଜିଲ୍ଲାପାଳ ଓ ଏସ୍‌ପିଙ୍କ ବଦଳି, ଜଣେ ଓପିଏସ୍ ଏବଂ ଜଣେ ଓଏପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରି ସରକାର ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ଏବେ ସବୁ ମହଲରେ ପ୍ରଶ୍ନ ଉଠିଛି। କେଉଁ ଅଜ୍ଞାତ ରହସ୍ୟକୁ ସରକାର ଢ଼ାଙ୍କିବାକୁ ଓ କାହାକୁ ସୁରକ୍ଷା ଦେବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ମୋଦକ ଚୋରିଠାରୁ ଆରମ୍ଭ କରି ନନ୍ଦିଘୋଷ ରଥଟଣାରେ ଅହେତୁକ ବିଳମ୍ବ, ଦଳାଚକଟା ମୃତ୍ୟୁ ଆଦି ଏତେ ସବୁ ବିଭ୍ରାଟ ପଛରେ ମାତ୍ର ୨ ଜଣ ଓପିଏସ୍ ଅଧିକାରୀ ଦାୟୀ ବୋଲି ସରକାର ପ୍ରମାଣ କରିବାକୁ ଚାହୁଁଛନ୍ତି। ଯଦି ଏହି ଦୁଇ ଅଧିକାରୀଙ୍କ ପାଇଁ ଏତେସବୁ ଅଘଟଣ ଘଟିଛି, ତେବେ ୧୦ ହଜାରରୁ ଊର୍ଦ୍ଧ୍ୱ ପୁଲିସ କର୍ମୀ, ୨୫ ଏସ୍‌ପି ପାହ୍ୟା ଅଧିକାରୀ, ଗଣ୍ଡାଗଣ୍ଡା ମନ୍ତ୍ରୀଙ୍କୁ ନେଇ ଗଠିତ କମିଟି କ'ଣ କରୁଥିଲେ? କାହିଁକି ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା, କାହିଁକି ଏତେ ପୁଲିସ ନିଯୁକ୍ତି ଦିଆଯାଇଥିଲା, ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ କାହିଁକି ନିଯୁକ୍ତି ପାଇଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ତେଣୁ ସରକାର ସବୁ ଅପାରଗତାକୁ ଢ଼ାଙ୍କିବାକୁ ନିଲମ୍ବନକୁ ଅସ୍ତ୍ର କରିଛନ୍ତି ଓ ସମସ୍ତଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ସେହିପରି ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗତା ହିଁ ୩ ଜଣ ଭକ୍ତଙ୍କ ପ୍ରାଣ ନେଇଥିବା ସାଧାରଣ ଲୋକ ଅଭିଯୋଗ କରୁଛନ୍ତି। ନିଜେ ଶୋଇବାକୁ ଯିବା ନିମନ୍ତେ ଅଧିକାରୀମାନେ ମହାପ୍ରଭୁଙ୍କ ସଅଳ ପହଡ଼ ପକାଇବାକୁ ନିର୍ଦ୍ଦେଶ ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି।

### ମହାପ୍ରଭୁଙ୍କ ଟ୍ୱିଟର ଆକାଉଣ୍ଟ ଖୋଜୁଛନ୍ତି ଭକ୍ତ

ସବୁଠାରୁ କୌତୂହଳର ବିଷୟ ହେଉଛି ଏହି ଘଟଣାରେ ସବୁଠାରୁ ବିବାଦୀୟ ହୋଇଛି ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରୀସ୍ତରୀୟ କମିଟି। ରଥଯାତ୍ରା ଅଘଟଣ ପରେ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ରାଜ୍ୟବାସୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ମାତ୍ର ରଥଯାତ୍ରା ପରିଚାଳନା ନିମନ୍ତେ ବାସ୍ତବ ଉତ୍ତରଦାୟୀ ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରୀସ୍ତରୀୟ କମିଟିର ତୁଣ୍ଡ ଫିଟୁନାହିଁ। ବିଶୃଙ୍ଖଳା ପାଇଁ ମହାପ୍ରଭୁ ଓ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାର ସାହସ ସେମାନେ ଜୁଟାଇ ପାରିନାହାନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟର କ୍ଷମାପ୍ରାର୍ଥନାକୁ ମଧ୍ୟ ସାଧାରଣରେ ସମାଲୋଚନା କରାଯାଇଛି। ବରିଷ୍ଠ ନେତା ବିଜୟ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟ୍ ମହାପ୍ରଭୁ ଜଗନ୍ନାଥଙ୍କୁ କିଏ ପଢ଼ାଇବ ବୋଲି ସରକାରଙ୍କୁ କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀସ୍ତରୀୟ କମିଟି ବଡ଼ଦାଣ୍ଡରେ ଯୋଡ଼ହସ୍ତରେ ସବୁ ଅଘଟଣ ନିମନ୍ତେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ▶ପୃଷ୍ଠା-୭

## ଉତ୍ତର ଗାଜାରେ ଇସ୍ରାଏଲ ଆକ୍ରମଣ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ ଇସ୍ରାଏଲ ପୁଣିଥରେ ଗାଜା ଉପରେ ବଡ଼ଧରଣର ଆକ୍ରମଣ କରିଛି । ସୋମବାର ହୋଇଥିବା ଏହି ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି । ତେବେ ଉତ୍ତର ଗାଜାରେ ଥିବା ହମାସ ଠିକଣା ଉପରେ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଏହି ଆକ୍ରମଣରେ ଅତିକମ୍‌ରେ ୨୦ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି । ଅନ୍ୟପଟେ ଏହି ଆକ୍ରମଣରେ ଅଧିକାଂଶ ହମାସ ଆତଙ୍କବାଦୀ ମୃତ୍ୟୁ ବରଣ କରିଛନ୍ତି ବୋଲି ଇସ୍ରାଏଲ କହିଛି । ମାର୍ଚ୍ଚ ପରଠାରୁ ଯୁଦ୍ଧ ଆରମ୍ଭ ହେବା ପରେ ଉତ୍ତର ଗାଜାକୁ ଖାଲି କରିବାକୁ କୁହାଯାଇଥିଲା । ସିଜ୍ ଫାୟାର ନେଇ କ୍ଷେତ୍ର ପସ୍ତୁତ ହୋଇଥିବା ବେଳେ ଇସ୍ରାଏଲର ଏଭଳି ଆକ୍ରମଣକୁ ନେଇ ପ୍ରଶ୍ନ ଉଠିଛି ।

## ମାସେ ପାଇଁ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେଲା ପାକିସ୍ତାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ପାକିସ୍ତାନ ଗୋଟିଏ ମାସ ଅର୍ଥାତ ଜୁଲାଇ ମାସ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛି । ୨୦୨୫ ଜାନୁଆରୀରୁ ପାକିସ୍ତାନ ଦୁଇବର୍ଷ ପାଇଁ ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଥିଲା । ଅଧ୍ୟକ୍ଷ ଭାବେ ପାକିସ୍ତାନ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସହ ଅନ୍ତର୍ଜାତୀୟ ନିୟମକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବ ବୋଲି କହିଛି । ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ଅସିମ ଇଫ୍‌ତିକାର ଅହମ୍ମଦ ସୁରକ୍ଷା ପରିଷଦର ବିଭିନ୍ନ ବୈଠକରେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବେ । ଇତିମଧ୍ୟରେ ଜୁଲାଇ ମାସର କାର୍ଯ୍ୟ ନେଇ ଅସିମ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍‌ଙ୍କୁ ଭେଟି ଅବଗତ କରାଇଛନ୍ତି । ଉଲ୍ଲେଖଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାନ ପାଇଥିବା ୧୫ ସଦସ୍ୟ ଆଲଫାବେଟିକାଲ ଅର୍ଡରରେ ପାଳିଭିତ୍ତିରେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥାନ୍ତି । ପୂର୍ବରୁ ପାକିସ୍ତାନ ସୁରକ୍ଷା ପରିଷଦରେ ୭ଥର ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଛି ।

## ବମ୍ବେ ଆଇଆଇଟିରେ ୧୪ ଦିନ କଟାଇଲେ ନକଲି ଛାତ୍ର

ମୁମ୍ବଇ, ୧।୭(ଏଜେନ୍ସି): ବମ୍ବେ ଆଇଆଇଟିରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି । ୨୨ ବର୍ଷୀୟ ଜଣେ ନକଲି ଛାତ୍ର ଆଇଆଇଟି କ୍ୟାମ୍ପସରେ ବେଆଇନ ଭାବେ ୧୪ ଦିନ ରହିଥିଲେ । ବିଲାଲ ଅହମ୍ମଦ ତେଲି ନାମକ ଏହି ବ୍ୟକ୍ତି କଡ଼ା ସୁରକ୍ଷା ବଳୟକୁ ଭେଦ କରି କ୍ୟାମ୍ପସ ଭିତରକୁ ପସିବାରେ ସକ୍ଷମ ହୋଇଥିାଲେ । ତାଙ୍କୁ ପୁଲିସ ଗିରଫ କରିଛି । ଜୁନ୍ ୨୬ରେ କ୍ୟାମ୍ପସରେ ବିଲାଲ ଏକ ସୋଫାରେ ଶୋଇଥିବାର ଦେଖାଯାଇଥିଲା । ସୁରକ୍ଷାକର୍ମୀ ତାଙ୍କ ପରିଚୟ ପଚାରିବା ପରେ ସେ କୌଣସି ଉତ୍ତର ନ ଦେଇ ଦୌଡିବାକୁ ଲାଗିଥିଲେ । ଏହାପରେ ସିସିଟିଭି ଫୁଟେଜର ଯାଞ୍ଚ୍ କରାଯାଇଥିଲା ଓ ସେ ନକଲି ଛାତ୍ର ଥିବା ଜଣା ପଡ଼ିଥିଲା । କିନ୍ତୁ ସେ ୧୪ ଦିନଧରି କ୍ୟାମ୍ପସରେ ବୁଲାବୁଲି କରିଥିଲା । ସେ ମଧ୍ୟ ୨୧ଟି ଇମେଲ ଆଇଡି ସୃଷ୍ଟି କରିଥିଲା । ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି । ଜୁଲାଇ ୭ ପର୍ଯ୍ୟନ୍ତ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯାଇଛି । କ୍ୟାମ୍ପସରେ ସେ ନିଜକୁ ଜଣେ ପିଏଚ୍‌ଡି ଛାତ୍ରର ପରିଚୟ ଦେଉଥିଲା । ବିଲାଲ ପାଖରେ ନକଲି ଦସ୍ତାବିଜ ମଧ୍ୟ ଥିଲା । ସେ ଗତବର୍ଷ ମଧ୍ୟ କ୍ୟାମ୍ପସରେ ଗୋଟିଏ ମାସ ରହିଥିଲା ବୋଲି ପୁଲିସ୍‌କୁ କହିଛି । କିନ୍ତୁ ସେ ନକଲି ଛାତ୍ର ବୋଲି କେହି ଚିହ୍ନିପାରି ନଥିଲେ ।

### ହିନ୍ଦୁ ଯୁବତୀଙ୍କୁ ଦୁଷ୍କର୍ମ
## ବାଂଲାଦେଶରେ ତେଜିଲା ବିରୋଧ

ଢ଼ାକା, ୧।୭(ଏଜେନ୍ସି): ବାଂଲାଦେଶର କୁମିଲ୍ଲାର ମୁରାଦନଗରରେ ଗତ ଜୁନ୍ ୨୬ରେ ଜଣେ ୨୧ ବର୍ଷୀୟ ହିନ୍ଦୁ ଯୁବତୀ ଦୁଷ୍କର୍ମ ଶିକାର ହେବା ପରେ ଏହାକୁ ନେଇ ଆନ୍ଦୋଳନ ଜୋର ଧରିଛି । ହିନ୍ଦୁ ଓ ମାନବାଧିକାର ସଂଗଠନ ବାଂଲାଦେଶର ବିଭିନ୍ନ ସହରରେ ଉଗ୍ର ପ୍ରଦର୍ଶନ କରିଛନ୍ତି । ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଅୱାମୀ ଲିଗ୍ ଓ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଅଭିଯୁକ୍ତ ଫଜର ଅଲିଙ୍କୁ ପରସ୍ପରର ନେତା ବୋଲି ଆକ୍ଷେପ କରିଛନ୍ତି । ସେପଟେ ବାଂଲାଦେଶ ପୁଲିସ୍ ଓ ମହମ୍ମଦ ୟୁନୁସ୍‌ଙ୍କ ସମର୍ଥକମାନେ ଏହି ଘଟଣାକୁ ପରକୀୟପ୍ରୀତି ବୋଲି ଦର୍ଶାଇବାକୁ ପ୍ରୟାସ କରିଛନ୍ତି । ଏହାପରେ ସଂଖ୍ୟାଲଘୁ ହିନ୍ଦୁ ସମୁଦାୟ ମଧ୍ୟରେ ଆକ୍ରୋଶ ଖେଳିଯାଇଥିଲା । ରାତିରେ ଢାକା ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଏହାକୁ ବିରୋଧ କରି ରାଲି ବାହର କରିଥିଲେ । ତେବେ ଏହି ମାମଲା ପରକୀୟାପ୍ରୀତି ନୁହଁ ବୋଲି କୁମିଲ୍ଲା ପୁଲିସ ତରଫରୁ ସ୍ପଷ୍ଟ କରାଯାଇଛି ।

## ବିନା କାମରେ ଘରୁ ବାହାରୁଛନ୍ତି କାହିଁକି?

ଭୋପାଳ, ୧।୭(ଏଜେନ୍ସି): ଗତ ଶୁକ୍ରବାର ଇନ୍ଦୋର-ଦିୱାସ୍ ରାଜପଥରେ ଅସମ୍ଭବ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା । ୮ କିମି ବ୍ୟାପୀ ୪୦ ଘଣ୍ଟାର ଏହି ଜାମ୍‌ରେ ୪, ୦୦୦ ଗାଡି ଫସି ରହିଥିଲା । ଏଥିରେ ଫସି ୩ ଜଣ ଲୋକ ପ୍ରାଣ ହରାଇଥିଲେ ଓ ହଜାର ହଜାର ଲୋକ ହନ୍ତସନ୍ତ ହୋଇଥିଲେ । କିନ୍ତୁ ଏହି ଘଟଣାରେ ନିଜର ତ୍ରୁଟି ସ୍ୱୀକାର କରିବା ବଦଳରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଏ ନେଇ ହୋଇଥିବା କୋର୍ଟ ଶୁଣାଣିରେ ଅଜବ ଯୁକ୍ତି ଉପସ୍ଥାପନ କରିଛି । ଲୋକେ ବିନା କାର୍ଯ୍ୟରେ ଏତେ ଶୀଘ୍ର ଘରୁ କାହିଁକି ବାହାରୁଛନ୍ତି ବୋଲି ଏନ୍‌ଏଚ୍‌ଏଆଇର ଓକିଲ ପ୍ରଶ୍ନ କରିଛନ୍ତି ।

# ହିମାଚଳରେ ବାଦଲଫଟା ବର୍ଷା; ୪ ମୃତ, ୧୬ ନିଖୋଜ



ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦେଶର ଅଧିକାଂଶ ଭାଗରେ ମୌସୁମୀ ଜନିତ ପ୍ରବଳ ବର୍ଷା ଲାଗି ରହିଛି । ଭୀଷଣ ବର୍ଷା ଯୋଗୁଁ ଅନେକ ରାଜ୍ୟରେ ଭୂସ୍ଖଳନ ହେଉଛି । ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି । ଫଳରେ ସ୍ଥିତି ଅଣାୟତ୍ତ ହୋଇଯାଇଛି । ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି । ରାସ୍ତାଘାଟ ବନ୍ଦ ହୋଇ ଯାଇଥିବାରୁ ଶତାଧିକ ଗାଡ଼ିମୋଟର ଅଟକି ରହିଛନ୍ତି । ଅନେକଙ୍କ ଘରେ ପାଣି ପଶିଯାଇଛି । ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ବର୍ଷା ଯୋଗୁଁ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ଦୁଇ ରାଜ୍ୟରେ ତିନି ହେଲା ଭୀଷଣ ବର୍ଷା ଜାରି ରହିଛି । ହିମାଚଳ ମଣ୍ଡିର ୧୧ଟି ସ୍ଥାନରେ ବାଦଲ ଫଟା ବର୍ଷା ହୋଇଛି ।

■ ଭାସିଗଲା ପୋଲ
■ ପ୍ରୟାଗରାଜରେ ବି ବନ୍ୟା
■ ଅଲୱରରେ ଘରେ ପଶିଲା ପାଣି

ଏଥିଯୋଗୁଁ କୁକଲାହରେ ପୋଲ ସହିତ ଅନେକ ଗାଡ଼ି ଭାସି ଯାଇଛି । ଚାରିଆଡେ ଘର ବଦଳରେ ଅବଶେଷ ଦେଖିବାକୁ ମିଳୁଛି । ମଣ୍ଡି ସହରରେ ନାଳ ଗୁଡିକ ଫୁଲି ଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୩ ଜଣ ପ୍ରାଣ ହରାଇଥିବାବେଳେ ୧୦ରୁ ଅଧିକ ନିଖୋଜ ହୋଇଯାଇଛନ୍ତି । ୧୦ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ମନାଲି-ମଣ୍ଡି ଫୋରଲେନ ସଡ଼କରେ ଥିବା ସୁଡଙ୍ଗର ପ୍ରବେଶ ପଥରେ ପାହାଡ ଧସି ଅବଶେଷ ଗଦା ହୋଇଛି ।

ଉତ୍ତରାଖଣ୍ଡରେ ଭୂସ୍ଖଳନ ହୋଇ ରାସ୍ତା ଉପରେ ପଡ଼ିଛି । ଏଥିଯୋଗୁଁ ଜନଜୀବନ ବ୍ୟାହତ ହୋଇଛି । କୋଟଦ୍ୱାର-ବଦ୍ରିନାଥ ମାର୍ଗରେ ଥିବା ସତପୁଲି ନିକଟରେ ଭୂସ୍ଖଳନ ହେବା ଯୋଗୁଁ ପୌଡି-ମେରଠ ରାଜପଥକୁ ବନ୍ଦ କରିଦିଆଯାଇଛି । ଉତ୍ତରକାଶୀରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରି ରାସ୍ତା ବନ୍ଦ ରହିଛି । ରାଜସ୍ଥାନର ଅଲୱରରେ ସୋମବାର ପ୍ରବଳ ବର୍ଷା ହୋଇଛି । ଏଥିଯୋଗୁଁ ରାସ୍ତାରେ ଦୁଇ ଫୁଟର ପାଣି ଜମା ହୋଇଛି । ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା-ଯମୁନା ଯୋଗୁଁ ବନ୍ୟା ଆସିଛି ।

# ଥମୁନି କର୍ଣ୍ଣାଟକ କଂଗ୍ରେସ କଳି



■ ପୁଣି ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ
■ ଉପ-ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ବିଧାୟକଙ୍କ ଦାବି
■ ଶହେ ବିଧାୟକଙ୍କ ସମର୍ଥନ ଅଛି

ବେଙ୍ଗାଲୁରୁ, ୧।୭ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ କଳି ଛିଣ୍ଡିବାର ନା ଧରୁନି । ରାଜ୍ୟରେ ସବୁକିଛି ଠିକ୍ ଅଛି ବୋଲି କଂଗ୍ରେସ ବାର୍ତ୍ତା ଦେବାକୁ ପ୍ରୟାସ କରୁଛି । ମୁଖ୍ୟମନ୍ତ୍ରୀ ବଦଳାଇବାର କୌଣସି ଯୋଜନା ନାହିଁ ବୋଲି ମଧ୍ୟ କୁହାଯାଉଛି । ଦିନକ ତଳେ ସିଦ୍ଧରମୈୟା ଏବଂ ଶିବକୁମାର ଏକାଠି କାମ କରିବାକୁ ସହମତି ପ୍ରକାଶ କରିଥିଲେ । ମତପାର୍ଥକ୍ୟ ଖବରକୁ ଖଣ୍ଡନ କରିଥିଲେ । ମାତ୍ର ୨୪ ଘଣ୍ଟା ନ ହେଉଣୁ ପୁଣି ସ୍ଥିତି ବଦଳି ଯାଇଛି । ଏକ ଭାଇରାଲ ଭିଡିଓ ଏହି ନିଆଁକୁ ପୁଣି ଜୋରଦାର କରିଦେଇଛି ।

କର୍ଣ୍ଣାଟକ କଂଗ୍ରେସ ପ୍ରଭାରୀ ରଣଦୀପ ସୂର୍ଯେୱାଲା ବେଙ୍ଗାଲୁରୁରେ ପହଞ୍ଚି ବିଧାୟକଙ୍କ ସହ କ୍ରମାଗତ ଭାବେ ଚର୍ଚ୍ଚା କରୁଛନ୍ତି । ମାତ୍ର ଏହାର କୌଣସି ପ୍ରଭାବ ପଡୁନାହିଁ । ଏବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ କଂଗ୍ରେସ ପାଇଁ କଣ୍ଟା ପାଲଟିବାରେ ଲାଗିଛି । ତିନି ଥରର ବିଧାୟକ ବିଆର ପାଟିଲଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ମାଣ୍ଡ୍ୟା ବିଧାୟକ କ୍ରିଷ୍ଣାରାଜ ପେଟେଙ୍କୁ ସେ କହୁଛନ୍ତି ଯେ ସିଦ୍ଧରମୈୟାଙ୍କ ଲଟେରି ଲାଗିଯାଇଛି । ମୁଁ ତାଙ୍କୁ ସୋନିଆ ଗାନ୍ଧୀଙ୍କ ସହ ନେଇ ଭେଟ କରାଇଥିଲି । ତାଙ୍କ ଭାଗ୍ୟ ଭଲ ଅଛି । ତେଣୁ ସେ ମୁଖ୍ୟମନ୍ତ୍ରୀ ହେଲେ । ମୋର କୌଣସି ଗଡ୍‌ଫାଦର କିମ୍ବା ଗଡ୍ (ଭଗବାନ) ନାହାନ୍ତି । ମୁଁ ସୂର୍ଯେୱାଲାଙ୍କୁ ଭେଟି ଯାହା କହିବାର ଥିଲା ତାହା କହିଦେଲି । ସେ ଧୈର୍ଯ୍ୟର ସହ ସବୁ ଶୁଣିଥିଲେ । ଦେଖାଯାଉ ଆଗକୁ କ'ଣ ହେଉଛି ।

ବିବାଦର ସମାଧାନ କରିବାକୁ ବେଙ୍ଗାଲୁରୁ ଆସିଥିବା ସୂର୍ଯେୱାଲା ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନର ହେବାର କୌଣସି ଯୋଜନା ନାହିଁ କହିବାର କିଛି ଘଣ୍ଟା ପରେ ଏହି ଭିଡିଓ ଭାଇରାଲ ହୋଇଛି । ଶିବକୁମାରଙ୍କ ସମର୍ଥକ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଛନ୍ତି । ତେବେ ଏହି ଘୋଷଣା କରିବା ସମୟରେ ସେ ସୂର୍ଯେୱାଲାଙ୍କ ପାଖରେ ବସିଥିଲେ । ପରେ ଶିବକୁମାର କହିଥିଲେ ଯେ ବିଧାୟକମାନେ ମୋ ପାଇଁ କୁହନ୍ତୁ ବୋଲି ଚାହୁଁ ନାହିଁ । ୨୦୨୮ ରେ ଦଳକୁ ପୁଣିଥରେ କ୍ଷମତାସୀନ କରିବା ପାଇଁ ମୁଁ କାର୍ଯ୍ୟ କରୁଛି । ଅନ୍ୟପକ୍ଷରେ ଶିବକୁମାରଙ୍କ ଜଣେ ଘନିଷ୍ଠ ବିଧାୟକ ଇକବାଲ ହୁସୈନ କହିଛନ୍ତି ଯେ ପ୍ରାୟ ଶହେ ବିଧାୟକ ମୁଖ୍ୟମନ୍ତ୍ରୀ ବଦଳାଯାଉ ବୋଲି ଚାହୁଁଛନ୍ତି । ଯଦି ପରିବର୍ତ୍ତନ ନ ହୁଏ ତେବେ ୨୦୨୮ରେ କଂଗ୍ରେସ ହାରିଯିବ । ସୂର୍ଯେୱାଲାଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯିବ । ଶିବକୁମାର ଦିନରାତି ଦଳ ପାଇଁ କାର୍ଯ୍ୟ କରୁଛନ୍ତି । ଏବେ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ଦିଆଯିବା ଉଚିତ ।

ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ।।ଯେ ମୁଖ୍ୟମନ୍ତ୍ରୀ ବଦଳାଇବା ନିଷ୍ପତ୍ତି ହାଇକମାଣ୍ଡ ନେବେ । ହାଇକମାଣ୍ଡଙ୍କ ମୁଣ୍ଡରେ କ'ଣ ଚାଲିଛି ତାହା କେହି ଜାଣି ନାହାନ୍ତି । ତେଣୁ ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି କରିବା ଅନୁଚିତ ।


### ହେପାଜତରେ ଗାର୍ଡଙ୍କ ମୃତ୍ୟୁ ମାମଲା; ମାଡ୍ରାସ ହାଇକୋର୍ଟଙ୍କ ଭର୍ତ୍ସନା
# କ୍ଷମତା ନିଶାରେ ପୁଲିସ ମାତାଲ

ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁ ପୁଲିସ କ୍ଷମତା ନିଶାରେ ମାତାଲ ହୋଇଯାଇଛି । କ୍ଷମତାରେ ଅନ୍ଧ ହୋଇ ପୁଲିସ କ୍ରୂର ପାଲଟି ଯାଉଛି । ରାଜ୍ୟ ନିଜ ଲୋକଙ୍କୁ ହତ୍ୟା କରୁଛି ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି । ତାମିଲନାଡୁ ଶିବଗଙ୍ଗା ଜିଲ୍ଲାରେ ପୁଲିସ ହେପାଜତରେ ପ୍ରାଣ ହରାଇଥିବା ମନ୍ଦିର ସୁରକ୍ଷାକର୍ମୀ ଅଜିତ କୁମାର (୨୭)ଙ୍କ ମାମଲା ଉପରେ ନିଜ ଆଡୁ ବିଚାର କରି ପୁଲିସ ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟରେ ଅଜିତଙ୍କ ଶରୀରରେ ୪୪ଟି କ୍ଷତ ଚିହ୍ନ ଥିବା ଜଣାପଡ଼ିଛି । ଏହା ବିଚଳିତ କରିଦେଉଛି ବୋଲି ବିଚାରପତି ଏସଏମ ସୁବ୍ରମଣ୍ୟନ କହିଛନ୍ତି । ତାଙ୍କ ଉପରେ ଚାରିଆଡୁ ଆକ୍ରମଣ କରାଯାଇଥିଲା । ଏଥିପାଇଁ ଅଜିତଙ୍କ ମୃତ୍ୟୁ ହୋଇଥିଲା । ସାଧାରଣ ହତ୍ୟାକାରୀ ବି ଏଭଳି କ୍ଷତ ଚିହ୍ନି ପାରିବ ନାହିଁ । ପୁଲିସ ମିଳିମିଶି ତାଙ୍କୁ ମାରିଥିଲେ । ସାକ୍ଷରତା ହାର କମ୍ ଥିବା କିଛି ଉତ୍ତର ଭାରତୀୟ ରାଜ୍ୟରେ ବି ଏଭଳି ଘଟଣା ଦେଖିବାକୁ ମିଳେନାହିଁ । ତାମିଲନାଡୁ ସବୁଥିରେ ଆଗରେ ଅଛି ବୋଲି ସରକାର କହୁଛନ୍ତି । ତାହେଲେ ଏଭଳି ଘଟଣା ଘଟିବାକୁ କାହିଁକି ଦିଆଯାଉଛି? କୌଣସି ଥାନାରେ ଏଭଳି ହେବା ଅନୁଚିତ । ଅଜିତଙ୍କ କୌଣସି ଆପରାଧିକ ରେକର୍ଡ ମଧ୍ୟ ନ ଥିଲା । ଏହା ସତ୍ତ୍ୱେ ତାଙ୍କୁ ମାରି ଦିଆଗଲା । ବିନା ଏତଲାରେ ଏହି ମାମଲା ସ୍ୱତନ୍ତ୍ର ଟିମ୍ ହାତକୁ କେମିତି ଗଲା? ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ ଚୋରି ଅଭିଯୋଗରେ ଅଜିତଙ୍କୁ ଗିରଫ କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ତାଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା । ୩୦ରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୀଡ଼ିତ ପରିବାର ହାଇକୋର୍ଟ ଯାଇଥିଲେ । ପୁଲିସ ଏହି ମାମଲାରେ ୫ ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା । ଶିବଗଙ୍ଗା ଏସ୍‌ପିଙ୍କୁ ହଟା ଯାଇଥିଲା । ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଅଜିତଙ୍କ ମାଆଙ୍କ ଆଧାରରେ ଏତଲା କାହିଁକି ରୁଜୁ କରାଯାଇ ନ ଥିଲା? ଘଟଣାର ସିସିଟିଭି ଫୁଟେଜ କୁଆଡେ ଗଲା? ଅଜିତଙ୍କ ଭାଇଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଏବଂ ସରକାରୀ ଚାକିରି ଦେବାର ପ୍ରତିଶ୍ରୁତି ବିବାହ ହଲ୍‌ରେ କାହିଁକି ନିଆଯାଇଥିଲା? ଏହି ମାମଲାର ସିବିଆଇ ଯାଞ୍ଚ କରିବାକୁ କୋର୍ଟ କହିଥିଲେ । ବେଆଇନ ମୃତ୍ୟୁର କାରଣ ପାଲଟି ଥିବା ବଡ଼ ଅଧିକାରୀଙ୍କଠାରୁ ନେଇ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଅବସରପ୍ରାପ୍ତ ବିଚାରପତି ଜନ୍ ସୁନ୍ଦରଲାଲ ସୁରେଶଙ୍କ ନେତୃତ୍ୱରେ ନ୍ୟାୟିକ ଯାଞ୍ଚ କରିବାକୁ କହିଛନ୍ତି ।

## ଛାତି ଉପରେ ବସି ନର୍ସିଂ ଛାତ୍ରୀଙ୍କ ଗଳା କାଟିଲା ପ୍ରେମିକ

ଭୋପାଳ, ୧।୭(ଏଜେନ୍ସି): ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାରେ ଏକ ଅଭାବନୀୟ ତଥା ବିଚଳିତ କଲା ଭଳି ଘଟଣା ଘଟିଛି । ଜିଲ୍ଲା ହସ୍ପିଟାଲ୍‌ରେ ଅଭିଷେକ କୋଷ୍ଟି ସର୍ବସମ୍ମୁଖରେ ଜଣେ ନର୍ସିଂ ଛାତ୍ରୀଙ୍କ ଛାତି ଉପରେ ବସି ଗଳା କାଟି ତାଙ୍କୁ ହତ୍ୟା କରିଛି । ଜୁନ୍ ୨୭ରେ ହିଁ ଏହି ଘଟଣା ଘଟିଛି । ସନ୍ଧ୍ୟା ଚୌଧୁରୀ ନାମକ ଏହି ଛାତ୍ରୀ ଜଣକ ଛଟପଟ ହେଉଥିବା ବେଳେ ସେଠାରେ ଉପସ୍ଥିତ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ଆସି ନଥିଲେ । କିନ୍ତୁ ସେ ଛଟପଟ ହୋଇ ମରିବା ପର୍ଯ୍ୟନ୍ତ ଭିଡିଓ ବନାଇଥିଲେ । ଏହି ବୀଭତ୍ସ ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି । ଯୁବକ ଜଣକ ସନ୍ଧ୍ୟାଙ୍କ ପ୍ରେମିକ ବୋଲି କୁହାଯାଉଛି । ସନ୍ଧ୍ୟା ଏହି ହସ୍ପିଟାଲରେ ଭୋକେସନାଲ ଟ୍ରେନିଂ ନେଉଥିଲେ । ଏହି ଘଟଣାକୁ ଜଣେ ଡାକ୍ତର ମୋବାଇଲରେ ରେକର୍ଡିଂ କରିଥିଲେ । କଳା ସାର୍ଟ ପିନ୍ଧିଥିବା ଅଭିଷେକ ସନ୍ଧ୍ୟାଙ୍କୁ ପ୍ରଥମେ ଚାପୁଡା ମାରି ତଳେ ପକାଇଦେଇଥିଲେ । ଏହାପରେ



ଛାତି ଉପରେ ବସି ସେ ସନ୍ଧ୍ୟାଙ୍କ ଗଳା କାଟିଥିଲା । ଏହି ସବୁ ଘଟଣା ଦିନ ଦ୍ୱିପହରରେ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ହିଁ ଘଟିଥିଲା ।




## ୯୦୦ ଫୁଟ୍ ତଳକୁ ଖସିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇଦିନ ପରେ ଆଉଏକ ଏୟାର ଇଣ୍ଡିଆର ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା । ଜୁନ୍ ୧୪ରେ ଏୟାର ଇଣ୍ଡିଆର ଏକ ବିମାନ ଅଚାନକ ୯୦୦ ଫୁଟ୍ ତଳକୁ ଖସିଆସିଥିଲା । ଦିଲ୍ଲୀରୁ ଏହି ବିମାନ ଅଷ୍ଟ୍ରିଆ ରାଜଧାନୀ ଭିଏନା ଯାଉଥିଲା । ଦିଲ୍ଲୀ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବା ପରେ ହିଁ ବିମାନ ତଳକୁ ଖସିବାରେ ଲାଗିଥିଲା । ତେବେ ଏହି ବିମାନ ୯ ଘଣ୍ଟା ୮ ମିନିଟ୍‌ର ଉଡାଣ ପରେ ଭିଏନାରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଥିଲା । ଏହି ଘଟଣା ଯାଞ୍ଚ୍ ଆରମ୍ଭ ହୋଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି । ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିମାନର ଦୁଇ ପାଇଲଟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି । ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକ (ଡିଜିସିଏ)କୁ ଅବଗତ କରାଯାଇଛି ବୋଲି କୁହାଯାଇଛି । ରେକର୍ଡରୁ ତଥ୍ୟ ସଂଗ୍ରହ କରାଯାଇଛି ଓ ଯାଞ୍ଚ ଚାଲୁ ରହିଛି ବୋଲି କୁହାଯାଇଛି ।

## ଆଇଏନ୍‌ଏସ୍ ତମାଲ ନୌସେନାରେ ସାମିଲ




ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଭାରତୀୟ ନୌସେନାରେ ଆଉ ଏକ ଅତ୍ୟାଧୁନିକ ଗୁପ୍ତ ଯୁଦ୍ଧପୋତ ସାମିଲ ହୋଇଛି । ଏହି ଲଢୁଆ ଜାହାଜ ହେଉଛି 'ଆଇଏନ୍‌ଏସ୍ ତମାଲ' । ଏହାକୁ ରୁଷିଆର କଲିନିଗ୍ରାଡ୍‌ରେ ମଙ୍ଗଳବାର କମିଶନ କରାଯାଇଛି । କମିଶନିଂ ଉତ୍ସବରେ ଭାଇସ ଆଡମିରାଲ୍ ସଞ୍ଜୟ ଜେ ସିଂ ଅଧ୍ୟକ୍ଷତା କରିଥିଲେ । ରୁଷିଆ ହିଁ ଭାରତକୁ ଏହି ଲଢୁଆ ଜାହାଜ ପ୍ରଦାନ କରିଛି । ରୁଷ୍ ତରଫରୁ ଅଷ୍ଟମ କ୍ରିଭାକ କ୍ଲାସ ତଥା ଦ୍ୱିତୀୟ ତୁଲସି- କ୍ଲାସ ଲଢୁଆ ଜାହାଜ ଭାରତକୁ ମିଳିଛି । ୨୦୧୬ରେ ଭାରତ ଓ ରୁଷିଆ ମଧ୍ୟରେ ୨୧, ୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ହୋଇଥିଲା ଓ ତମାଲ ହେଉଛି ଏହାର ଅଂଶବିଶେଷ । ଆଇଏନ୍‌ଏସ୍ ତମାଲରେ ୨୬ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳ ସାମିଲ ହୋଇଛି । ଏହା ଘଣ୍ଟାପ୍ରତି ୫୫ କିମି ବେଗରେ ଗତି କରିପାରିବ । ଏହାର ଓଜନ ୩, ୯୦୦ ଟନ । ଏଥିରେ ଓଜନଦାର ଅସ୍ତ୍ର ସମେତ ବିକଶିତ ସେନ୍ସର ଓ ଗୋଟିଏ ହେଲିକପ୍ଟର ନେଇ ଯିବାର ବ୍ୟବସ୍ଥା ରହିଛି । ୧୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଜାହାଜରେ ଗୋଟିଏ ଅଧା ଫୁଟବଲ ପଡ଼ିଆ ରହିପାରିବ । ଏହାକୁ ରାଡାର ଠାବ କରିବା ଅସମ୍ଭବ । ଏହା ଭାରତ ମହାସାଗର ଓ ଆରବ ସାଗରରେ ନିୟୋଜିତ ହେବା ସହ ପାକିସ୍ତାନ ସୀମାକୁ ନୀରିକ୍ଷଣ କରିବ ।

# ଟ୍ରମ୍ପଙ୍କ ଧମକ; ମସ୍କଙ୍କୁ ଦକ୍ଷିଣ ଆଫ୍ରିକା ତଡ଼ିଦେବି

**ବନ୍ଧୁ ପାଲଟିଲା ବଇରୀ**
■ ବେପାର ବନ୍ଦ ହୋଇଗଲେ କିଛି କରିପାରିବେନି ମସ୍କ
■ କାର୍ ବିକିବେ ନା ଉତ୍‌କ୍ଷେପଣ ହେବ ଉପଗ୍ରହ
■ ଇଲେକ୍‌ଟ୍ରିକ୍ ଗାଡ଼ି କିଣିବା ପାଇଁ ସମସ୍ତଙ୍କୁ ବାଧ କରିବା ଭୁଲ୍
■ ୨୦ ବର୍ଷରେ ମସ୍କଙ୍କୁ ମିଳିଛି ୩୧ ଲକ୍ଷ କୋଟିର ସହାୟତା

ୱାଶିଂଟନ, ୧।୭ (ଏଜେନ୍ସି): ବ୍ୟାବସାୟିକ ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି । ସ୍ଥିତି ଏପରି ବିଗିଡି ଯାଇଛି ଯେ ଉଭୟେ ପରସ୍ପରକୁ ଧମକ ଦେବାରେ ଲାଗିଛନ୍ତି । ପୁରୁଣା ବନ୍ଧୁତ୍ୱକୁ ଭୁଲି ଯାଇଛନ୍ତି । ନିର୍ବାଚନରେ ସହାୟତା କରିଥିବାର କଥା ବି ପାସୋରି ଯାଇଛନ୍ତି । ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ସର୍ବ ସମ୍ମୁଖରେ ଦୁଇ ପୁରୁଣା ମିତ୍ର ପରସ୍ପର ବିରୋଧରେ ଭୟଙ୍କର ଟିପ୍ପଣୀ ଦେବାରେ ଲାଗିଛନ୍ତି । ଆମେରିକା ରାଷ୍ଟ୍ରପତି ତଥା ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପୁରୁଣା ବନ୍ଧୁ ତଥା ଷ୍ଟାରଲିଙ୍କର ମାଲିକ ଏଲନ ମସ୍କଙ୍କ କ୍ଷେତ୍ରରେ ଏଭଳି ଘଟିଛି । ଦିନେ ମସ୍କଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ଟ୍ରମ୍ପ ଏବେ ତାଙ୍କର ଘୋର ବିରୋଧୀ ହୋଇ ଯାଇଛନ୍ତି । ସରକାରଙ୍କ ନୀତିକୁ ସମାଲୋଚନା କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଆଜି ବ୍ୟବସାୟୀ ମସ୍କଙ୍କୁ ଟ୍ରମ୍ପ ନିଶାଣ କରିଛନ୍ତି । ସେ



କହିଛନ୍ତି ଯେ ରିଆତି ବନ୍ଦ ହୋଇଗଲେ ମସ୍କଙ୍କୁ ନିଜ କମ୍ପାନୀ ବନ୍ଦ କରିବାକୁ ପଡ଼ିବ । ତାଙ୍କୁ ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପଡିବ । ରିଆତି ବନ୍ଦ କରିଦେଲେ ଟେସ୍‌ଲା ଇଲେକ୍‌ଟ୍ରିକ କାର୍ ଉତ୍ପାଦନ କରିପାରିବନି । ସ୍ପେସ୍‌ଏକ୍ସ ରକେଟ୍ ଏବଂ ଉପଗ୍ରହ ମଧ୍ୟ ଉତ୍‌କ୍ଷେପଣ କରିପାରିବ ନାହିଁ ।

ଟ୍ରମ୍ପ ଦାବି କରିଛନ୍ତି ଯେ ସରକାରୀ ରିଆତିରୁ ମସ୍କ ଯେତିକି ଟଙ୍କା ପାଇଛନ୍ତି ସେତିକି ଆଉ କେହି ପାଇ ନାହାନ୍ତି । ମାମଲାର ଯାଞ୍ଚ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ଦେଶର ଅର୍ଥ ସଞ୍ଚୟ ହେବ । ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରପତି ପଦ ପାଇଁ ସମର୍ଥନ କରିବା ପୂର୍ବରୁ ମୁଁ ଇଭି ଯାନର ବିରୋଧୀ ବୋଲି ସେ ଜାଣିଥିଲେ । ଇଲେକ୍‌ଟ୍ରିକ ଗାଡ଼ି ଭଲ, କିନ୍ତୁ ସମସ୍ତଙ୍କୁ ଏହା କିଣିବା ପାଇଁ ବାଧ କରିବା ଭୁଲ୍ । ସୂଚନାଯୋଗ୍ୟ ଯେ ଆମେରିକା ମସ୍କଙ୍କୁ ଗତ ୨୦ ବର୍ଷରେ ୩୧ ଲକ୍ଷ କୋଟି ଟଙ୍କାର ସହାୟତା ଦେଇଛି । ଏହା ପୂର୍ବରୁ ଗତ ଶନିବାର ଟ୍ରମ୍ପଙ୍କ 'ବିଗ୍ ବ୍ୟୁଟିଫୁଲ ବିଲ୍'କୁ ମସ୍କ ପୁଣିଥରେ ବିରୋଧ କରି ଏହା ଆମେରିକାର ଲକ୍ଷ ଲକ୍ଷ ଚାକିରି ଖାଇଦେବ ବୋଲି କହିଥିଲେ । ଆମେରିକାରେ ନୂଆ ଦଳ ଗଢ଼ିବେ ବୋଲି କହିଥିଲେ ମସ୍କ ।

# ଆଜି ତିନିରଥର ଦକ୍ଷିଣ ମୋଡ଼



ପୁରୀ, ୧।୭ (ସମିସ): ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ।

- ସରିଲା ତିନିରଥ ଯାଞ୍ଚ
- ତାଳଧ୍ୱଜ ରଥର ୯ ଚକରେ ଲାଗିଲା ୧୮ ଖଣ୍ଡ ପ୍ଲେଟ୍

ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଏଥିପାଇଁ ବୁଧବାର ତିନିରଥର ହେବ ଦକ୍ଷିଣ ମୋଡ଼। ଅର୍ଥାତ୍ ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବୈଷୟିକ ଟିମ୍ ଦ୍ୱାରା ମଙ୍ଗଳବାର ତିନିରଥର ଯାଞ୍ଚ କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟମୋଟ ମରାମତି ହୋଇଛି। ରଥଯାତ୍ରାରେ ତିନିରଥ ପ୍ରାୟ ୨.୬କିମି ବଡ଼ଦାଣ୍ଡରେ ଗଡ଼ିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ରଥ ଟାଣିଥିଲେ। ତେଣୁ ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ, ସେଥିଲାଗି ମଙ୍ଗଳବାର ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ



ତାହାକୁ ବାଡ଼ାଯାଇଛି। ଫାଟ ଜାଗାରେ ପହିପାତିଆ ଓ ଲୁହା କ୍ଲାମ୍ପ୍ ଦିଆଯାଇ ମରାମତି ହୋଇଛି। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥର ୯ଚକରେ ୧୮ଖଣ୍ଡ ପହିପାତିଆ (ପ୍ଲେଟ୍) ଏବଂ ନନ୍ଦିଘୋଷ ରଥରେ ୨ଖଣ୍ଡ ପହିପାତିଆ ବାଡ଼ିଆ ଯାଇଛି। ଗୋଟିଏ ପ୍ଲେଟ୍‌ର ଚଉଡ଼ା ୬ ଇଞ୍ଚ ଏବଂ ଲମ୍ବ ୨ଫୁଟ୍ ରହିଥିଲା। ଏହାକୁ ଚକ ପହି ଫାଙ୍କ ଜାଗାରେ ଦୁଇପଟେ ଦିଆଯାଇ ସେଟ୍ କରାଯାଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା, ତାହାର ସମାଧାନ କରାଯାଇଛି। ଏଥିପାଇଁ ରେଲୱେ ଜଗ୍ ବ୍ୟବହାର କରାଯାଇଥିଲା। ଏହାସହ ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ଆସନ୍ତାକାଲି ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି। ସୂଚନାଥାଉ କି, ଦକ୍ଷିଣୀ ମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ଯାଞ୍ଚ କରାଯାଇଥିଲା।

## ଆଜିଠୁ ଆଡ଼ପ ମଣ୍ଡପରେ ରାସଲୀଳା

# ଗୋପୀଙ୍କ ସହ ରାସ କରିବେ ମହାପ୍ରଭୁ

ପୁରୀ,୧।୭(ସମିସ): ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ଭକ୍ତ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଆଗେଇ ଚାଲିଛି। ବୁଧବାରଠାରୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆରମ୍ଭ ହେବ ତିନିଦିନିଆ ରାସଲୀଳା। ଗୋପୀମାନଙ୍କ ସହିତ ରାସଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସବୁ ଯୁଗର ଦେବତା। ସେ ସତ୍ୟ ଯୁଗର ନୃସିଂହ ଓ ବାମନ। ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରମ ଆଉ ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ମନ କଥା ଜାଣିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଭଗବାନଙ୍କୁ କ'ଣ ସୁଖ ଲାଗେ ସେହିଭଳି କାର୍ଯ୍ୟ କରୁଥିଲେ ଗୋପୀମାନେ। ତେଣୁ ଏଠାରେ ମଧ୍ୟ ଶ୍ରୀଗୁଣ୍ଡିଚା ମଣ୍ଡପ ତିନିଦିନ ଧରି ରାସମଣ୍ଡପରେ ପରିଣତ ହୁଏ। ମହାପ୍ରଭୁ ପତିତପାବନ ଯାତ୍ରା କରିବା ପାଇଁ ଜନ୍ମବେଦୀକୁ ଆସିଥିବା ସମୟରେ ଗୋପୀମାନଙ୍କ ସହିତ ଏହି ମଣ୍ଡପରେ ରାସ ରସରେ ମଗ୍ନ ହୁଅନ୍ତି। ସେଥିପାଇଁ ସାଙ୍ଗରେ ପ୍ରିୟତମା ପତ୍ନୀ ମହାଲକ୍ଷ୍ମୀଙ୍କୁ ଆଣି ନ ଥା'ନ୍ତି। ତଥାପି ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। ଠାକୁରଙ୍କଠାରୁ ଆଜ୍ଞାମାଳ ପାଇବା ପରେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଯାଇଥା'ନ୍ତି। ଏହା ପରଦିନଠାରୁ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଶ୍ରୀଗୁଣ୍ଡିଚା ମଣ୍ଡପରେ ଗୋପୀମାନଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ସର୍ପାମଣୋହି ହୁଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାସ ନୀତି ବୋଲି କୁହାଯାଏ। ଏହିଭଳି ଭାବେ ତିନିଦିନ ଧରି ରାସବିହାରୀ ଶ୍ରୀଜଗନ୍ନାଥ ବର୍ଷାକାଳୀନ ରାସଲୀଳା ଶ୍ରୀଗୁଣ୍ଡିଚା ମଣ୍ଡପରେ କରିଥା'ନ୍ତି। ମହାପ୍ରଭୁଙ୍କର ଏହି ରାସଲୀଳାକୁ ଯେଉଁମାନେ ଭକ୍ତିପୂର୍ବକ ଦର୍ଶନ କରନ୍ତି ସେମାନେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

# ନଦୀ ପାର୍ ବେଳେ ଭାସି ଗଲେ; ୨ ମୃତ



ଖଇରପୁଟ,୧।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ନାଲିଗୁଡ଼ା କଲୋନୀ ନଦୀରେ ଭାସି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗାଁର ଲବ ଡେରା (୪୫) ଓ ଶୁକ୍ରି ଫଟକା(୪୦)। ଖଇରପୁଟ ଦମକଳ ବାହିନୀ ଉଭୟଙ୍କ ମୃତଦେହକୁ ଉଦ୍ଧାର କରିଛି। ସୂଚନାନୁସାରେ, ଲବ ଓ ଶୁକ୍ରୁ ଗତକାଲି ଜମିକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ ବର୍ଷା ଯୋଗୁଁ ନଦୀର ସୁଅ ବଢ଼ି ଯାଇଥିଲା। ଫଳରେ ଉଭୟ ନଦୀ ପାର୍ ହେବା ବେଳେ ସୁଅରେ ଭାସି ଯାଇଥିଲେ। ଗାଁଲୋକେ ଖୋଜାଖୋଜି କରି ଲବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆଜି ସକାଳେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଶୁକ୍ରିଙ୍କ ମୃତଦେହ ଠାବ କରିଥିଲା। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କାନ୍ଥ ବାଡ଼ରେ ସାଂସଦଙ୍କ ନିଖୋଜ ପୋଷ୍ଟର




ପୁରୀ, ୧।୭(ସମିସ): ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ରଥଯାତ୍ରାରେ ବହୁ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଆସି ଯଦି ଜୀବନ ଚାଲିଯାଉଛି, ତେବେ ସରକାର, ପ୍ରଶାସନ କରୁଛନ୍ତି କ'ଣ। ଜନପ୍ରତିନିଧି କୁଆଡ଼େ ଗଲେ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କର ଦେଖାନାହିଁ। ଏଭଳି ଏକ ଚର୍ଚ୍ଚା ଭିତରେ ପୁରୀ ସହରର ବିଭିନ୍ନ କାନ୍ଥବାଡ଼ରେ ଲାଗିଛି ସାଂସଦଙ୍କ ନିଖୋଜ ପୋଷ୍ଟର। ପୋଷ୍ଟର୍‌ରେ ସାଂସଦ ଡ. ପାତ୍ରଙ୍କ ଫଟୋ ଥିବା ବେଳେ ସାଂସଦ ପୁରୀ ନିଖୋଜ ବୋଲି ଲେଖାଯାଇଛି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

## ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ

# ଧର୍ମକୁ ଆଖିଠାର: ବିଜେପିରୁ ୫ ନିଲମ୍ବିତ

ଭୁବନେଶ୍ୱର,୧।୭(ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜେ ପ୍ରତିଶ୍ରୁତି ଦେଇଥିଲେ। ଆକ୍ରମଣ ପଛରେ ମୁଖ୍ୟ ନାୟକ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କ ସହ ସମସ୍ତ ଆକ୍ରମଣକାରୀଙ୍କ ବିରୋଧରେ ଉଭୟ ଦଳ ଏବଂ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଓଏଏସ୍ ସଂଘ ଓ ରାଜ୍ୟବାସୀ ଆଶା ରଖିଥିଲେ। ମାତ୍ର ଏପରି ସ୍ପର୍ଶକାତର ଘଟଣାରେ ଦଳ ଯେପରି ଆଭିମୁଖ୍ୟ ରଖିଛି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟ ସଭାପତି ଆକ୍ରମଣରେ ସଂପୃକ୍ତ ଥିବା ୫ ଜଣଙ୍କୁ ନିଲମ୍ବିତ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟରେ କେବେ ଘଟି ନଥିବା ଏପରି ବର୍ବରୋଚିତ ଆକ୍ରମଣ ଘଟଣାରେ ନିଲମ୍ବନ ଯଥେଷ୍ଟ କି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବରିଷ୍ଠ ଓଏଏସ ଶ୍ରୀ ସାହୁଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏପଟେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ଏବଂ ଓଏଏସ ସଂଘ ଆଲୋଚନା ବେଳେ ଅପରାଧୀ ଯେତେ ଶକ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ଯାହାଫଳରେ ରତ୍ନାକରଙ୍କୁ ଉଚିତ୍ ନ୍ୟାୟ ମିଳିବ ବୋଲି ଆଶା କରାଯାଉଥିଲା। ମାତ୍ର ମଙ୍ଗଳବାର ରାଜ୍ୟ ବିଜେପି ସଭାପତି ଆକ୍ରମଣକାରୀଙ୍କୁ ନିଲମ୍ବନ କରିବା ପରେ ରାଜ୍ୟ ବିଜେପିର ଉଚ୍ଚାରଣ ଏବଂ ଆଚରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ ଜଘନ୍ୟ କାଣ୍ଡରେ ନିଲମ୍ବନ ଯଥେଷ୍ଟ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦଳ ଏପରି ସମ୍ବେଦନଶୀଳ ଘଟଣାକୁ ସତରେ ଗୁରୁତର ସହ ନେଇଥାନ୍ତା, ତାହେଲେ ସମସ୍ତ ଅଭିଯୁକ୍ତଙ୍କୁ ଅତିକମରେ ବହିଷ୍କାର କରିଥାନ୍ତା, ମାତ୍ର ଦଳ ସେପରି କିଛି କଲାନାହିଁ। ସେହିପରି ପରଦା ପଛରେ ଥିବା ଦଳର ନେତା ଜଗନ୍ନାଥ ପ୍ରଧାନଙ୍କ ଦେହରେ ହାତ ମାରିବାକୁ ଦଳର ସଭାପତି ସାହସ ଜୁଟାଇ ପାରିଲେ ନାହିଁ। ଯଦି ୫ ଜଣଙ୍କ ସହ ସଭାପତି ଜଗନ୍ନାଥଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। ଗତ ସରକାର ସମୟରେ ବିଜେଡିର ଜଣେ ବିଧାୟକ ସରୋଜ ମେହେର ଜଣେ ଜେଇଙ୍କୁ ଉଠବସ କରିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କୁ ଜେଲ୍ ପଠାଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଘଟିଥିବା ଘଟଣାରେ ତତ୍କାଳୀନ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଗତକାଲି ଘଟଣାରେ ବିଜେପିର କାର୍ଯ୍ୟାନୁଷ୍ଠାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପିର ନନିଲମ୍ବନ ଆଦେଶ ଧର୍ମକୁ ଆଖିଠାର ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଉ ୨ଜଣ ଗିରଫ

ଭୁବନେଶ୍ୱର,୧।୭(ସମିସ): ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ଘଟଣାରେ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ଝାରପଡ଼ାର ସଞ୍ଜୀବ ମିଶ୍ର ଓ ଲକ୍ଷ୍ମୀସାଗରର ସଚ୍ଚିକାନ୍ତ ସ୍ୱାଇଁ। ଦୁହେଁ ବିଜେପିର ଆଗଧାଡ଼ିର କର୍ମୀ ଏବଂ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି କୁହାଯାଉଛି। ଅପରପକ୍ଷେ ଗତକାଲି ଗିରଫ ହୋଇଥିବା ଅପରୂପ, ରଶ୍ମି ଓ ଦେବାଶିଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ମାତ୍ର ଏହି ଘଟଣାର ପ୍ରଚ୍ଛଦପଟରେ ଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ, ଗିରଫ ଯୁବକମାନେ ବିଏମ୍‌ସି କାର୍ଯ୍ୟାଳୟରେ ଜଗନ୍ନାଥ ପ୍ରଧାନଙ୍କ ନାମ ନେଇ ଅତିରିକ୍ତ କମିସନରଙ୍କୁ ପିଟିଥିଲେ ବୋଲି ଅଭିଯୋଗ ହୋଇଛି।

# ରଥଯାତ୍ରାକୁ ବିଜେପି ଦଳୀୟ ଉତ୍ସବ କରିଛି: କଂଗ୍ରେସ



ଭୁବନେଶ୍ୱର,୧।୭(ସମିସ): ବିଏମସିର ଅତିରିକ୍ତ କମିଶନଙ୍କୁ ବିଜେପି କର୍ମୀ ମାଡ଼ ମାରିବା ଘଟଣାକୁ ନେଇ ବର୍ଷିଲେ ପିସିସି ସଭାପତି ଭକ୍ତ ଚରଣ ଦାସ। ବିଏମସିରେ ଜନଶୁଣାଣି ଚାଲିଥିବା ବେଳେ ବିଜେପିର ଜଣେ କର୍ପୋରେଟର ଓ ୧୦ ଜଣ କର୍ମୀ ଅତିରିକ୍ତ କମିଶନରଙ୍କୁ ମାଡ ମାରିଲେ। ମାଡ଼ ମାରିଥିବା କର୍ମୀମାନେ ଭୁବନେଶ୍ୱର ମଧ୍ୟମ ବିଜେପି ବିଧାୟକ

- କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ରଥଯାତ୍ରା ବିଭ୍ରାଟ
- ମୁଖ୍ୟମନ୍ତ୍ରୀଙ୍କଠାରୁ ସାହସ ପାଇ ବିଜେପି କର୍ମୀ ଉତ୍ପାତ ହେଉଛନ୍ତି

ପ୍ରାର୍ଥୀଙ୍କ ନାଁ ନେଉଥିଲେ। ଏଭଳି ସ୍ଥିତି ଯୋଗୁଁ ସରକାରୀ ଅଧିକାରୀମାନେ ବିଜେପି ନେତାଙ୍କର ଗୋଲାମ ହୋଇଗଲେଣି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ତେଣୁ ପୂରା ଓଡ଼ିଶାରେ ଆଜି ଏପରି ପରିସ୍ଥିତି ହେଇଛି ବୋଲି ପିସିସି ସଭାପତି କହିଛନ୍ତି। ସରକାରୀ ଅଧିକାରୀଙ୍କୁ ବିଜେପିକରଣ କରିବାକୁ ଶାସକ ଦଳ ଚାହୁଁଛି ବୋଲି ଶ୍ରୀ ଦାସ ଉଲ୍ଲେଖ କରି ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀ ମାନେ ଆଜି ଅପମାନିତ ହୋଇଛନ୍ତି। ଓଡିଶାରୁ ସରକାରୀ ଅଧିକାରୀ ମାନଙ୍କୁ ସରକାର କ୍ଷମା ମାଗିବା ସହ ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୁରୀ ରଥଯାତ୍ରାରେ ମହା ବିଭ୍ରାଟ ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ଶ୍ରୀ ଦାସ ବର୍ଷିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସରକାରୀ ପ୍ରସ୍ତୁତି କଥା କହିଥିଲେ। ହେଲେ ବିଜେପି ଦଳର ୧୫ଶହ କର୍ମକର୍ତ୍ତା ରଥରେ ସାମିଲ ହେବେ, ସେ କଥା କହି ନ ଥିଲେ। ରଥଟଣା ସମୟରେ ବିଜେପି କର୍ମୀମାନେ ଅବ୍ୟବସ୍ଥା କରିଦେଲେ। ରଥଯାତ୍ରାକୁ କେବଳ ଦଳୀୟ ଉତ୍ସବ କରିବା ପାଇଁ ବିଜେପି ଏମିତି କରିଛି। ଭିଡ଼ ନିୟନ୍ତ୍ରଣକୁ ପ୍ରଶାସନ ଗୁରୁତ୍ୱ ନ ଦେଇ ଭିଆଇପିଙ୍କୁ ଗୁରୁତ୍ୱ ଦେଇଥିବାରୁ ଏଭଳି ବିଭ୍ରାଟ ହୋଇଛି। ତେଣୁ ରଥଯାତ୍ରା ମହାବିଭ୍ରାଟ ପାଇଁ ଜଣେ କାର୍ଯ୍ୟରତ ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଯାଉ। ଉନ୍ନୟନ କମିଶନଙ୍କ ତଦନ୍ତରେ କିଛି ସୁଫଳ ମିଳିବନି। ଯିଏ କମିଟିର ସଦସ୍ୟ, ସେ କିପରି ତଦନ୍ତ କରିବେ। ଓଡିଆ ଅସ୍ମିତା ଓ ଓଡ଼ିଆ ପ୍ରାଣ ଦେଇଚା କ'ଣ ନ୍ୟାୟ ପାଇବେ ଏହି ତଦନ୍ତରୁ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଚାରପତିଙ୍କ ଦ୍ୱାର ତଦନ୍ତ କରାଗଲେ ନ୍ୟାୟ ମିଳିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଟିନେଲେ ୧୦ ଲକ୍ଷର ଗହଣା

ବୈଶିଙ୍ଗା, ୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବିଶ୍ରାମପୁର ଗ୍ରାମର ଭବଜିତ ପ୍ରଧାନଙ୍କ ଘରୁ ମଙ୍ଗଳବାର ଦୁର୍ବୃତ୍ତମାନେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ପିଉସୀଙ୍କ ଦେହ ଅସୁସ୍ଥ ଥିବାରୁ ଘରେ ତାଲା ପକାଇ ଭବଜିତ ସପରିବାରେ କେନ୍ଦୁଆଖୁଣ୍ଟା ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ସେ ଫେରିବା ବେଳକୁ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରିଲ ଭାଙ୍ଗି ଶୋଇବା ଘର ଆଲମିରାର ଲକର୍ ଭାଙ୍ଗି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

# ଜେଲ ଗଲେ ଜମିଦାର ଯୁଗ୍ମ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କୁ ମଙ୍ଗଳବାର ଗିରଫ କରିଛି



ଆୟଠାରୁ ୨୧୨ ପ୍ରତିଶତ ଅଧିକ ସମ୍ପତ୍ତି

ଭିଜିଲାନ୍ସ। ଠାବ ସମ୍ପତ୍ତିର ଉତ୍ତର ଦେଇ ନ ପାରିବାରୁ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ଗିରଫ ପରେ ମେଡ଼ିକାଲ ପରୀକ୍ଷା କରାଯାଇ ତାଙ୍କୁ ଭବାନୀପାଟଣା ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୟାନିଧିଙ୍କ ପାଖରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ଆୟଠାରୁ ୨୧୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସୂଚନାଯୋଗ୍ୟ ସୋମବାର ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ତାଙ୍କର ୮ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କର ୮୪ ଏକର ଜମି, ୪୬ ଏକରରେ ଥିବା ଦୁଇଟି ଫାର୍ମ ହାଉସ ସମେତ ବହୁ ସମ୍ପତ୍ତି ଠାବ କରିଥିଲେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ

କଟକ, ୧।୭(ସମିସ): ଚୁକ୍ତିଭିତ୍ତିକ ନିଯୁକ୍ତି ହେତୁ ଜଣେ ମହିଳା କର୍ମଚାରୀଙ୍କୁ ପ୍ରସୂତି ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏହା ମାନବିକତା ଓ ନାରୀତ୍ୱ ପ୍ରତି ଘୃଣ୍ୟସ୍ପଦ। ହାଇକୋର୍ଟ ଆଜି ଏକ ମାମଲାର ବିଚାର କରି ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ପକ୍ଷରୁ ରୁଜୁ ଏକ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁଠାରେ ନାରୀମାନଙ୍କୁ ସମ୍ମାନିତ କରାଯାଏ, ସେଠାରେ ଦେବତାମାନେ ବି ଆନନ୍ଦିତ ହୁଅନ୍ତି। ମହିଳା କଲ୍ୟାଣ ସମ୍ପର୍କିତ ରାଜ୍ୟ ନୀତିରେ ଏଭଳି କଥାକୁ ଗୁରୁତ୍ୱ ଦିଆଯିବା ଉଚିତ। ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧା ପ୍ରଦାନ ସଂକ୍ରାନ୍ତରେ ଜଣିକିଆ ବିଚାରପତିଙ୍କ ଆଦେଶକୁ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିବା ସହ ଆସନ୍ତା ୮ ସପ୍ତାହ ମଧ୍ୟରେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କ ପ୍ରସୂତିକାଳୀନ ଛୁଟି ସୁବିଧା ଆବେଦନ ଖାରଜ ହେବାରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସୂତି ଛୁଟି ସମ୍ପର୍କିତ ଆଇନ ଉପରେ ତର୍ଜମା କରି ପ୍ରତିପକ୍ଷଙ୍କୁ ପ୍ରସୂତି ଛୁଟିର ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶ ବିରୋଧରେ ଏହି ରିଟ୍ ଦାୟର କରିଥିଲେ। ସରକାରଙ୍କ ଯୁକ୍ତି ଥିଲା ଯେ ପ୍ରତିବାଦୀ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ସେ ପ୍ରସୂତି ଛୁଟିର ଲାଭ ପାଇବାକୁ ହକଦାର ନୁହଁନ୍ତି।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

# ବ୍ରିଟିଶ ଅତ୍ୟାଚାରଠୁ ବଳିଗଲା ବିଜେପିର ଆକ୍ରମଣ: ବିଜେଡି


ଭୁବନେଶ୍ୱର,୧।୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ସ୍ୱଷ୍ଟ ଦିବାଲୋକରେ ବିଜେପି ନେତାଙ୍କ ଦ୍ୱାରା ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ବ୍ରିଟିଶ ଅତ୍ୟାଚାରଠାରୁ ବଳିଯାଇଛି। କ୍ଷମତା ନିଶାରେ ବିଜେପି ନେତା ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଆକ୍ରମଣକାରୀଙ୍କ ଉପରେ ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅଭିଯୋଗ କରିଥିଲେ ଯେ ଆକ୍ରମଣକାରୀମାନେ ହେଉଛନ୍ତି ଶାସକ ବିଜେପିର କାର୍ଯ୍ୟକର୍ତ୍ତା। ସେମାନେ କହିଥିଲେ ଯେ ବିଜେପି ନେତା ତଥା ଗତ ନିର୍ବାଚନରେ ଭୁବନେଶ୍ୱର(ମଧ୍ୟ) ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏଭଳି କାଣ୍ଡ ଘଟିଛି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ନମୁନା ଏବଂ ଶାସକ ବିଜେପିର ଅତ୍ୟାଚାର ମନୋବୃତ୍ତିର ପରିଚୟ। ଶ୍ରୀ ପଣ୍ଡା କହିଥିଲେ ଯେ ବିଏମସିର ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଯେପରି ଆକ୍ରମଣ କରାଗଲା ତାହା ଚଳଚ୍ଚିତ୍ରରେ ପ୍ରଦର୍ଶିତ ହେଉଥିବା ଗୁଣ୍ଡାରାଜ ଦୃଶ୍ୟଠାରୁ କୌଣସି ଗୁଣରେ

- ଶାନ୍ତିପ୍ରିୟ ଓଡ଼ିଶାକୁ କ୍ଷମତା ନିଶାରେ ଅଶାନ୍ତ କରୁଛି ବିଜେପି
- ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ

କମ୍ ନୁହେଁ। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ସ୍ୱଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିବା, ସମଗ୍ର ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିବା ସହ ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ରାଜ୍ୟ ଓଏଏସ୍ ସଂଘ ଏହି ଘଟଣାରେ ପ୍ରଦାନ କରିଥିବା ସ୍ମାରକପତ୍ରରେ ଗତ ଏକ ବର୍ଷରେ ବିଭିନ୍ନ ସ୍ଥାନରେ ସେମାନଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ କରିବା ସହ ସେମାନଙ୍କ ସୁରକ୍ଷା ଓ ସମ୍ମାନ ବିପଦରେ ପଡିଛି ବୋଲି ଉଲ୍ଲେଖ କରିଛନ୍ତି। ଗତ ଏକ ବର୍ଷ ଧରି ରାଜ୍ୟର ପ୍ରଶାସନିକ ଢାଞ୍ଚା ଉପରେ ଯେଉଁଭଳି ଭାବେ ଆକ୍ରମଣ କରାଯାଉଛି, ତାହା ଗ୍ରହଣୀୟ ନୁହେଁ।

ବିଏମସି ମେୟର ସୁଲୋଚନା ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବା



ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଫିସରୁ ଘୋଷାଡ଼ି ଆଣି ଯେଭଳି ବର୍ବରୋଚିତ ଆକ୍ରମଣ କରାଗଲା, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଘଟଣାରେ ଛଅ ସାତ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ପୁଲିସ କେବଳ ପାଞ୍ଚ ଜଣଙ୍କୁ ଗିରଫ କରିଛି। ତେଣୁ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ଓ ଯାହାଙ୍କ ପ୍ରରୋଚନାରେ ଏହି ଘଟଣା ଘଟିଛି, ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୧୦୯ ଦଫା ଲଗାଯାଉ ବୋଲି ସେ ଦାବି କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ ଗତ ୩୦ ବର୍ଷ ଭିତରେ ଏଭଳି ଅମାନବୀୟ କାଣ୍ଡ କେବେ ଘଟିନଥିଲା। ଏଭଳି ଏକ ହୃଦୟ ବିଦାରକ ଘଟଣା ବ୍ରିଟିଶ ଅତ୍ୟାଚାରଠୁ ମଧ୍ୟ ବଳିଯାଇଛି। ଘଟଣାସ୍ଥଳରେ ଦୁଇ ଜଣ ମହିଳା କର୍ପୋରେଟର ବୁଝାସୁଝା କରିବାକୁ ଚେଷ୍ଟା କରିବା ବେଳେ ସେମାନେ ମଧ୍ୟ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇଛନ୍ତି। ବିଧାୟକ ସୁଶାନ୍ତ କୁମାର ରାଉତ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ମଞ୍ଜୁଲତା କହଁର ମଧ୍ୟ ଉପସ୍ଥିତ ଥିଲେ।



ସମ୍ବଲପୁର ଝାଡୁଆପଡ଼ାର ଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କ କୃଷ୍ଣ ବଳରାମ ଅବତାର

# ରେଢ଼ାଖୋଲ ରଥଯାତ୍ରାରେ ହେରାପଞ୍ଚମୀ

ରେଢ଼ାଖୋଲ,୧।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇ ଯାତ୍ରା ଆରମ୍ଭ କରି ମାଉସୀମା ଗୁଣ୍ଡିଚାଙ୍କ ମନ୍ଦିରକୁ ବିଜେ କରିଛନ୍ତି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଏହି ଯାତ୍ରା ପଞ୍ଚମ ଦିନରେ ଚାଲିଥିବା ବେଳେ



ମଙ୍ଗଳବାର ସନ୍ଧ୍ୟାରେ ହେରା ପଞ୍ଚମୀ ପାଳିତ ହୋଇଛି । ଏଥିରେ ପୂଜକ ରଞ୍ଜନା ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ । ମାଁ ମହାଲକ୍ଷ୍ମୀଙ୍କୁ ଏକ ବିମାନରେ ପିନୁ ପଣ୍ଡା ନିଜ କାନ୍ଧରେ ଧାରଣ କରି ଭଜନ ସଂକୀର୍ତ୍ତନ କରି ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ । ମାଁ ମହାଲକ୍ଷ୍ମୀଙ୍କୁ ମନ୍ଦିରରେ ଏକୁଟିଆ ଛାଡ଼ି ମହାପ୍ରଭୁ ମାଉସିମା ମନ୍ଦିରରେ ରହିଛନ୍ତି । ଏଥିରେ କ୍ଷୋଭ ପ୍ରକାଶ କରି ମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିରକୁ ମାଁ ବିଜେ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରି ମାଁ ମହାଲକ୍ଷ୍ମୀ ରଥ କାଠ ଭାଙ୍ଗିବା ସହିତ ବାଟ ଭାଙ୍ଗି ମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ । ଆଜି ଦିନରୁ ଶ୍ରୀଜଗନ୍ନାଥଙ୍କ ରଥ ଦକ୍ଷିଣା ମୋଡ଼ ହୋଇ ରହିବ । ଏଥିରେ ଦେବୋତ୍ତର ବିଭାଗ ମ୍ୟାନେଜର ରାଜେଶ ସାହୁ, କୁଞ୍ଜ ବିହାରୀ ନନ୍ଦ, ସାମ୍ବାଦିକ ଗୋବର୍ଦ୍ଧନ ବଘାର ପ୍ରମୁଖଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ରହିଥିଲେ ।

# ଆଈକୁ ହତ୍ୟା ଘଟଣାରେ ନାତି ଗିରଫ

ରେଢ଼ାଖୋଲ,୧।୭ (ସମିସ): ପାରିବାରିକ କଳହରୁ ନାତି ନିଜ ଆଈର ଜୀବନ ନେଇଛି । ଏପରି ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ ଥାନା ଅଧୀନ ସାଗଜୋରି ଗାଁରେ



ଦେଖିବାକୁ ମିଳିଛି । ସାଗଜୋରିର ୨୧ ବର୍ଷୀୟ ଯୁବକ ଅଜୟ ସୁରିନ୍ ନିଜ ୮୦ ବର୍ଷ ବୟସ୍କା ଆଈ ଫୁଲିତ୍ ସୁରିନ୍‌ଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ । ଫଳରେ ଘଟଣା ସ୍ଥଳରେ ବୃଦ୍ଧା ଆଈଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ଘରେ ପାରିବାରିକ କଳହ ଉଗ୍ରରୂପ ନେବାରୁ ଏପରି ଘଟିଥିବା ଜଣାପଡ଼ିଛି । ଏ ସଂକ୍ରାନ୍ତରେ ମନୀଷା ସୁରିନ୍ ଚାରମାଳ ଥାନାକୁ ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ । ଚାରମାଳ ପୁଲିସ ମାମଲା ରୁଜୁ କରି ତଦନ୍ତ ବେଳେ ସାକ୍ଷ୍ୟ ଗ୍ରହଣ କରିବା ସହିତ ଅଭିଯୁକ୍ତ ବ୍ୟବହାର କରିଥିବା କାଠଫାଳିଆକୁ ଜବତ କରିଥିଲା । କିନ୍ତୁ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଥିଲା । ମଙ୍ଗଳବାର ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଏଡିପିଓ ପ୍ରଶାନ୍ତ ମେହେର ସୂଚନା ଦେଇଛନ୍ତି ।

# କମେଣ୍ଟ ମରାକୁ ନେଇ ଆକ୍ରମଣ

● ଚିକିତ୍ସାଧିନ ଅବସ୍ଥାରେ ଯୁବକ ମୃତ

ସମ୍ବଲପୁର,୧।୭ (ସମିସ):ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ମହଙ୍ଗା ପଡ଼ିଛି । କମେଣ୍ଟ ମାରିଥିବା ଯୁବକଙ୍କୁ ଯୁବତୀଙ୍କ ପରିବାର ଲୋକ ଆକ୍ରମଣ କରିବା ଫଳରେ ଚିକିତ୍ସାଧିନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଛି । ଏ ନେଇ ବୁର୍ଲା ପୁଲିସ ଜଣଙ୍କୁ ଗିରଫ କରିଛି ।



ଗିରଫ ଅଭିଯୁକ୍ତ ହେଉଛନ୍ତି ବୁର୍ଲା ଥାନା ଅନ୍ତର୍ଗତ ପଠାଣବନ୍ଧର ବିନୋଦ ରାୟ(୨୧) । ସୂଚନା ଅନୁସାରେ ଗତ ୨୯ ତାରିଖ ସନ୍ଧ୍ୟାରେ ଦିନେଶ ରାୟଙ୍କ ଝିଅ ବାହାରକୁ ଚାଲିବାକୁ ଯାଇଥିଲେ । ଏହି ସମୟରେ ମୃତ ବଳରାମ ବାଗ କମେଣ୍ଟ ମାରିଥିଲେ । ଘରକୁ ଫେରି ଝିଅ ପରିବାରକୁ ଏନେଇ କହିଥିଲେ । ପରେ ଅଭିଯୁକ୍ତ ସମେତ ପରିବାର ଲୋକ ଯାଇ ଗାଳିଗୁଲଜ କରିଥିଲେ । ଅଭିଯୁକ୍ତ ବଳରାମଙ୍କ ମୁଣ୍ଡରେ ବାଉଁଶରେ ଆଘାତ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା । ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଥିଲା । ବଳରାମଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବହୁ ଚର୍ଚ୍ଚିତା ଶଶୀ ପାଗଡ଼ ହତ୍ୟା ଘଟଣା ପର୍ଦ୍ଦାଫାସ

# ପୁଲିସ ଭୟରେ ହତ୍ୟା ପରେ ଜାଳି ଦେଇଥିଲା

ସମ୍ବଲପୁର,୧।୭ (ସମିସ)





ବହୁ ଚର୍ଚ୍ଚିତ ହୀରାକୁଦର ଜଣେ ବିଜେପି ନେତାଙ୍କ ଘରୋଇ ସହାୟିକା ଶଶୀ ପାଗଡ଼ (୫୫)ଙ୍କ ହତ୍ୟା ଘଟଣା ପର୍ଦ୍ଦାଫାଶ କରିଛି ସମ୍ବଲପୁର ପୁଲିସ । ଦୀର୍ଘ ୧୬ ମାସର ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଉଛି ବୁର୍ଲା ଥାନା ଗାନ୍ଧିପଡ଼ାର ରାମଚନ୍ଦ୍ର ଶାସନି(୪୧) । ଏକୁଟିଆ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବାରୁ ପ୍ରମାଣ ଅଭାବରୁ ପୁଲିସ ଏ ମାମଲାର ସମାଧାନ କରିବାରେ ବିଫଳ ହେଉଥିଲା । ୩୦ରୁ ୪୦ ଜଣଙ୍କୁ ତଦନ୍ତ ପରିସରକୁ ଆଣିବା ପରେ ସାଇଣ୍ଟିଫିକ ଟିମର ତଦନ୍ତ ଓ ଲାଇ ଡିଟେକସନ ସହାୟତାରେ ପୁଲିସ ଅଭିଯୁକ୍ତ ରାମଚନ୍ଦ୍ରକୁ ଗିରଫ କରିଥିବା ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଏସପି ମୁକେଶ ଭାମୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ୨୦୨୪ ଫେବୃଆରୀ ୧୦ ତାରିଖ ଶଶୀ ପାଗଡ଼ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ରାସ୍ତା ପାର୍ଶ୍ୱରୁ ପୁଲିସ ଉଦ୍ଧାର କରିଥିଲା । ମାମଲା ସମାଧାନ କରିବା ନେଇ ପୁଲିସକୁ ବଡ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଥିଲା । ପୁଲିସ ସୂଚନା ଅନୁସାରେ ଘଟଣା ପୂର୍ବ ଦିନ ଅର୍ଥାତ ୨୦୨୪ ଫେବୃଆରୀ ୯ ତାରିଖ ଅଭିଯୁକ୍ତ ରାମଚନ୍ଦ୍ରକୁ ମୃତ ଶଶୀ କିଛି ଟଙ୍କା ମାଗିଥିଲେ । ୨ ଦିନ ପରେ ଘରକୁ କେହି ଅତିଥି ଆସିବାରେ ଥିଲା । ତେଣୁ ହୀରାକୁଦ କାଳି ମନ୍ଦିର ସମ୍ମୁଖରେ ଅଭିଯୁକ୍ତ ରାମଚନ୍ଦ୍ରକୁ ଟଙ୍କା ମାଗିଥିଲେ । ପୂର୍ବରୁ ଉଭୟ ପରସ୍ପରକୁ ଜାଣିଥିଲେ । ଟଙ୍କା ନେଣଦେଣ ମଧ୍ୟ କରୁଥିଲେ । ସେ ଶଶୀଙ୍କୁ ବାଇକରେ ବସାଇ ରେମେଡ ଦେଇ ଅଇଁଠାପାଲିକୁ ଆଣିଥିଲା । ନିଜ ପାଖରେ ଟଙ୍କା ନଥିବାରୁ କାହା ପାଖରୁ ଯୋଗାଡି ଦେବ ବୋଲି କହିଥିଲା । ପରେ ଅଇଁଠାପାଲି ଛକରେ କିଛି ସମୟ ଛାଡି ଦେଇ ଟଙ୍କା ଯୋଗାଡିବା ପାଇଁ କହିଥିଲା । ଫେରିବା ପରେ ଜେମାଦାରପାଲି ଏୟାରଷ୍ଟ୍ରିପ ଆଡକୁ ନେଇଥିଲା । ଘଟଣା ସ୍ଥାନରେ ଗାଡ଼ିରୁ ଓହ୍ଲାଇ ଶଶୀଙ୍କ ସହ ଅସଦାଚରଣ କରିଥିଲା । ଶଶୀ ଏ ନେଇ ପୁଲିସକୁ ଜଣାଇଦେବେ ବୋଲି କହିଥିଲେ । ଏତିକିରେ ଭୟଭୀତ ହୋଇ ଅଭିଯୁକ୍ତ ରାମଚନ୍ଦ୍ର ଶଶୀଙ୍କୁ ମାଡ ମାରି ତଳେ ପକାଇ ଦେଇଥିଲା । ପଥରରେ ମୁଣ୍ଡ ବାଜି ରକ୍ତାକ୍ତ ହୋଇ ଯାଇଥିଲେ । ଅଭିଯୁକ୍ତ ଗାମୁଛା ସାହାର୍ଯ୍ୟରେ ଶଶୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲା । ପରେ ସେଠାରୁ ଫେରାର ହୋଇଯାଇଥିଲା । ନିକଟସ୍ଥ ଏକ ମନ୍ଦିରକୁ

### ସାଇଣ୍ଟିଫିକ, ଲାଏ ଡିଟେକସନ ବଳରେ ଜଣେ ଅଭିଯୁକ୍ତ ଗିରଫ

ଯାଇ ଦିଆସିଲ ଆଣିଥିଲା । ବାଇକରୁ ପେଟ୍ରୋଲ କାଢି ଶଶୀଙ୍କ ଉପରେ ଢାଳି ନିଆଁ ଲଗାଇ ଦେଇଥିଲା । ପୁଲିସ ଘଟଣା ସ୍ଥଳରୁ ଦିଆସିଲ, ପେଟ୍ରୋଲ ବୋତଲ ଓ ଗାମୁଛା ଜବତ କରିଥିଲା । ଶବବ୍ୟବଚ୍ଛେଦ ରିପୋର୍ଟରେ ମଧ୍ୟ ଗାମୁଛାରେ ଗଳାରେ ଚାପ ଦେଇ ହତ୍ୟା କରାଯାଇଥିବା ଜଣାପଡିଥିଲା । ଘଟଣା ଦିନ ଅଭିଯୁକ୍ତ ସେଠାରୁ ପଳାଇଥିଲା । ତା ପରଦିନ ସକାଳୁ ପିନ୍ଧିଥିବା ପ୍ୟାଣ୍ଟସାର୍ଟ ପାୱାର କେନାଲରେ ଭସାଇ ଦେଇଥିଲା ।

# ଭିସୁଟ୍‌ରେ ୭୦ତମ ପ୍ରତିଷ୍ଠା ଦିବସ



ସମ୍ବଲପୁର,୧।୭ (ସମିସ) : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ସିଦ୍ଧି ବିହାର କ୍ୟାମ୍ପସ୍‌ରେ ଆଜି ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ତଳ ମହଲାରେ ପୂଜା ଓ ହୋମଯଜ୍ଞ ପରେ ବିଶ୍ୱବିଦ୍ୟାଳୟ ପ୍ରବେଶ ପଥରେ ଥିବା ପ୍ରଭୁ ଗଣେଶଙ୍କ ପୂଜାର୍ଚ୍ଚନା ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ କରାଯାଇଥିଲା । ଗୋଲ୍ଡେନ ଜୁବୁଲି ସେମିନାର ହଲ୍‌ରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି ପ୍ରଫେସର ମିଶ୍ର ବିଶ୍ୱବିଦ୍ୟାଳୟର ଅତୀତ ଯେତେବେଳେ ଏହାକୁ ୟୁନିଭର୍ସିଟି କଲେଜ୍ ଅଫ୍ ଇଞ୍ଜିନିୟରିଂ (ୟୁସିଇ) କୁହାଯାଉଥିଲା ସେସମୟର କଥା କହିବାସହ ଦେଶବିଦେଶରେ ବଡ଼ ପଦପଦବୀରେ ଅଧିଷ୍ଠିତ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ବିଷୟରେ ବଖାଣିଥିଲେ । ଏହାପରେ କୁଳସଚିବ ପ୍ରଦୀପ ଡାଙ୍ଗ ସମ୍ବଲପୁରୀରେ ଆମେ ବିଶ୍ୱବିଦ୍ୟାଳୟଠାରୁ କ'ଣ ପାଇବା ତାହା ଚିନ୍ତା ନକରି ବିଶ୍ୱବିଦ୍ୟାଳୟ ପାଇଁ କ'ଣ କରିପାରିବା ତାହା ଚିନ୍ତା କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଲୁମିନି ତଥା ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ନାମ ଓ ପ୍ରସିଦ୍ଧିକୁ ଶୀର୍ଷକୁ ନେବାପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ । ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଏହି ଅଞ୍ଚଳ ମା' ସମଲେଶ୍ୱରୀଙ୍କ ଭୂମି ହେବାସହ ମାତା ପାର୍ବତୀ, ମାତା ଲକ୍ଷ୍ମୀ ଓ ମାତା ସରସ୍ୱତୀଙ୍କ ଆଶୀର୍ବାଦ ରହିଛି ବୋଲି କହିଥିଲେ । ଏହି ଅନୁଷ୍ଠାନ ଆଖପାଖ ଅଞ୍ଚଳରେ ୭ଟି ପ୍ରମୁଖ ଅନୁଷ୍ଠାନ ରହିବାସହ ସମସ୍ତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି । ଆସନ୍ତା ତିନିବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ମାନରେ ଉନ୍ନତି ସକାଶେ ତାଙ୍କ ଯୋଜନା ବିଷୟରେ ପ୍ରଫେସର ସାହୁ ସୂଚନା ଦେଇଥିଲେ । ଶେଷରେ ପିଆଇସି ଡଃ ସସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ ସମଲେଇଙ୍କୁ ନିମନ୍ତ୍ରଣ



ସମ୍ବଲପୁର, ୧।୭ (ସମିସ) : ଆସନ୍ତା ଅଗଷ୍ଟ ୧ ତାରିଖରେ ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ପାଇଁ ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ନିମନ୍ତ୍ରଣ କରାଯାଇଛି । ଆଜି ସକାଳେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟ ମାନେ ଇଷ୍ଟଦେବୀ ମାଁ ସମଲେଇଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସ୍ମୃତିରେ ଜେଲ ଛକଠାରେ ପ୍ରତିଷ୍ଠିତ ସମ୍ବଲପୁରୀ ଡେରାରେ ଚଳିତବର୍ଷ ଭବ୍ୟ ଆକାରରେ ସମ୍ବଲପୁରୀ ଦିନ୍ ସାତଦିନ ଧରି ଆୟୋଜନ କରାଯିବ । ସମ୍ବଲପୁରୀ ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ବିକ୍ରୟ, ସମ୍ବଲପୁରୀ ପ୍ରଦର୍ଶନୀ ସହିତ ସମ୍ବଲପୁରୀ ଦିନ ଏବଂ ଗୁରୁ ବହିଦାରଙ୍କ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ଅବଦାନ ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଆଜି ସମଲେଇ ନିଉତା ପରେ ସମ୍ବଲପୁରୀ ଦିନ୍ ପାଇଁ ଡେରା ପରିସରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ । ଝୁନୁ ତ୍ରିପାଠୀ, କିଶୋର ଧରେଇ, ସ୍ୱସ୍ତିକା ନାୟକ, ଭୂମିସୁତା ମେହେର, ପଙ୍କଜିନୀ ବୈଠାରୁ, ସଂଘମିତ୍ରା ପଣ୍ଡା, ଯାମିନୀ ଠାକୁର, ପ୍ରଜ୍ଞା ସାହୁ, କାନ୍ତି ମେହେର, ତୃପ୍ତି ପଣ୍ଡା, ସୁନିତା ପତି, ଅଳକା ମହାପାତ୍ର, ରାଜେଶ ସ୍ୱାଇଁ, ଅମିତାଭ ମାଝି, ସୁବୋଧ ଦୋରା, ପ୍ରଥମ ପଣ୍ଡା, ରାମଦାସ ପଣ୍ଡା, ଶଙ୍କର ମେହେର, ଭବାନୀ ଶଙ୍କର ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବିଧବା ମହିଳାଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ

ସମ୍ବଲପୁର,୧।୭ (ସମିସ):ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ସେହ୍ନାପାଲି ଗାଁ ଖଡ଼ିଆପଡାର ପ୍ରତିମା ଖଡ଼ିଆଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ ହୋଇଥିବା ଗୋଶାଳା ଫାଣ୍ଡିରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ସମ୍ବଲପୁର ସ୍ଥିତ ଦୂର୍ଗାପାଲି ନିକଟ ଖଡ଼ିଆପଡ଼ା, କୁସୁମପଡ଼ାର ସ୍ୱର୍ଗତ ରବି ଖଡିଆଙ୍କ ପତ୍ନୀ ପ୍ରତିମା ନିଜ ଜମି ବିକ୍ରି କରି ପରିବାର ଠାରୁ ଭାଗ ପାଇଥିବା ଦେଢ଼ ଲକ୍ଷ ଟଙ୍କା ଧରି ଆଜି ଅପରାହ୍ନ ୩ ଟା ସମୟରେ ଦୂର୍ଗାପଲି ଘର ରୁ ଦୁଇପୁଅଙ୍କ ସହ ଦୂର୍ଗାପାଲି ଜାତୀୟ ରାଜପଥ କଡ଼ରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରୁ ସମ୍ବଲପୁର ପଟୁ ବରଗଡ ପଟକୁ ଯାଉଥିବା ଏକ ବସ୍‌ରେ ବସିଥିଲେ । କିନ୍ତୁ ଗୋଶାଳା ଠାରେ ବସ୍‌ରୁ ଓହ୍ଲାଇ କିଛି ଖାଇବା ଜିନିଷ କିଣିବା ବେଳେ ପ୍ରତିମା ନିଜ ଭ୍ୟାନିଟ୍ ବ୍ୟାଗରେ ଦେଢ଼ ଲକ୍ଷ ଟଙ୍କା ନଥିବା ଜାଣିବାକୁ ପାଇଲେ । ସେ କାହାକୁ କିଛି ନ କହି ନିଜ ଗ୍ରାମ ମହାନଗର ନିଗମ ଅଧୀନ ସେହ୍ନାପାଲିକୁ ଯିବା ପାଇଁ ଗୋଶାଳାରୁ ବସ୍‌ରେ ଯାଇଥିଲେ । ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ଭାଇ ସହ ପ୍ରତିମା ଗୋଶାଳା ଫାଣ୍ଡିକୁ ଆସି ଅଭିଯୋଗ କରିଛନ୍ତି ।

# ଘରୋଇ କଳିରୁ ବାପାକୁ ପିଟି ପିଟି ମାରିଲା ପୁଅ

ଜମନକିରା,୧।୭ (ସମିସ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ସାନ ଲଙ୍ଗାବାହାଲ ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ଘରୋଇ କଳହରୁ କୋଡ଼ି ବେଣ୍ଟରେ ପିଟି ପିଟି ବାପାକୁ ମାରିଲା ପୁଅ । ଦୁଇ ଦିନ ହେଲା ଗ୍ରାମର ମୃତ ପନିକା ମୁଣ୍ଡା (୬୭) ବର୍ଷ କେହି ବୁଲିବାର ଦେଖି ନ ଥିବା ବେଳେ ପୁଅକୁ ପଚାରିବାରୁ ଘରେ ଶୋଇ ଥିବା କହୁଥିବାରୁ ଗ୍ରାମବାସଙ୍କ ମନରେ ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପନିକାଙ୍କୁ ନ ପାଇବାରୁ କେହି ରବିବାର ବାପ ପୁଅ କଳହ ଲାଗୁ ଥିବା କହିବାରୁ ଘର ଭିତରେ ଖୋଜି ଥିଲେ । ବାପାଙ୍କୁ ମାରି ଥିବା ଖବର ପାଇ ୱାର୍ଡ ମେମ୍ବର ରଞ୍ଜିତ ମୁଣ୍ଡା ଥାନାରେ ଅଭିଯୋଗ କଲା ପରେ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ପୁଲିସ ହତ୍ୟାକାରି ପୁଅ ସଞ୍ଜୀବ ମୁଣ୍ଡା(୩୨) କୁ ଧରି ଅଟକ ରଖି ପଚରାଉଚରା କରୁଛି । ପ୍ରାୟ ୧୫/୨୦ ଦିନ ହେବ ପନିକାର ସ୍ତ୍ରୀଙ୍କ ଦେହାନ୍ତ ହୋଇଛି । ଅନ୍ୟପଟେ ସଞ୍ଜୀବଙ୍କ ସ୍ତ୍ରୀ ଓ ଝିଅ ନିଜ ମାଆ ଘରେ ରହୁଛନ୍ତି ।

# ୧୫୧ ୟୁନିଟ୍ ରକ୍ତ ସଂଗୃହୀତ

ସମ୍ବଲପୁର, ୧।୭ (ସମିସ) : ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ଆଜି ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । କ୍ଲବ ସଭ୍ୟ, ସଭ୍ୟା, ପରିବାରର ସଦସ୍ୟ ତଥା ଜନସାଧାରଣ ରକ୍ତଦାନ କରିଥିଲେ । ଏଥିରେ ମୋଟ ୧୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରୋଟାରୀ କ୍ଲବ ସମ୍ବଲପୁର ଅଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର, ସଚିବ ଦେବାଶିଷ ରାଇଗୁରୁଙ୍କ ନେତୃତ୍ୱରେ ବୁର୍ଲା ଭିମସାର ରକ୍ତଭଣ୍ଡାର ପକ୍ଷରୁ ଏହି ଶିବିର ପରିଚାଳନା କରାଯାଇଥିଲା । ଆଜି ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଏବଂ ଡକ୍ଟର ଦିବସ ଉପଲକ୍ଷେ କ୍ଲବର ସଦସ୍ୟ ଥିବା ଚାଟାର୍ଡ ଆକାଉଣ୍ଟାଣ୍ଟ ଓ ଡାକ୍ତର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ଉପସଭାପତି ଶ୍ରୀକାନ୍ତ ମୁଖାର୍ଜୀ, କୋଷାଧ୍ୟକ୍ଷ ରଞ୍ଜିତ ସିଂହ, ବରିଷ୍ଠ ସଦସ୍ୟ ରାଜକିଶୋର ଦାସ, ପ୍ରମୋଦ ରଥ, ଏ.ଏମ୍ ତରାଜ, ଦାମୋଦର କର, ପ୍ରବୀଣ ସୁରୀ, ତୁଷାର ପ୍ରଧାନ, ଟି.ଏସ୍ ମଣି, ବିକ୍ରମ ସେନାପତି, ସୁଜିତ ପାଣିଗ୍ରାହୀ, ଦୁର୍ଗାଶଙ୍କର ଶତପଥୀ, ଅନନ୍ୟା ନାଏକ, ସୋନୁ ମହାପାତ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପାଣିରେ ବୁଡ଼ି ଜଣେ ମୃତ

ସମ୍ବଲପୁର,୧।୭ (ସମିସ): ସମ୍ବଲପୁର ସଦର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ସଦର ଥାନା ଅନ୍ତର୍ଗତ କୁଟରାଜୁରୀ ଗାଁର ଜଣେ ବ୍ୟକ୍ତି କେନାଲକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ସେ ପାଣିରେ ବୁଡ଼ି ଯାଇଥିଲେ । ଆଖପାଖରେ ଥିବାଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସଦର ଥାନା ପୁଲିସ ଅପମୃତ୍ୟୁ ମାମଲା ସଂଖ୍ୟା ୧୪/୨୦୨୫ ରୁଜୁ କରି ଘଟଣାର ତଦନ୍ତ କରୁଛି । ତାଙ୍କ ନାମ ମହେନ୍ଦ୍ର ଜୁଆଡ଼ି ଏବଂ ବୟସ ୫୭ ବର୍ଷ ବୋଲି ପୁଲିସ କହିଛି ।

## ଆଇଆଇଏମରେ ପ୍ରଥମ ଏମବିଏ-ବିଏ ବ୍ୟାଚ୍‌ର ଶୁଭାରମ୍ଭ

# 'ସମ୍ବଲପୁରକୁ ଭାରତର ପ୍ରଥମ ସ୍ଥାୟୀ ସହର ଭାବେ ଗଢ଼ିବାକୁ ଚାହୁଁଛୁ'

ସମ୍ବଲପୁର,୧।୭ (ସମିସ)



ଆଇଆଇଏମ ସମ୍ବଲପୁରରେ ୨୦୨୫-୨୭ ଶିକ୍ଷାବର୍ଷ ପାଇଁ ଏମବିଏ ବିଏ ଓ ୧୧ତମ ଏମବିଏ ପାଠ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ପାଳିତ ହୋଇଛି । ଆଇଆଇଏମର ଉଦଘାଟନୀ ସମୋରୋହରେ ମୁଖ୍ୟ ଅତିଥି ଭାବେର ଭାରତ ସରକାରଙ୍କ ଡିଏଆରପିଜିର ସଚିବ ଭି. ଶ୍ରୀନିବାସ, ସମ୍ମାନିତ ଅତିଥି ଭାବେର ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର, ମୁଖ୍ୟ ବକ୍ତା ଭାବେର ଆମାଜନ ଇଣ୍ଡିଆର କଂଟ୍ରି ମ୍ୟାନେଜର୍ ସମିର କୁମାର ଏବଂ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରେଫସର ମହୋଦବ ଜୟସ୍ୱାଲ୍ ସହିତ ଅନ୍ୟ ଶିକ୍ଷକମାନେ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନୂଆ ନାମଲଖାରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ୫ପ୍ରତିଶତ ବୃଦ୍ଧି ପାଇଛି । ଏହା ନୂତନ ପ୍ରଚଳିତ ଏମବିଏ ଇନ୍ ବିଜେନସ୍ ଆନାଲିଟିକ୍ସ୍ (ଏମବିଏ-ବିଏ) ପ୍ରୋଗ୍ରାମ୍ ଏବଂ ୧୧ତମ ଏମବିଏ ବ୍ୟାଚ୍‌ରେ ଦେଖାଦେଇଛି । ଉଭୟ ଏମବିଏ ପାଠ୍ୟକ୍ରମରେ ସମୁଦାୟ ୩୬୩ ଜଣ ସ୍ନାତକ ନାମ ଲେଖାଇଛନ୍ତି । ସେଥିରୁ ୧୮୬ ଜଣ (୫୧.୨୪ପ୍ରତିଶତ ଇଞ୍ଜିନିୟରିଂ ଡିଗ୍ରୀ ରଖିଛନ୍ତି । ଅନ୍ୟପକ୍ଷରେ, ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୪୮.୭୬ପ୍ରତିଶତ । ବିଜେନସ୍ ଆନାଲିଟିକ୍ସ୍ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା

### ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ବୃଦ୍ଧି

୬୧.୭୦% ହୋଇଥିବା ବେଳେ ପ୍ରଚଳିତ ଏମବିଏ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ଏବଂ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ସମାନ, ଯଥାକ୍ରେମ ୪୯.୬୮% ଏବଂ ୫୦.୩୨% । ବ୍ୟାଚରେ ୩୩% ମହିଳା ଏବଂ ୬୭% ପୁରୁଷ ଛାତ୍ର ଅଛନ୍ତି । ପ୍ରଚଳିତ ଏମବିଏ ପାଠ୍ୟକ୍ରମରେ ୩୮% ମହିଳା ଏବଂ ୬୨% ପୁରୁଷ ଛାତ୍ର ଥିବାବେଳେ, ଏମବିଏ-ବିଏର ମାତ୍ର ୫% ମହିଳା ଏବଂ ୯୫% ପୁରୁଷ ଛାତ୍ର ଅଛନ୍ତି । ପ୍ରେଫସର ଜୟସ୍ୱାଲ୍ କହିଥିଲେ, ୨୦୧୫ରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଇଆଇଏମ ସମ୍ବଲପୁର ଭାରତକୁ ବିଶ୍ୱର ୧୦ ତମରୁ ୪ର୍ଥ ବୃହତମ ଅର୍ଥନୀତିରେ ପରିଣତ କରିବାରେ ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ସାହସିକ ସୁଧାର ଅନ୍ତର୍ଭୁକ୍ତ । ସମ୍ବଲପୁରକୁ ବିଶ୍ୱର ପ୍ରଥମ ସ୍ଥାୟୀ ସହର ଭାବେ ଗଢିବା ଯାହା ପାଇଁ ଆମେ ସରକାରଙ୍କ ସହେଯାଗ ଚାହୁଁଛୁ । ଡିଏଆରଜିପିର ସଚିବ କହିଥିଲେ, ପ୍ରେତ୍ୟେକ କ୍ଷେତ୍ର ଯଥା ସ୍ପେସ୍, ବୋୟୋଟେକ୍, ସେମିକଣ୍ଡକ୍ଟ,ର୍ ଶକ୍ତି ଏବଂ ରେବୋଟିକ୍ସର ଭାରତ ଏକ ଅଭୂତପୂର୍ବ ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଦେଖୁଛି । ୧୦୦% କାଗଜବିହୀନ କେନ୍ଦ୍ରୀୟ ସଚିବାଳୟ, ବିଶ୍ୱର ସବୁଠାରୁ ବଡ ଏଆଇ-ସକ୍ଷମ ଅଭେିଯାଗ ନିବାରଣ ପ୍ଲାଟଫର୍ମ ଏବଂ ୨୦ରୁ ଅଧିକ ଅପ୍ରଚଳିତ ନିୟମାବଳୀ ହ୍ରାସ ଯାହା ବ୍ୟବସାୟକୁ ସଫଳତାର ସହିତ ଚଳାଇବାରେ ସହାୟକ । ସମୋରାହେର ଡିନ୍ ଏକୋଡମିକ୍ସ୍ ପ୍ରେଫସର ଦୀପ୍ତିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା । ଏମବିଏର ୧୧ତମ ବ୍ୟାଚ ଏବଂ ଏମବିଏ-ବିଏର ପ୍ରଥମ ବ୍ୟାଚ୍ ବିଷୟେର ପରିଚୟ ଆଡ଼ମିସନ୍ ଚେୟାର୍ ପ୍ରେଫସର ସିଦ୍ଧାର୍ଥ ଜି. ମାଝି ଦେଇଥିଲେ ।

# ପ୍ରତି ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧।୭ (ସମିସ) : ସମ୍ବଲପୁର ଜିଲ୍ଲାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ଚଳିତ ଜୁଲାଇ ମାସର ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୭ ତାରିଖ ଧନକଉଡ଼ା ବ୍ଲକରେ ଅଭିଯୋଗ ଶୁଣାଣୀ ହେବାକୁ ଥିବାବେଳେ ୧୪ରେ ଜମନକିରା ବ୍ଲକ, ୨୧ରେ ଯୁଯୋମୁରା ବ୍ଲକ ଏବଂ ୨୮ ତାରିଖ ବାମରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।



## ଚାଷୀଙ୍କ କାମରେ ଆସୁନି ଟାଇଁସର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ



ଦେବଗଡ଼,୧୭(ସମିସ): ତିଳେଇବଣି ବ୍ଲକ୍ ଅନ୍ତର୍ଗତ ଟାଇଁସର ପଞ୍ଚାୟତଠାରେ ଏକ ଚିରସ୍ରୋତା ନାଳ ଉପରେ କ୍ଷୁଦ୍ର ଜଳ ସେଚନ ବିଭାଗ ଦ୍ୱାରା ନିର୍ମିତ ପ୍ରକଳ୍ପ ବିଭାଗୀୟ ଅବହେଳା ପାଇଁ ଚାଷୀଙ୍କ କାର୍ଯ୍ୟରେ ଆସି ପାରୁନଥିବା ସ୍ଥାନୀୟ ଚାଷୀକୂଳ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ତିଳେଇବଣି ବ୍ଲକ୍ ଅନ୍ତର୍ଗତ ଟାଇଁସର, ନୁଆଁଭୂଇଁ, ଭୁକାବେଡା ଓ କୁରଡ଼ ଆଦି ଚାରୋଟି ଗ୍ରାମର ପ୍ରାୟ ୨୦୦ ଚାଷୀଙ୍କ ୧୫୦୦ ଏକର ଚାଷ ଜମିରେ ଜଳ ସେଚନ ଉଦ୍ଦେଶ୍ୟରେ ଦୀର୍ଘ ବର୍ଷ ପୂର୍ବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଚିରସ୍ରୋତା ନାଳ ଉପରେ ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ସେହିପରି ଚେକ୍ ଡ୍ୟାମରେ ସ୍ଲୁଇସ ଗେଟ୍ ଖଞ୍ଜା ଯିବା ସହ ପ୍ରାୟ ୪ କିମି ଲମ୍ବ କେନାଲ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାପରେ ଉପରୋକ୍ତ ଗ୍ରାମର ଚାଷୀ ବର୍ଷସାରା ଧାନ ସହ ପନିପରିବା ଫସଲ ଉତ୍ପାଦନ କରୁଥିଲେ। ତେବେ ଗତ ପ୍ରାୟ ୨ ବର୍ଷ ହେବ ବିଭାଗୀୟ ଅବହେଳା ପାଇଁ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପ୍ରକଳ୍ପର କେନାଲ ପୋତି ହେଲାଣି। ଏଥିସହ ବିଭିନ୍ନ ସ୍ଥାନରେ କେନାଲର ସିମେଣ୍ଟ କଂକ୍ରିଟ କାନ୍ଥ ଭାଙ୍ଗି ଜମିରେ ଘାଇ ସୃଷ୍ଟି ହେଉଛି। ନିଜ ନିଜ ଅଞ୍ଚଳରେ କୃଷିକୁ ବ୍ୟାପକ କରିବା ଲକ୍ଷ୍ୟରେ ଚାଷୀ ପ୍ରତିବର୍ଷ ଜଳକର ଖଜଣା ପଇଠ କରି ଚାଲିଥିଲେ ମଧ୍ୟ ଚାଷୀଙ୍କ ଜମିରେ ପାଣି ପହଞ୍ଚି ନପାରିବାରୁ ଅନେକ ଜମି ପଡିଆ ପଡ଼ିଥିବା ଦେଖିବାକୁ ମିଳିଛି। ଗ୍ରାମର ଚାଷୀ ବେଦଭୂଷଣ ସାହୁ, ଟଙ୍କଧର ସାହୁ, ଝୁଲଣ ସାହୁ, ଯୁଗଳ ସାମଲ, ବୃନ୍ଦାବନ ସାହୁ, ବିକାଶ ପ୍ରଧାନ, ଜିତେନ୍ଦ୍ରିୟ ପ୍ରଧାନ, ରମେଶ ସାହୁ, ମନୋଜ କୁମାର ସାହୁ, ଭାଗିରଥି ସାହୁ, ସୌଭାଗ୍ୟ ପ୍ରଧାନ, ସୁଦର୍ଶନ ପ୍ରଧାନ ବହୁବାର କ୍ଷୁଦ୍ର ଜଳସେଚନ ବିଭାଗର ଠାରୁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କେନାଲ ମରାମତି ଓ ରକ୍ଷଣବେକ୍ଷଣ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେବେ ଚଳିତ ଖରିଫ ଓ ଆଗାମୀ ରବି ଋତୁ ପୂର୍ବରୁ ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ସଫେଇ ଓ ମରାମତି କାର୍ଯ୍ୟ ଶେଷ କରି ଉପରୋକ୍ତ ଗ୍ରାମର ଚାଷୀଙ୍କ ଚାଷ ଜମିକୁ ଜଳସେଚନର ସୁବିଧା କରିବାକୁ ଦାବି କରିଛନ୍ତି।

### ଭାରୀଯାନ ଚଳାଚଳ ଯୋଗୁଁ ଶୋଚନୀୟ ଧୁତରା ରାସ୍ତା

# ପୁନଃ ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ଝାରସୁଗୁଡା/କିର୍ମିରା,୧୭(ସମିସ)



ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ରାସ୍ତା ସ୍ଥାନୀୟ ସିମେଣ୍ଟ କମ୍ପାନୀ ସହ ଅନ୍ୟ ଭାରୀଯାନ ଚଳାଚଳ ଯୋଗୁଁ ଶୋଚନୀୟ ହୋଇପଡିଛି। ରାସ୍ତାର ପୁନଃ ନିର୍ମାଣ ଦାବି କରି ସ୍ଥାନୀୟ ସରପଞ୍ଚଙ୍କ ତତ୍ୱାବଧାନରେ ଗ୍ରାମର ଯୁବକଯୁବତୀ ସହ ଶତାଧିକ ମହିଳା ଧୁତରା ଗ୍ରାମର ଆମେଦକର ଛକଠାରେ ରାସ୍ତାରୋକ କରିଥିଲେ। ଧୁତରା ମୁଖ୍ୟ ରାସ୍ତାରେ ଅଲଟ୍ରାଟେକ ସିମେଣ୍ଟ କାରଖାନା ଭୋଲଭୋ ଫ୍ଲାଏଆସ ଭର୍ତ୍ତି ଓ ସିମେଣ୍ଟ ବୋଝେଇ ଟ୍ରକ ସମେତ ଆଇଓସିଏଲ ପେଟ୍ରୋଲଡିପୁର ତେଲ ଟାଙ୍କି ଗାଡି, ଆଖପାଖରେ ଥିବା କେମିକାଲ ଓ ସ୍ପଞ୍ଜ ଆଇରନ ପ୍ଲାଣ୍ଟ ଗୁଡିକର ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଦୁର୍ଦ୍ଦିନ ଅବସ୍ଥା ହୋଇ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଥିବାରୁ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ତଥା ମୁଣ୍ଡମୂଲିଆ କୁଲି ମଜୁରିଆ, ସରକାରୀ ବେସରକାରୀ କର୍ମଚାରୀ ଯାତାୟାତରେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି। ରାସ୍ତାଟିର ନିର୍ମାଣ ପାଇଁ ଗ୍ରାମ ତଥା ଅଞ୍ଚଳବାସୀଙ୍କ ନେତା, ମନ୍ତ୍ରୀ, ସରକାର, ଜିଲ୍ଲା ପ୍ରଶାସନିକ ସହ କାରଖାନା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରୀ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ରାସ୍ତା ଅବସ୍ଥା ଶୋଚନୀୟ ଥିବା ବେଳେ ଏଥିପ୍ରତି କାରଖାନା କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ସହ ଜିଲ୍ଲା ପ୍ରଶାସନିକ, ନେତା, ମନ୍ତ୍ରୀଙ୍କ ନିରବଦ୍ରଷ୍ଟା ଓ ନିଦାବିଷ୍ଟୁ ସାଜିବା ଅଞ୍ଚଳର ପ୍ରତି ଏକ ନିନ୍ଦନୀୟ ଘଟଣା। ଏଣୁ ଶେଷରେ ବାଧହୋଇ ଗ୍ରାମର ଆବାଳବୃଦ୍ଧ ବନିତା, ଯୁବଗୋଷ୍ଠୀ ବର୍ଷାପାଣିରେ ରାସ୍ତା ମଝି କାଦୁଅରେ ଶୋଇବା ସହ ରାସ୍ତାରେ ଠିଆ ରହି ଗାଡିମଟର ଚଳାଚଳ ବନ୍ଦ କରି ରାସ୍ତାରୋକ କରିଥିଲେ। ଯାହାଫଳରେ ଦୀର୍ଘ ଦୁଇରୁ ତିନି ଘଣ୍ଟା ଧରି ଅନେକ ଭୋଲ୍‌ଭୋ, ସିମେଣ୍ଟ ବୋଝେଇ ଟ୍ରକ୍, ତେଲଟାଙ୍କି ଗାଡି ସହ ଅନ୍ୟାନ୍ୟ ଯାନବାହାନ, ଭାରୀଯାନ ରାସ୍ତାରେ ଅଟକି ରହିଥିଲା।

ଶେଷରେ ଅଲଟ୍ରାଟେକ ସିମେଣ୍ଟ କାରଖାନା ମାନବ ସମ୍ବଳ ଅଧିକାରୀ ପୀତାମ୍ବର ପୃଷେଠ ସଦଳବଳେ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ରାସ୍ତା ନିର୍ମାଣ ଆଦେଶ ପାଇଲା ମାତ୍ରକେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଏବଂ ବର୍ତ୍ତମାନ ସମୟରେ ରାସ୍ତାର ଫ୍ଲାଏ କାଦୁଅ ସଫା କରିବା ଓ ବର୍ଷା ଦୁଇମାସ ପର୍ଯ୍ୟନ୍ତ ରାସ୍ତାର ପାଣି, କାଦୁଅ ମାଟି ସଫା କରିବା ସହ ନିୟମିତ ଭାବେ ସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଯାତାୟାତ ବେଳେ ଯାନବାହାନ ନିୟନ୍ତ୍ରଣ ପାଇଁ ଟ୍ରାଫିକମାର୍ଶାଲ ମୁତୟନ କରିବାକୁ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ। ପରେ ଯାନବାହାନ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

## ସାମୂହିକ ଛୁଟିରେ ଗଲେ ଓଏଏସ, ଓଆର୍‌ଏସ୍

ଦେବଗଡ଼,୧୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ଦିନ ନିଜ କାର୍ଯ୍ୟାଳୟରେ ମରଣାନ୍ତକ ଆକ୍ରମଣର ଘଟଣାର ପ୍ରଭାବ ଦେବଗଡ଼ରେ ମଧ ଦେଖିବାକୁ ମିଳିଛି। ଏହି ଘଟଣାରେ ଦେବଗଡ଼ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ତୀବ୍ର ପ୍ରତିବାଦ ଜଣାଇ ମଙ୍ଗଳବାର ଠାରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଆଜି



ପୂର୍ବାହ୍ନରେ ଜିଲ୍ଲା ସଭାନେତ୍ରୀ ତଥା ଅତିରିକ୍ତ ଜିଲ୍ଲାପାଳ ରେବିକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ଓଏଏସ ଓ ଓଆରଏସ ଅଧିକାରୀମାନେ ଯୋଗ ଦେଇ ଘଟଣାର ଦୃଢ଼ ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବୈଠକରେ ସିଡିଓ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଏଜଲିନ ବାରା ଓ ସୂର୍ଯ୍ୟକାନ୍ତ ବରିହା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂହ, ଈଶ୍ୱର ଗୁରୁ ଓ ତାପସ ମହନ୍ତ, ତହସିଲଦାର କର୍ଣ୍ଣ ମଲ୍ଲିକ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଧାଙ୍କ ସମେତ ବହୁ ଓଏଏସ ଏବଂ ଓଆରଏସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଇବଥର୍ମାଲ,୧୭(ସମିସ): ଲଖନପୁର ବ୍ଲକ୍ ଅନ୍ତର୍ଗତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଳଗାଁରେ କାର୍ଯ୍ୟରତ ସେବକ ବ୍ରଜଲାଲ ଧୁରୁଆଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ବିଦାୟୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଓ ସଭାପତି ଗୁରୁଚରଣ ସା, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ପାଢୀ ଏବଂ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କମଳ ପଟେଲ ଯୋଗ ଦେଇଥିଲେ। ଏହି ସଭାକୁ କ୍ରିଡା ଶିକ୍ଷକ ଅଶୋକ କୁମାର ପାଢୀ ପରିଚାଳନା କରିଥିବାବେଳେ ଗୋକୁଳନନ୍ଦ ଭଇଁଷା, ଲକ୍ଷ୍ମଣ ପାଢୀ, ଗିରିଧାରୀ ସାହୁ ଓ ତିଲଞ୍ଜାଳୀ ପ୍ରଧାନ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶ୍ରୀ ଧୁରୁଆଙ୍କୁ ଫୁଲ ଚନ୍ଦନ ଦେଇ ପୂଜନ କରିବା ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ଆମନ୍ତ୍ରିତ ଅତିଥିମାନେ ଶ୍ରୀ ଧୁରୁଆଙ୍କ ଚାକିରିକାଳକୁ ନେଇ ସ୍ମୃତିଚାରଣ କରି ତାଙ୍କର ଅବସରକାଳୀନ ସମୟ ସୁଖମୟ ହେଉ ବୋଲି କାମନା କରିଥିଲେ।

## ଡିଏଭିର ନୂତନ ଅଧ୍ୟକ୍ଷ ହେଲେ ଲକ୍ଷ୍ମୀକାନ୍ତ ଦେବତା



ଝାରସୁଗୁଡ଼ା,୧୭(ସମିସ): ଦୀର୍ଘ ୨୭ ବର୍ଷ ଧରି ଅଧ୍ୟକ୍ଷ ପଦରେ ରହି ଝାରସୁଗୁଡ଼ା ଡିଏଭିକୁ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପଦୋନ୍ନତି ପାଇ ସହକାରୀ ଆଞ୍ଚଳିକ ଅଫିସର ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡ୍, କଳିଙ୍ଗ ଏରିଆ, ତାଳଚେର ଡିଏଭିର ଅଧ୍ୟକ୍ଷ ଭାବେ ବଦଳି ହୋଇଛନ୍ତି। ଡିଏଭି ବୋଡର୍‌ର ନିର୍ଦ୍ଦେଶରେ ଶ୍ରୀ ପଣ୍ଡା କଳିଙ୍ଗ ଏରିଆ, ତାଳଚେର ଡିଏଭିରେ ଯୋଗଦାନପୂର୍ବକ ତାଙ୍କ ଉପରେ ନ୍ୟସ୍ତ ନୂତନ ଦାୟିତ୍ୱ ତୁଲାଇବେ। ତାଙ୍କ ପ୍ରତି ବଦଳରେ ଅଧ୍ୟକ୍ଷ ଭାବେ ଲକ୍ଷ୍ମୀକାନ୍ତ ଦେବତାଙ୍କୁ ସମସ୍ତ ଦାୟିତ୍ୱ ଭାର ପ୍ରଦାନ କରି ଯାଇଛନ୍ତି। ଝାରସୁଗୁଡ଼ା ଡିଏଭିରେ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଏହା ପୂର୍ବରୁ ଏନଟିପିସି କଣିହାଁ ଅନୁଗୁଳ ଡିଏଭିରେ ଦୀର୍ଘ ୮ ବର୍ଷ ଧରି ଅଧ୍ୟକ୍ଷ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ବିଦ୍ୟାଳୟ ତରଫରୁ ତଥା ବିଦ୍ୟାଳୟ ପରିଚାଳନା ସମିତି ତରଫରୁ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟକ୍ଷ ଶ୍ରୀ ଦେବତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସେ ଡିଏଭି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ତ୍ୟାଗପୂତ ଭାବନା ସହ ଅବିରତ ପ୍ରୟାସ ଜାରି ରଖିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

## ରିଆମାଳରେ ହେରାପଞ୍ଚମୀ ପାଳିତ

ଦେବଗଡ଼,୧୭(ସମିସ): ରିଆମାଳଠାରେ ହେରାପଞ୍ଚମୀ ପର୍ବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ହେରା ପଞ୍ଚମୀ ଦିନ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଆସି ଅଭିମାନରେ ପ୍ରଭୁ ଜଗନ୍ନାଥଙ୍କ ରଥର କାଠ ଭାଙ୍ଗିବାର ପରମ୍ପରା ଥିବାବେଳେ ରିଆମାଳ ମହିଳା ସଙ୍ଘର ସଭାନେତ୍ରୀ ପଦ୍ମିନୀ ସାହୁ, ସମ୍ପାଦିକା ବାସନ୍ତୀ ଦାସ ଓ ମା'ଲକ୍ଷ୍ମୀଙ୍କ ପୁଜାରୀ ଏବଂ ମହିଳା ସଙ୍କୀର୍ତ୍ତନ ଭକ୍ତମାନେ ମା'ଲକ୍ଷ୍ମୀଙ୍କୁ ସୁସଜ୍ଜିତ କରି ଏକ ବିମାନରେ ମନ୍ଦିରରୁ ବାହାରି ଜନ୍ମ ବେଦୀ ଆଡ଼କୁ ଅଗ୍ରସର ହୋଇଥିଲେ। ମା' ଲକ୍ଷ୍ମୀ ଶୋଭାଯାତ୍ରାରେ ଆସୁଥିବାବେଳେ ରିଆମାଳ ଓ ବାବରା କୋଟ ମହିଳା ସଙ୍କୀର୍ତ୍ତନ ଭକ୍ତମାନେ ମା' ଲକ୍ଷ୍ମୀଙ୍କ ଭଜନ ଗାନ କରୁଥଲେ। ଭକ୍ତମାନେ ମା' ଲକ୍ଷ୍ମୀଙ୍କ ବିମାନକୁ ପରିକ୍ରମା କରାଇ ରଥର ଗୋଟିଏ କାଠ ଭାଙ୍ଗିବା ପରେ ମା' ଲକ୍ଷ୍ମୀଙ୍କ ବିମାନ ଜଗନ୍ନାଥ ମନ୍ଦିର ଆଡ଼କୁ ଅଗ୍ରସର ହୋଇଥିଲା।



### ● ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଅତ୍ୟାଚାରକୁ ବିରୋଧ

## ଜିଲ୍ଲାପାଳଙ୍କୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର



ଝାରସୁଗୁଡ଼ା,୧୭(ସମିସ): ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ଝାରସୁଗୁଡା ପକ୍ଷରୁ ରାଜ୍ୟରେ ବଢ଼ିଚାଲିଥିବା ଅନୁସୂଚିତ ଜାତି ଓ ଜନଜାତି, ଅଳ୍ପସଂଖ୍ୟକମାନଙ୍କ ଉପରେ ଅତ୍ୟାଚାର ବିରୋଧରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିକଟ ଅତୀତରେ ଗଞ୍ଜାମ ଜିଲ୍ଲାର ଦୁଇଜଣ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ପ୍ରତି ଗୋରକ୍ଷକ ବାହିନୀ ନାମରେ ଗୁଣ୍ଡାମାନଙ୍କ ଦ୍ୱାରା ହୋଇଥିବା ଅକଥନୀୟ ଅତ୍ୟାଚାର ଯଥା ଦାଦାବଟି ନଦେବାରୁ ମାଡ଼ ମାରିବା, ଲଣ୍ଡା କରିବା, ଏପରିକି ଘାସ ଖୁଆଇ ନର୍ଦ୍ଦମା ପାଣି ପିଆଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସେହିପରି ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚରେ ପ୍ରାର୍ଥନା କରି ବାହାରିବା ସମୟରେ ନିର୍ଦ୍ଦୁମ ମାଡ ମାରିବା, ଅନୁଗୁଳ ଜିଲ୍ଲାରେ ସୁଭଦ୍ରା ପାଲିତ ନାମକ ଯୁବତୀକୁ ଅପହରଣ କରି ଦୁଷ୍କର୍ମ କରିବା ପରେ ହତ୍ୟା କରିବା ଭଳି ଅତ୍ୟାଚାର ଅତ୍ୟନ୍ତ ନିନ୍ଦନୀୟ। କେବଳ ସାଧାରଣ ନିରୀହ ଅନୁସୂଚିତ ଜାତି ଓ ଜନଜାତି ପ୍ରତି କଥାକଥିତ ସବର୍ଣ୍ଣ ବା ଉଚ୍ଚବର୍ଣ୍ଣମାନଙ୍କ ଦ୍ୱାରା ଯେ ଅତ୍ୟାଚାର କରାଯାଉଛି ତାହା ନୁହେଁ ବରଂ ଏହି ବର୍ଗର ଜନ ପ୍ରତିନିଧିମାନେ ମଧ ବାଦ ପଡି ନାହାନ୍ତି। ସେହିପରି ଝାରସୁଗୁଡା ଜିଲ୍ଲାର ମରାକୁଟା ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ମହିଳା ସରପଞ୍ଚଙ୍କୁ କଥାକଥିତ ଉଚ୍ଚବର୍ଣ୍ଣର ଲୋକମାନଙ୍କ ଦ୍ୱାରା ମାଡ ମାରିବା ଓ ଜାତିଆଣ ଆକ୍ଷେପ କରିବା ଏବଂ ଏ ଦିଗରେ ପୋଲିସ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁଃଖଦାୟକ। ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି ଅନେକ ଅମାନବୀୟ ଘଟଣା ଘଟି ଚାଲିଛି। ଏହାଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ଜୀବନ ଧାରଣ କରିବା ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ଦେବା ସମୟରେ ସଂଗଠନ ଉପସଭାପତି ରତ୍ନାକର ପ୍ରଧାନ, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସଂଗଠନ ସଂପାଦକ ପ୍ରଭାକର ଓରାମ, ସଂପାଦକ ରବୀନ୍ଦ୍ର ସୋହେଲା, କୋଷାଧ୍ୟକ୍ଷ ଜିତେନ୍ଦ୍ରୀୟ ଧୁରୁଆ, ଶଙ୍କର ପୋଡ଼, ପ୍ରେମସାଗର ଧୁରୁଆ, ଅସିମ ପଟେଲ, ହିଲାରୁସ ମିଞ୍ଜ, ଚନ୍ଦ୍ରେଶ୍ୱର ରାମ, ଆଣ୍ଟୋନୀ ତିର୍କୀ, ରାଜେଶ ସତନାମୀ, ଦୁଃଖନାସନ ଘୁଘର, ତୀର୍ଥ ଲୁହା, ପ୍ରକାଶ ରୋହିଦାସ, ରୁପେଶ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ଡେପୁଟି କଲେକ୍ଟର ସୁନୀଲ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବନମହୋତ୍ସବ

ଝାରସୁଗୁଡ଼ା,୧୭(ସମିସ): ବେଲପାହାଡ ଇଂଲିଶ ମିଡ଼ିୟମ ବିଦ୍ୟାଳୟରେ ମଙ୍ଗଳବାର ଦିନ ବନମହୋତ୍ସବ ସପ୍ତାହର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେଲପାହାଡ଼ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ କୁମାର ନାୟକ ଉପସ୍ଥିତ ରହି ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ ଶିକ୍ଷକ ଅଶୋକ ଧିର ସାମନ୍ତ, ସୁନନ୍ତ କୁମାର ପଣ୍ଡା, କବିତା ପଟେଲ ଉପସ୍ଥିତ ଥିଲେ। ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ ଏବଂ ଏ ବର୍ଷର ଥିମ "ମା' ପାଇଁ ଗଛଟିଏ' ବିଷୟରେ ଅବଗତ କରାଇଥିଲେ। ଉପାଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଗଛ ଲଗେଇବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ବୃକ୍ଷର ଲାଭ ବିଷୟରେ ବୁଝାଇ ଥିଲେ। ନିଜ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏଁ ଗଛ ଲଗେଇ ତାର ଯତ୍ନ ନେବାକୁ ଅନୁରୋଧ କରି ଥିଲେ। ପିସ୍ତା ବାଦାମ ଓ ବଉଳ ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇ ଥିଲା ।




### ଓପିଜିସିର ୟୁନିଟ୍ ୫ ଓ ୬ର ସମ୍ପ୍ରସାରଣ ପାଇଁ ଜନଶୁଣାଣି ପ୍ରସଙ୍ଗ

# ସମସ୍ୟାର ସମାଧାନ ପାଇଁ ତେଲେନପାଲିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



### ପୂର୍ବ ପ୍ରତିଶ୍ରୁତି ପାଳନ ହୋଇନଥିବା କଲେ ଅଭିଯୋଗ

ଝାରସୁଗୁଡା,୧୭(ସମିସ): ବନହରପାଲି ସ୍ଥିତ ଓଡିଶା ପାୱାର ଜେନେରେସନ କମ୍ପାନୀ ପୂର୍ବରୁ ୟୁନିଟ ୩ ଓ ୪ ସମ୍ପ୍ରସାରଣ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନଥିବା ତେଲେନପାଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପୁଣି ଓପିଜିସିର ୟୁନିଟ ୫ ଓ ୬ର ସମ୍ପ୍ରସାରଣ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ। ତେଣୁ ପୂର୍ବରୁ ଦେଇଥିବା ପ୍ରତିଶୃତି ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ତେଲେନପାଲି ଗ୍ରାମପଞ୍ଚାୟତବାସୀ ଓପିଜିସିର ଜନଶୁଣାଣିକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଲିଖିତ ପ୍ରତିଶୃତି ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ୟୁନିଟ ୩ ଓ୪ ଜନ ଶୁଣାଣି ସମୟରେ ଯେଉଁସବୁ ପ୍ରତିଶୃତି ଓପିଜିସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିଲା ତାହା କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ ପୁଣି ୟୁନିଟ ୫ ଓ ୬ ପାଇଁ ପୁଣି ଥରେ ଜନଶୁଣାଣୀ କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ତେଲେନପାଲି ପଞ୍ଚାୟତବାସୀ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି, ମାତ୍ର ତେଲେନପାଲି ପଞ୍ଚାୟତ ପରିସରରେ ଓପିଜିସି ରହିଥିଲେ ମଧ ପଞ୍ଚାୟତବାସୀଙ୍କ ସମସ୍ୟା ସମାଧାନ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ କମ୍ପାନୀ କର୍ତ୍ତୃପକ୍ଷ ନେଇନାହାନ୍ତି। ତେଣୁ ବିଭିନ୍ନ ସମସ୍ୟାର ଲିଖିତ ପ୍ରତିଶ୍ରୁତି ନଦେଲେ ପଞ୍ଚାୟତବାସୀ ଏହାର ସମ୍ପ୍ରସାରଣକୁ ବିରୋଧକରିବା ନେଇ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଇବ ଥର୍ମାଲରେ ହସ୍ପିଟାଲରେ ଡାକ୍ତରଙ୍କ ଉପସ୍ଥିତିରେ ୨୪ ଘଣ୍ଟିଆ ସେବା, ସମସ୍ତ ପ୍ରକାର ପରୀକ୍ଷା ଓ ଆଇସିୟୁ, ଔଷଧ ବ୍ୟବସ୍ଥା, ହସ୍ପିଟାଲରେ ସମସ୍ତଙ୍କୁ ସମାନ ଅଧିକାର, ଜଣେ ମେଡ଼ିସିନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, କୋଇଲା ଓ ପାଉଁଶ ଗୁଣ୍ଡ ଯୋଗୁଁ ଅଞ୍ଚଳବାସୀ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି, ତେଣୁ ସ୍ୱତନ୍ତ୍ର ପାଲମେନେରୀ ବିଭାଗ ଖୋଲିବା, ଇବଥର୍ମାଲ ପରିସରରେ ଥିବା ଦୁଇଗୋଟି ସ୍କୁଲରେ ଓପିଜିସି କର୍ମଚାରୀ ହେଉ ଅବା ତେଲେନପାଲି ପଞ୍ଚାୟତବାସୀ ହେଉ ସମସ୍ତଙ୍କ ପାଇଁ ସମାନ ସୁବିଧା କରିବା, ଓଡ଼ିଆ ଡ଼ିଏଭିରେ ଯୁକ୍ତ ଦୁଇ ଖୋଲିବା, ପୂର୍ବରୁ ତିଆରି ହୋଇଥିବା ଟ୍ରେନିଙ୍ଗ କେନ୍ଦ୍ରକୁ କାର୍ଯ୍ୟକାରୀ କରିବା, ଓପିଜିସିର ନିର୍ଗତ ହେଉଥିବା ପାଉଁଶ ପ୍ରଦୂଷଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ, ପମ୍ପ ହାଉସ ଗେଟ ଦେଇ ଯେଉଁ ଅଞ୍ଚଳର ପିଲା ପାଠ ପଢ଼ିଆସୁଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତାର ବ୍ୟବସ୍ଥା କରିବା ପାଇଁ ଓପିଜିସି କର୍ତ୍ତୃପକ୍ଷ ଲିଖିତ ପ୍ରତିଶୃତି ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ତେଲେନପାଲି ଗ୍ରାମପଂଚାୟତ ବାସୀ ଲିଖିତ ଭାବରେ ଜଣାଇଛନ୍ତି। ପ୍ରତିଶ୍ରୁତି ଦେଲେ ପଞ୍ଚାୟତବାସୀ ଜନଶୁଣାଣୀରେ ଅଂଶଗ୍ରହଣ କରିବେ ଅନ୍ୟଥା ଏହାକୁ ବିରୋଧ କରିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି।

## ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧୭(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆଜି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି। ଭାଲୁପତ୍ରା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସିଦ୍ଧେଶ୍ୱର ପାଣିଗ୍ରାହୀ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଦଳଗାଁର ଚତୁର୍ଥ ଶ୍ରେଣୀ କର୍ମଚାରୀ ବ୍ରଜଲାଲ ଧୂରୁଆ ଓ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଡୁଗୁ ଧୂରୁଆ ଜୁନ୍‌ରେ ଅବସର ଗ୍ରହଣ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ରାଧାକାନ୍ତ ଗଡ଼ତିଆ ସେମାନଙ୍କୁ ଶେଷ କାର୍ଯ୍ୟ ଦିବସରେ ପୂର୍ଣ୍ଣାଙ୍ଗ ପେନସନ ପେପର ପ୍ରଦାନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସା, ଝାରସୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲଙ୍କ ସହିତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program


To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below

| Date | Time | Location |
|---|---|---|
| 04th July, 2025 | 06:00 PM | Kantabanji |

Venue: Hotel Royal Tulip, Sh-42, Bolangir Road, Kantabanji, Odisha - 767039.
Name: Shib Prasad Joshi | Mob. No.: 8657417350
Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

ସକାଳ
THE SAKALA

# ସଂକଟ ଟଳିନି

ମଧ୍ୟପ୍ରାଚ୍ୟରେ ଯେ ଶାନ୍ତି ଫେରିଆସୁଛି, ଏକଥା କୌଣସି ଗୋଟିଏ ପକ୍ଷ ଜୋରଦେଇ କହିପାରିବେନି। 'ଅପରେସନ ସିନ୍ଦୂର'ରେ ହଠାତ୍ ବିରତି ବା ବିରାମ ଘୋଷଣା କଲା ଭଳି ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଇଲ-ଇରାନ ଅଘୋଷିତ ଯୁଦ୍ଧ ସ୍ଥଗିତ ରହିଲା କହି ଉତ୍ତେଜନା ପ୍ରଶମିତ କରିଛନ୍ତି। ଏହାର ପୃଷ୍ଠଭାଗରେ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ହାସଲ ଲକ୍ଷ୍ୟ ଥାଉ କିମ୍ବା କାତାର ଉପରେ ଇରାନର ପ୍ରତୀକାତ୍ମକ ଆକ୍ରମଣର ସମ୍ଭାବ୍ୟ ଭୟଙ୍କର ପରିଣତି ହେଉ, ଏଭଳି କିଛି ବିଚାର ତାଙ୍କୁ ଏ ଦିଗରେ ନିଶ୍ଚିତ ଅନୁପ୍ରେରିତ କରିଛି। ତେବେ ଘଟଣାକ୍ରମ ଯାହା, ସେଥିରେ ତେହେରାନର ମନୋବଳ ବଢ଼ିଛି। ଦୁଇଦିନ ଧରି ସହରର ରାଜରାସ୍ତାରେ ପାଳିତ ହୋଇଥିବା ବିଜୟୋଲ୍ଲାସ ଏବଂ ଜୁନ ୧୩ରେ ଇସ୍ରାଏଲ ଆକ୍ରମଣରେ ନିହତ ସାମରିକ ମୁଖ୍ୟ ଜେନେରାଲ ମହମ୍ମଦ ବାଘେରି, ପରମାଣୁ ବୈଜ୍ଞାନିକଙ୍କ ସମେତ ୬୦ଜଣଙ୍କୁ କବର ଦେବା ସକାଶେ ଯେଉଁ ଲକ୍ଷ ଲକ୍ଷ ଜନତାଙ୍କ ଶୋଭାଯାତ୍ରା ବାହାରିଥିଲା ତାହା ଇରାନ ଶାସକ ମୁଖ୍ୟ ଖେମିନିଙ୍କ ନେତୃତ୍ୱକୁ ସୁଦୃଢ଼ କରିଛି।

ଅନ୍ୟପକ୍ଷରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ହ୍ୱାଇଟ ହାଉସରେ ସ୍ୱତନ୍ତ୍ର ଦୂତ ଷ୍ଟିଭ ଓ୍ୱିଟକଫ, ମଧ୍ୟପ୍ରାଚ୍ୟ ସହଯୋଗୀଙ୍କ ପ୍ରତିନିଧି ସହ ଟ୍ରମ୍ପ କରିଥିବା ଗୋପନ ଆଲୋଚନା ଏବଂ ନାଟୋ ସହଯୋଗୀଙ୍କ ବୈଠକରେ ଦେଇଥିବା ସୂଚନା କେତେଦୂର ଇରାନ ପାଇଁ ଗ୍ରହଣୀୟ ତାହା ମଧ୍ୟ ସନ୍ଦେହଜନକ। ଇରାନର ତିନିଟି ଆଣବିକ କେନ୍ଦ୍ର ଉପରେ ଆମେରିକା ବି-୨ ବମ୍ବର ମାଧ୍ୟମରେ ନିର୍ଣ୍ଣାୟକ ଆକ୍ରମଣର ପରାକ୍ରମ ଓ ପରିଣତି ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଆମେରିକାର ପକ୍ଷରୁ ଯେତେ ଦାବି କରାଯାଉନା କାହିଁକି ତଥାକଥିତ ବିପର୍ଯ୍ୟୟ ଓ ବିଧ୍ୱସ୍ତ ଘଟିବା ନେଇ ଉପଗ୍ରହ ଚିତ୍ରରୁ ପେଣ୍ଟାଗନ ସଂଗ୍ରହ କରିଥିବା ଖବର ଶେଷରେ ପ୍ରଘଟ ହୋଇଯାଇଛି। ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଫୋର୍ଡୋ ର ଭୂତଳ କଂକ୍ରିଟ ଢାଞ୍ଚାକୁ ଭେଦ କରିପାରିନାହିଁ ବି-୨ ବମ୍ବର। ଅବଶ୍ୟ ଯଥେଷ୍ଟ ପୂର୍ବରୁ ସମ୍ପର୍ଦ୍ଧିତ ୟୁରାନିୟମକୁ ଇରାନ ସ୍ଥାନାନ୍ତର କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ସେହି ଫୋର୍ଡୋ କେନ୍ଦ୍ରର ମରାମତି ଆରମ୍ଭ କରି ଆଣବିକ କାର୍ଯ୍ୟକ୍ରମ ପ୍ରତି ଇରାନ ନିଜର ଅଙ୍ଗୀକାରବଦ୍ଧତା ଜାହିର କରିଛି। ଆନ୍ତର୍ଜାତିକ ଆଣବିକ ସଂଗଠନରୁ ସଂପର୍କ ଛିନ୍ନ କରିବାର ନିଷ୍ପତ୍ତି ମଧ୍ୟ ନେଇଛି। ତେହେରାନ ପକ୍ଷରୁ କୁହାଯାଇଛି ଯେ ସଂଗଠନର ଡିଜି ରାଫଲ୍ ମାରିଆନା ଗ୍ରସି ଇରାନ୍ ଆଣବିକ କେନ୍ଦ୍ର ଅନୁଧ୍ୟାନ ଓ ତଦାରଖ ନାମରେ ସମସ୍ତ ଗୋପନ ତଥ୍ୟ ପ୍ରତିପକ୍ଷ ଇସ୍ରାଏଲକୁ ଯୋଗାଉଛି। ଜୁନ ୧୩ ତାରିଖରେ ଇସ୍ରାଏଲ ଆକ୍ରମଣରୁ ଏହା ସ୍ପଷ୍ଟ ହୋଇଛି। ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଟ୍ରମ୍ପ ଯେଉଁ ସମାଧାନର ସୂତ୍ର ଉପସ୍ଥାପନ କରିଛନ୍ତି ତାହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗ୍ଚି ମଧ୍ୟ ତାଙ୍କ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ଗତି ଦେବା ପାଇଁ ଟ୍ରମ୍ପ ୨୦ ରୁ ୩୦ ବିଲିୟନ ଡଲାର ସହାୟତା ଦେବା ସକାଶେ ପ୍ରସ୍ତୁତ ଅଛନ୍ତି। ତେବେ ସର୍ତ୍ତ ହେଲା ଇରାନ ୟୁରାନିୟମ୍ ସମ୍ବର୍ଦ୍ଧନ କରିପାରିବନି। ଆଣବିକ ଶକ୍ତିର ବେସାମରିକ ଉପଯୋଗ ସକାଶେ ସେ ସମ୍ବର୍ଦ୍ଧିତ ୟୁରାନିୟମ ବିଦେଶରୁ ଆମଦାନୀ କରିପାରିବ। ଏହି ବିପୁଳ ଅର୍ଥରାଶି ମଧ୍ୟ ପ୍ରାଚ୍ୟର ତାଙ୍କ ସହଯୋଗୀ ଇରାନକୁ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରତିବନ୍ଧକ ପ୍ରତ୍ୟାହାରର ପ୍ରଥମ ପଦକ୍ଷେପ ସ୍ୱରୂପ ଜବତ କରାଯାଇଥିବା ବିଦେଶୀ ବ୍ୟାଙ୍କର ୬ ବିଲିୟନ ଡଲାର ମଧ୍ୟ ଇରାନ ଉଠାଇବାରେ ଆଉ କଟକଣା ରହିବ ନାହିଁ। ଏହି ପ୍ରାରମ୍ଭିକ ସର୍ତ୍ତ ମାଧ୍ୟମରେ ଇରାନ ସହ ଆପୋସ ଆଲୋଚନା ସାତଦିନ ମଧ୍ୟରେ ଆରମ୍ଭ ହେବ ବୋଲି ଆମେରିକା ପକ୍ଷରୁ ସୂଚନା ଦିଆଯାଇଛି। ଇରାନ ସକାଶେ ଏହା ଯେ ଗ୍ରହଣୀୟ ନୁହେଁ ତାହା ଖେମିନିଙ୍କ ଜାତି ଉଦ୍ଦେଶ୍ୟରେ କରିଥିବା ଘୋଷଣାରୁ ଜଣାପଡ଼ିଛି।

ଏହି ତଥ୍ୟରୁ ଏବେ ମଧ୍ୟ ଅସ୍ପଷ୍ଟ ଯେ ଆପୋସ ଆଲୋଚନାରେ ଇସ୍ରାଏଲର ଭୂମିକା କ'ଣ ହେବ। ଆମେରିକା ପକ୍ଷରୁ ଉପସ୍ଥାପିତ ସର୍ତ୍ତରେ ଇସ୍ରାଏଲର ନାମ ଗନ୍ଧ ନଥିବାର ଲକ୍ଷ୍ୟ କରାଯାଇଛି। ଜୁନ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲର ଅତର୍କିତ ଆକ୍ରମଣ ଏବଂ ସେଥିରେ ଯେଉଁ ବିପୁଳ କ୍ଷୟକ୍ଷତି ଘଟିଲା ସେଥିସକାଶେ କାହାକୁ ଦାୟୀ କରାଯାଇନାହିଁ। ଇରାନ ପ୍ରତିଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ସର୍ବଶକ୍ତିମାନ ବି-୨ ବମ୍ବର ମାଧ୍ୟମରେ ତିନିଟି ପରମାଣୁ କେନ୍ଦ୍ର ଉପରେ କରିଥିବା ଘାତକ ଆକ୍ରମଣ ରାଷ୍ଟ୍ରର ସାର୍ବଭୌମତାକୁ କ୍ଷୁଣ୍ଣ କରିଛି। ଏହି ପାତାଳ ଭେଦୀ ବୋମା ଯଦି ଆଣବିକ ତେଜସ୍କ୍ରିୟର ବିକିରଣ ଘଟିଥା'ନ୍ତା ତାହାର ଭୟଙ୍କର ପରିଣତି ନେଇ ଆମେରିକା ସଚେତନ ହେବାର ଥିଲା। ଏହି ନୈତିକ ଅପରାଧ ସକାଶେ କିଏ କାହାକୁ ଦୋଷୀ କରିବ?

ସର୍ବଶକ୍ତିମାନ ଗୋଇନ୍ଦା ସଂସ୍ଥା ମୋସାଡ୍ ମାଧ୍ୟମରେ ଇସ୍ରାଏଲ ଆବଶ୍ୟକତାଠାରୁ ଅଧିକ ବଳୀୟାନ ନୁହେଁ ତ? କେବେଳ ଆମେରିକା ନୁହେଁ ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରରେ ମୋସାଡ୍ ସକ୍ରିୟ। ସେଠାକାର ନେତୃତ୍ୱ ବିରୋଧରେ ଗୋପନ ତଥ୍ୟ ସଂଗ୍ରହ ଏବଂ ଆବଶ୍ୟକ ସ୍ଥଳେ ତାହାର ଦୁରୁପଯୋଗ କରିବାରେ ସେମାନେ ସିଦ୍ଧହସ୍ତ। ବିଶ୍ୱ କୂଟନୈତିକ ସଂପର୍କକୁ ପ୍ରଭାବିତ କରି ପ୍ରାଧାନ୍ୟ ଓ ପତିଆରା ଜାହିର କରିଆସିଛି ଇସ୍ରାଏଲ। ଅତ୍ୟାଧୁନିକ ଇଲେକ୍ଟ୍ରୋନିସ୍ ଜ୍ଞାନକୌଶଳର ଉପଯୋଗ ହେଉଛି ମୋସାଡ୍‌ର ଗୋପନ ଅସ୍ତ୍ର। ସମସ୍ତଙ୍କ ଅଜ୍ଞାତରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱକୁ କବ୍‌ଜା କରିବାରେ ସେମାନେ ସିଦ୍ଧହସ୍ତ। ଆମଦେଶରେ ପେଗାସସ୍‌କୁ ନେଇ ଯେଉଁ ହଟଚମଟ ଘଟିଲା, ତାହାଠାରୁ ଆହୁରି ସଂଗିନ ସରଂଜାମର ଅଧିକାରୀ ସେମାନେ। ଏସବୁ ଉଲ୍ଲେଖ କଲାବେଳେ ଆମେ ଆମ ନିଜକୁ ମଧ୍ୟ ପ୍ରଶ୍ନ କରୁଛୁ। ଜୁନ ୧୩ ର ଆକ୍ରମଣ କ'ଣ ଆମେରିକାର ଅଜ୍ଞାତରେ ହୋଇଥିଲା? ପ୍ରତିଆକ୍ରମଣରେ ଇସ୍ରାଏଲର ବିପୁଳ କ୍ଷତି ତାହାର ପ୍ରତିରୋଧ କ୍ଷମତାକୁ ଦୁର୍ବଳ କରିଥିବା ବେଳେ ହଠାତ୍ ଇରାନ ଉପରେ ଆମେରିକା ଆକ୍ରମଣ କରିବା ସହ ଚଟାପଟ ଯୁଦ୍ଧ ବିରାମ ଘୋଷଣା କରିବାର ଉଦ୍ଦେଶ୍ୟ କ'ଣ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ସମ୍ଭାବ୍ୟ ବିପଦର ମୁକାବିଲା ସକାଶେ ଟ୍ରମ୍ପ ଏତେ ତତ୍ପର କାହିଁକି? ଏସବୁର ଉତ୍ତର ଆମେ ଏହି ଅଗ୍ରଲେଖାରେ ଏକପ୍ରକାର ଦେଇସାରିଛୁ। କିନ୍ତୁ ଏଥିନେଇ କାହାକୁ ସିଧାସଳଖ ଆକ୍ଷେପ କରାଯାଇନପାରେ।

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬, ୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ:** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

# ବିଳାସରେ ମିତବ୍ୟୟିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗ୍ରୀଷ୍ମ ଋତୁରେ ଘୋର ବିଦ୍ୟୁତ୍ ଅଭାବର ସମ୍ମୁଖୀନ ହେଉଥିବା ସରକାର ବିଦ୍ୟୁତ୍ ସଞ୍ଚୟ ଏବଂ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସରକାର ଏବେ ଏୟାର କଣ୍ଡିସନର(ଏସି) ର ତାପମାତ୍ରା ସ୍ଥିର କରିବା ସମ୍ପର୍କରେ ଏକ ନୂତନ ନିୟମ ଲାଗୁ କରିବାକୁ ଯୋଜନା କରୁଛନ୍ତି। ଏହି ଯୋଜନା ଲାଗୁ ହେଲେ ଏସିର ତାପମାତ୍ରା ୨୦ ଡିଗ୍ରୀରୁ କମ୍ ଏବଂ ୨୮ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରଖିହେବ ନାହିଁ। ଏହି ନିୟମ ସମସ୍ତ ଘର, କାର୍ଯ୍ୟାଳୟ, ଦୋକାନ, ମଲ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଯାନବାହନ ପାଇଁ ପ୍ରଯୁଜ୍ୟ।

ପ୍ରାୟତଃ ଦେଖାଯାଇଛି ଯେ ଗ୍ରୀଷ୍ମ ଋତୁରେ ଏସି ବ୍ୟବହାର ଏବଂ ଏହାର ତାପମାତ୍ରା ୧୬ ଡିଗ୍ରୀ ପର୍ଯ୍ୟନ୍ତ ରଖିବା ଯୋଗୁଁ ବିଦ୍ୟୁତ୍ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ବଜାରରେ ଉପଲବ୍ଧ ଅଧିକାଂଶ ଏସି ୧୬ଡିଗ୍ରୀରୁ ୩୦ ଡିଗ୍ରୀ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିବ, କିନ୍ତୁ ନୂତନ ନିୟମ ଲାଗୁ ହେବା ପରେ ଏହି ସୀମା ୨୦ ରୁ ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସ୍ଥିର ରହିବ। ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ସଞ୍ଚୟ କରିବ ନାହିଁ ବରଂ ଦୀର୍ଘକାଳୀନ ଭିତ୍ତିରେ ଦେଶ ଏବଂ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରକୃତରେ ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ପରିବେଶର ସୁରକ୍ଷା ପାଇଁ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' ୨୦୨୦ ରେ ସମସ୍ତ ଷ୍ଟାର ଲେଭଲ୍ ଏସି ପାଇଁ ସର୍ବନିମ୍ନ ତାପମାତ୍ରା ୨୪ଡିଗ୍ରୀରେ ରଖିବାକୁ ସ୍ଥିର କରିଥିଲା। କିନ୍ତୁ ସରକାର ସମସ୍ତ କ୍ଷେତ୍ରରେ ଏସି ତାପମାତ୍ରା ନିର୍ଦ୍ଧାରଣ ନିୟମକୁ ଅଧିକ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଏବେ ପରୀକ୍ଷଣ ଭାବରେ ଆରମ୍ଭ କରାଯାଉଛି ଏବଂ ନିଶ୍ଚିତ ଭାବେ ଭବିଷ୍ୟତରେ ବାଧ୍ୟତାମୂଳକ କରାଯିବ। ସରକାର ଖୁବ୍ ଶୀଘ୍ର ସମସ୍ତ ଏସି ନିର୍ମାତା ଏବଂ ବାଣିଜ୍ୟିକ କୋଠାଗୁଡ଼ିକୁ ସ୍ୱତନ୍ତ୍ର ପରାମର୍ଶ ଜାରି କରିବାର ସମ୍ଭାବନା ଅଛି।

ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଲାଭଦାୟକ ହୋଇପାରେ। ଯଦି ଦେଶର ଅଧିକାଂଶ ଗ୍ରାହକ ଏହାକୁ ନିୟମିତ ବ୍ୟବହାର କରନ୍ତି ତେବେ ଏହା କୋଟି କୋଟି ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ କରିପାରିବ। ସାଧାରଣରେ ବିଶ୍ୱାସ କରାଯାଏ ଯେ ଏସିର ତାପମାତ୍ରା ୧୮ ଡିଗ୍ରୀ ରଖିବା ଦ୍ୱାରା କୋଠରି ଶୀଘ୍ର ଥଣ୍ଡା ହେବ। ଏହି କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ବିଶ୍ୱାସ ଭୁଲ। ଯଦି ବାହାରେ ତାପମାତ୍ରା ୪୦ ଡିଗ୍ରୀ ଥାଏ ତେବେ କୋଠରିକୁ ୨୬ ଡିଗ୍ରୀରେ ପହଞ୍ଚିବାକୁ ସମାନ ସମୟ ଲାଗିବ, ଏସିର ତାପମାତ୍ରା ୧୮ ଡିଗ୍ରୀ ହେଉ ବା ୨୬ ଡିଗ୍ରୀ। ନିଶ୍ଚିତ ଭାବରେ ୧୮ ଡିଗ୍ରୀରେ କୋଠରି ପରେ ଅଧିକ ଥଣ୍ଡା ରହିବ। କିନ୍ତୁ ଆପଣଙ୍କୁ କମ୍ ତାପମାତ୍ରା ପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ଏସିର ତାପମାତ୍ରା ଯେତେ କମ୍ ହୁଏ କମ୍ପ୍ରେସର ଅଧିକ ସମୟ ପାଇଁ କାମ କରେ। ଏହାର



ଅର୍ଥ ଅଧିକ ବିଦ୍ୟୁତ୍ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଯଦି ଆପଣ ଏସିର ତାପମାତ୍ରା ୨୪ ଡିଗ୍ରୀ କରନ୍ତି ତେବେ କମ୍ପ୍ରେସରକୁ କମ୍ ସମୟ ପାଇଁ କାମ କରିବାକୁ ପଡ଼େ, ଯାହା ବିଦ୍ୟୁତ୍ ବ୍ୟବହାର ହ୍ରାସ କରେ। ଇଚ୍ଛିତ ତାପମାତ୍ରା ପହଞ୍ଚିବା ମାତ୍ରେ କମ୍ପ୍ରେସର କାମ କରିବା ବନ୍ଦ କରିଦେଇ କେବଳ ଏସି ଫ୍ୟାନ୍ କାମ କରେ। କମ୍ପ୍ରେସର କେବଳ ସେତେବେଳେ କାମ କରେ ଯେତେବେଳେ ଥର୍ମୋସେଟ୍ ତାପମାତ୍ରା ବୃଦ୍ଧିର ସଙ୍କେତ ପାଏ।

ବିଶେଷଜ୍ଞଙ୍କ କହିବା ଅନୁସାରେ ୨୪ ଡିଗ୍ରୀ ତାପମାତ୍ରା ମଧ୍ୟ ଆରାମଦାୟକ। ଯଦି ବାହାରେ ଆର୍ଦ୍ରତା ଅଧିକ ଥାଏ ଏହା ୧୮ କିମ୍ବା ୨୨ ଡିଗ୍ରୀ ତାପମାତ୍ରା ତୁଳନାରେ କମ୍ ଶକ୍ତି ବ୍ୟବହାର କରେ। ଏକ ଅଧ୍ୟୟନ ଅନୁଯାୟୀ ଏସିର ତାପମାତ୍ରାରେ ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ୩ରୁ ୫ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ କରିପାରିବ। ଯଦି ଏସିର ତାପମାତ୍ରା ୧୮ ଡିଗ୍ରୀରୁ ୨୭ ଡିଗ୍ରୀକୁ ବୃଦ୍ଧି କରାଯାଏ ତେବେ ବାର୍ଷିକ ୬୫୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିବ। ଏହାସହିତ ଏହି ସମୟ ମଧ୍ୟରେ ପ୍ରଚୁର ପରିମାଣର ଶକ୍ତି ମଧ୍ୟ ସଞ୍ଚୟ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏସିରେ କେବଳ ନିର୍ଦ୍ଧାରିତ ତାପମାତ୍ରା ମାଧ୍ୟମରେ ବିଦ୍ୟୁତ୍ ସଞ୍ଚୟ ହୁଏ ନାହିଁ, ବରଂ ଷ୍ଟାରରେଟିଂ, ବାହାର ତାପମାତ୍ରା, ଏସି ବ୍ୟବହାରର ଅବଧି, କୋଠରିର ଆକାର, କୋଠରିରେ ଥିବା ଲୋକଙ୍କ ସଂଖ୍ୟା ଇତ୍ୟାଦି କାରଣ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏସିର ତାପମାତ୍ରା ୨୦ ଡିଗ୍ରୀରୁ ୨୮ ଡିଗ୍ରୀ ମଧ୍ୟରେ ରଖିବା ଲାଭଦାୟକ।

ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଏସିର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ପ୍ରତିବର୍ଷ ପ୍ରାୟ ୧.୫ କୋଟି ଏସି ଲଗାଯାଉଛି। ଯଦି ଏସିର ତାପମାତ୍ରା ଗୋଟିଏ ଡିଗ୍ରୀ ବୃଦ୍ଧି କରାଯାଏ ତେବେ ଏହା ଶକ୍ତି ବ୍ୟବହାରକୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ ଏବଂ ଆମେ ପ୍ରତିବର୍ଷ ଲକ୍ଷ ଲକ୍ଷ ଗିଗାୱାଟ ବିଦ୍ୟୁତ୍ ସଞ୍ଚୟ କରିପାରିବା। ସାମଗ୍ରିକ ଭାବରେ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ବ୍ୟବହାରକୁ ହ୍ରାସ କରିବା ବିଶେଷକରି ଗ୍ରୀଷ୍ମଦିନରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏସି କୁ ୨୦ ରୁ ୨୮ ଡିଗ୍ରୀ ମଧ୍ୟରେ ରଖିଲେ ଗରମ ସମ୍ବନ୍ଧୀୟ ରୋଗ ହ୍ରାସ, ଭଲ ନିଦ ଏବଂ ଆରାମଦାୟକ ଜୀବନ ମିଳିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସିର ଉଚିତ୍ ବ୍ୟବହାର ଶ୍ୱାସ ଓ ସଂକ୍ରମଣ ରୋଗୀ ସଂଖ୍ୟା ହ୍ରାସ କରେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ବାହୁଡ଼ା ରଥ ଓ ଭକ୍ତ ସାଲବେଗ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମହାପ୍ରଭୁଙ୍କ ପରମଭକ୍ତ ସାଲବେଗ ଠାକୁରଙ୍କୁ ଆଶ୍ରୟ କରି ଶ୍ରୀକ୍ଷେତ୍ରବାସୀ ହୋଇ ରହିଗଲେ। ସେ ଜାତିରେ ଯବନ ହୋଇଥିବାରୁ ମନ୍ଦିର ଭିତରକୁ ଯାଇ ଦର୍ଶନ କରିବା ସମ୍ଭବ ହେଉ ନ ଥିଲେ ମଧ୍ୟ ଦିବ୍ୟଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରି ସ୍ୱରଚିତ ଭଜନମାନ ଗାଇ ଗାଇ ସନ୍ଥ ଓ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ। ଏପରିକି ଗଜପତି ନରସିଂହ ଦେବ ମଧ୍ୟ ସାଲବେଗଙ୍କର ଜଣେ ମୁଗ୍ଧ ପ୍ରଶଂସକ ହୋଇଗଲେ ଏବଂ ବାରମ୍ବାର ତାଙ୍କୁ ନିମନ୍ତ୍ରଣ କରି ସୁଲଳିତ କଣ୍ଠରୁ ଭଜନ ଶୁଣୁଥିଲେ। ଦିନକୁ ଦିନ ସାଲବେଗଙ୍କ ଲୋକପ୍ରିୟତା ବଢ଼ୁଥିବା ଦେଖି କିଛି ସେବକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। ଥରେ ରାଜା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ସାଲବେଗ ରତ୍ନବେଦୀ ଉପରକୁ ଚଢ଼ି ତିନି ଠାକୁରଙ୍କୁ ଚାମର କରୁଛନ୍ତି। ଏ କଥା ସେ ତା'ପରଦିନ ସମସ୍ତଙ୍କୁ କହିଲେ। ନିନ୍ଦୁକମାନଙ୍କୁ ଏକ ସୁଯୋଗ ମିଳିଗଲା। ସେମାନେ ପ୍ରଚାର କଲେ ଯେ ସାଲବେଗକୁ ମନ୍ଦିର ବାରଣ ଥିବାରୁ ସେ ଲୁଚିଛପି ଭିତରକୁ ଯାଉଛି ଏବଂ ମନ୍ଦିରକୁ ଅପବିତ୍ର କରୁଛି। ସାଲବେଗ ବ୍ୟଥିତ ହୋଇ କିଛିଦିନ ପାଇଁ ବୃନ୍ଦାବନ ଚାଲିଗଲେ।

ଗୁଣ୍ଡିଚା ଯାତ୍ରାର ସମୟ ଆସି ପହଞ୍ଚିବାରୁ ପୁଣି ପୁରୀ ଉଦ୍ଦେଶ୍ୟରେ ଯାତ୍ରା କଲେ। ଅନେକ ବାଟ ଯିବାପରେ ସେ ତାଙ୍କ ଦିବ୍ୟଚକ୍ଷୁରେ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରୁଥିଲେ ମଧ୍ୟ ଜାଣିଲେ ଯେ ନୀଳାଦ୍ରି ବିଜେ ଆଗରୁ ପୁରୀରେ ପହଞ୍ଚି ପାରିବେ ନାହିଁ। ତେଣୁ ସେ ବିକଳ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ- 'ଜଗବନ୍ଧୁ ହେ ଗୋସାଇଁ ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ.../... ସାତଶ ପଚାଶ କୋଶ ଚାଲି ନ ପାରଇ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି।'

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଚାଲିଥିଲା। ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଆଗେ ଆଗେ ରଥାରୋହଣ କରି ଚାଲିଗଲେ। ମହାପ୍ରଭୁଙ୍କ ନନ୍ଦିଘୋଷ ବଳଗଣ୍ଡିଠାରେ ପହଞ୍ଚିଥିବା ବେଳେ ହଠାତ୍ ଅଟକି ଗଲା। ଯେତେ ଚେଷ୍ଟା କଲେ ମଧ୍ୟ ରଥ ହଲିଲା ନାହିଁ। ଗଜପତି ମହାପ୍ରଭୁଙ୍କୁ ଧ୍ୟାନ କରି ଗୁହାରିଆ ପଡ଼ିଲେ। ମହାପ୍ରଭୁ ରାଜାଙ୍କୁ ଶୂନ୍ୟବାଣୀରେ ଆଜ୍ଞା ଦେଲେ, 'ରାଉତ, ମୋର ପରମଭକ୍ତ ବର୍ଷରେ ଦୁଇଥର ମୋତେ ରଥରେ ଦର୍ଶନ କରେ। ସେ ବୃନ୍ଦାବନରୁ ଫେରିବା ପର୍ଯ୍ୟନ୍ତ ମୋତେ ରଥରେ ଅପେକ୍ଷା କରିବାକୁ ହେବ। ସେ ପର୍ଯ୍ୟନ୍ତ ରଥ ଟାଣିବା ପାଇଁ ସମସ୍ତ ଉଦ୍ୟମ ବନ୍ଦ ରହୁ।'

ସାଲବେଗ ଚାଲିଚାଲି ଆସି ଅଠର ନଳାରେ ପହଞ୍ଚିଲେ। ମହାପ୍ରଭୁ ବଳଗଣ୍ଡିରେ ଅପେକ୍ଷା କରିଥିବା ଶୁଣି ଦୌଡ଼ିଲେ ବଡ଼ଦାଣ୍ଡକୁ। ଅଶ୍ରୁସିକ୍ତ ନୟନରେ ନିବେଦନ କଲେ, 'ମହାପ୍ରଭୁ! ଭକ୍ତବତ୍ସଳ! ମୋ ପରି ଜଣେ ଅଛୁଆଁ ଯବନ ଅକିଞ୍ଚନ ପତିତକୁ ଦର୍ଶନ ଦେବା ପାଇଁ ଭାଇଭଉଣୀଙ୍କୁ ଛାଡ଼ି ବଡ଼ଦାଣ୍ଡରେ ଅଟକି ରହିଲ! ତୁମେ ଧନ୍ୟ, ! ଏବେ ଚାଲ ମହାବାହୁ। ଆମେ ସବୁ ତୁମ ସାଙ୍ଗରେ ଯିବୁ। - ଆହେ ରଥବର ଚଢ଼ା, ମୋ କରମ ଏତେ ପୋଡ଼ା / ମୋ ପାଇଁ ସହିଲ ପ୍ରଭୁ ଏତେ କଷଣ, ଜାତିରେ ମୁହିଁ ଯବନ / କ୍ଷମ ଦୋଷ ନବଘନ, ବଳଗଣ୍ଡି ପଥେ ପ୍ରଭୁ କର ଗମନ / ସାଲବେଗ ହୀନ ସ୍ୱଭାବ, ଦୀନ ହୀନ ଯବନରେ ଏତେ ସରାଗ!' ଏହାପରେ ଥରଥର ହାତରେ ରଥ ଦଉଡ଼ିକୁ ଉଠାଇଲେ। ଭକ୍ତମାନେ ଦଉଡ଼ି ଧରି ଟାଣିବାକୁ ଆରମ୍ଭ କଲେ। ନନ୍ଦିଘୋଷ ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା ଏବଂ ଘୋର ଘର୍ଘର ନାଦ କରି ସିଂହଦ୍ୱାର ଆଡ଼କୁ ଚାଲିଲା। ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପମାନ ହେଲା।

ଗଜପତି ମହାରାଜ ଘୋଷଣା କଲେ, ପ୍ରତିବର୍ଷ ବାହୁଡ଼ା ରଥ ବଳଗଣ୍ଡିଠାରେ ଅଟକିବ। ସେଠାରେ ମଠ ସ୍ଥାପନା କରି ନିଜର ସାଧନା ଜାରି ରଖିବାକୁ ମୁଁ ଭକ୍ତ ଶିରୋମଣି ସାଲବେଗଙ୍କୁ ଅନୁରୋଧ କରୁଛି। ରାଜାଙ୍କ ଅନୁରୋଧ ରକ୍ଷାକରି ସାଲବେଗ ସେଠାରେ ସାରା ଜୀବନ ମହାପ୍ରଭୁଙ୍କ ଭଜନ ସେବାରେ ଅତିବାହିତ କଲେ। ମହାପ୍ରୟାଣ ପରେ ତାଙ୍କୁ ସେଠାରେ ସମାଧି ଦିଆଗଲା। ସେହିକାଳରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବାହୁଡ଼ା ରଥ ବଳଗଣ୍ଡିରେ ଅଟକି ସମାଧିସ୍ଥ ସାଲବେଗଙ୍କୁ ପ୍ରଭୁଙ୍କ ଦର୍ଶନର ସୁଯୋଗ ପ୍ରଦାନ କରୁଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୃଙ୍ଖଳିତ ରଥଯାତ୍ରାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# 'ଡ୍ୟୁଟି ନୁହେଁ, ସେବା ଭାବି କାମ କର'

ପୁରୀ,୧।୭(ସମିସ): ଚଳିତବର୍ଷ ରଥଯାତ୍ରାରେ ମାଳମାଳ ଅବ୍ୟବସ୍ଥା ଓ ବିଭ୍ରାଟ ଘଟିଛି। ରଥଟଣାଠାରୁ ଆରମ୍ଭ କରି ଦଳାଚକଟାରେ ଭକ୍ତ ମରିବା ପର୍ଯ୍ୟନ୍ତ ଅଘଟଣ ପାଇଁ ନିନ୍ଦିତ ହେଉଛନ୍ତି ରାଜ୍ୟ ସରକାର। ସବୁଆଡ଼ୁ ସମାଲୋଚନାର ଶିକାର ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଆସି ଆଗକୁ ବାକିଥିବା



ରଥଯାତ୍ରାର ଅନ୍ୟାନ୍ୟ ନୀତିକାନ୍ତି ଯେପରି ଶୃଙ୍ଖଳିତ ହେବ, ତାହାର ସମୀକ୍ଷା କରିଛନ୍ତି।

ମଙ୍ଗଳବାର ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରି କହିଥିଲେ ଯେ ଏହି କାମ ଆମମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ, ଏହା ହେଉଛି ସୌଭାଗ୍ୟର ବିଷୟ। ସମର୍ପଣ ଭାବ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସୁରକ୍ଷାର ତିନିଟି ଦିଗ ଉପରେ ଯଥା- ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ୪ଟି ଉତ୍ସବ ମଧ୍ୟରୁ ଏବେ ବି ଆଉ ତିନିଟି ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ବାକି ଅଛି। ଅନୁକୂଳ ପାଗ ଯୋଗୁଁ ଏହି ତିନିଦିନ ବହୁତ ଭକ୍ତ ଆସିବେ। ବିଶେଷକରି ସୁନାବେଶ ଦିନ। ଏଣୁ ଏହି ବଡ଼ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଏବଂ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରି।

ବାହୁଡ଼ା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକସ୍ଥଳେ ଅଧିକ ଫୋର୍ସ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ୍ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି, ସେଗୁଡ଼ିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବେଳାଭୂମିରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ସେ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପୁରୀ- ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ କଡ଼ା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇ.ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ସେବାୟତଙ୍କୁ କ୍ଷମା ମାଗିଲେ ଆଇନମନ୍ତ୍ରୀ

ପୁରୀ, ୧।୭ (ସମିସ): ଚଳିତବର୍ଷ ରଥଯାତ୍ରା ନାନା ବିଭ୍ରାଟ ମଧ୍ୟରେ ଚାଲିଛି। ରଥକାଠ ଅଭାବଠାରୁ ଆରମ୍ଭ କରି ଏବେ ଶରଧାବାଲିରେ ଦଳାଚକଟା ଘଟି ୩ ଭକ୍ତଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମାଳମାଳ ସମସ୍ୟା ଓ ବିଭ୍ରାଟ ଦେଖିବାକୁ ମିଳିଛି। ଆଗକୁ ପୁଣି ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ରହିଛି। ଏ ସବୁକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ମଙ୍ଗଳବାର ସର୍କିଟ୍ ହାଉସରେ ସେବାୟତମାନଙ୍କ ସହ ବୈଠକ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ରଥଯାତ୍ରା ଦିନ ଡାକବାଜି ଯନ୍ତ୍ର ଦ୍ୱାରା ସେମାନଙ୍କୁ ଅନଧିକୃତ କହିବା ନେଇ ସେବାୟତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଥିଲା, ସେନେଇ ଆଇନମନ୍ତ୍ରୀ କ୍ଷମା ମାଗି ସେଥିରେ ଯବନିକା ପକାଇଛନ୍ତି।

ରଥଯାତ୍ରାରେ ଗୋଟିଏ ପରେ ଗୋଟିଏ ବିଭ୍ରାଟ ଘଟିବାରେ ଲାଗିଛି। ଏବେ ଠାକୁର ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଆଗକୁ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ହେବ, ସେନେଇ ସେବାୟତଙ୍କ ସହ ଆଲୋଚନା କରିଥିଲେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେବାୟତ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି କିଭଳି ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷକରି ରଥଯାତ୍ରା ଦିନ ରଥ ଉପରୁ କିଛି ସେବାୟତଙ୍କୁ କାଢ଼ି ଦିଆଯିବା ଓ ବାରମ୍ବାର ଅନଧିକୃତ ଶବ୍ଦ ପ୍ରୟୋଗ କରାଯିବା ଘଟଣାକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ କିଭଳି ଏହାର ପୁନରାବୃତ୍ତି ନ ହେବ, ତା' ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପ୍ରତି ୩ମାସରେ ସେ ଛତିଶା ନିଯୋଗ ସେବାୟତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପାଇଁ ବିଭିନ୍ନ ସଂସ୍କାର ଏବଂ ଉନ୍ନତିମୂଳକ କାମ କରିବେ ବୋଲି କହିଛନ୍ତି।

ସେହିପରି ବୈଠକରେ ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ସେବାୟତ ଆବାସ ଯୋଜନା ଓ ସେବାୟତଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଇନ ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରୀମନ୍ଦିରର ବରିଷ୍ଠ ଏବଂ ସେବା ସମ୍ପୃକ୍ତ ସେବାୟତ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ ଶେଷ ହେବା ପରେ ନୂତନ ମନୋନୀତ ସେବକ ପ୍ରତିନିଧି ଏଯାବତ ଚୟନ ହୋଇନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ରହିଛି। ଏ ପ୍ରଶ୍ନରେ ଆଇନ ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ପରେ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୂହ ଛୁଟିରେ...

ଭାବେ ସଂଘ ପକ୍ଷରୁ ଦର୍ଶାଯାଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ସଂଘ ଖଡ୍‌ଗହସ୍ତ ହୋଇଛି ଏବଂ ସାରା ରାଜ୍ୟରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ଯାହାଫଳରେ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି।

### ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ...

ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଅନ୍ତିମ ରାୟ ଆସିବା ପର୍ଯ୍ୟନ୍ତ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ନିଲମ୍ବନ କରାଗଲା ବୋଲି କୋର୍ଟ ତରଫରୁ କୁହାଯାଇଛି।

ଉଲ୍ଲେଖଥାଉ କି, ଗତ ମେ ମାସରେ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ହୋଇଥିଲା।। ଏଥିରେ କାମ୍ବୋଡିଆରେ ଜ।।ଣେ ସୈନିକ ମୃତ୍ୟୁବରଣ କରିଥିଲେ। ସୀମାରେ ସଂଘର୍ଷ ଚାଲିଥିବା ବେଳେ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ପ୍ରଧାନମନ୍ତ୍ରୀ ହୁନ୍ ସେନଙ୍କୁ ଫୋନ୍ କରିଥିଲେ। ଏବେ ଏହି ଫୋନ୍ କଲର ରେକର୍ଡ ଲିକ୍ ହୋଇଛି। ନିଜ ଦେଶରେ ଜ।।ଣେ ବରିଷ୍ଠ କମାଣ୍ଡରଙ୍କୁ ତାଙ୍କର ବିରୋଧୀ ବୋଲି ସେ କହିଛନ୍ତି। ଏହାକୁ ଥାଇଲାଣ୍ଡରେ ଲୋକେ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

### ମୃତ୍ୟୁସଂଖ୍ୟା ୪୨...

ଶ୍ରମିକଙ୍କ ପରିବାର ଓ ସଂପର୍କୀୟଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ଲାଗି ସେମାନଙ୍କୁ କୁହାଯାଇଛି। ରାଜଧାନୀ ହାଇଦ୍ରାବାଦରୁ ୫୦ କିଲୋମିଟର ଦୂର ସିଗାଚି ଫାର୍ମା କଂପାନୀରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ୧୬ ଜଣଙ୍କର ମୃତଦେହ ମିଳିଥିବା ବେଳେ ଅନେକ ଆହତ ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଏବେ ବି ଭଗ୍ନାବଶେଷ ତଳେ ଅନେକ ମୃତାହତ ଶ୍ରମିକ ପୋତି ହୋଇ ରହିଛନ୍ତି। ଅନେକ ମୃତଦେହ ସଂପୂର୍ଣ୍ଣ ରୂପେ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। କେତେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ତେଣୁ ଏଥିରେ କେତେଜଣ ଓଡ଼ିଆ ଶ୍ରମିକ ରହିଛନ୍ତି, ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୫ ମୃତଦେହ ଚିହ୍ନଟ ହୋଇଛି। ଗତକାଲି କାରଖାନର ରିଆକ୍ଟର ୟୁନିଟ୍‌ରେ ବିସ୍ଫୋରଣ ହୋଇଥିଲା। ପାଶମିଲାରାମ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଥିବା ସିଗାଚି ଇଣ୍ଡଷ୍ଟ୍ରିରେ ସକାଳ ୮.୧୫ରୁ ୯.୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ କୁହାଯାଇଛି। କାରଖାନାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କେତେକ ଶ୍ରମିକ ୧୦୦ ମିଟର ଦୂରରେ ଯାଇ ଛିଟିକି ପଡ଼ିଥିଲେ।

### ଦିନକରେ ୩ ହତ୍ୟା...

ବ୍ୟକ୍ତିଙ୍କୁ ଖଣ୍ଡା, ହକିଷ୍ଟିକ୍, ଲୁହାରଡ୍ ଓ ବ୍ଲେଡ୍‌ରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ୩ଗୁରୁତରଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀର ସ୍ୱାଇଁ, ନନ୍ଦବାରିକ ଓ ରାହୁଲ ସ୍ୱାଇଁଙ୍କୁ ଚିକିତ୍ସା କରାଯାଇଥିଲା। ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ତୋଫାନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଥାନାରେ କେହି ଏତଲା ଦେଇନାହାନ୍ତି ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ବିଗତ କିଛି ବର୍ଷ ହେଲା ଗୋବା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବହୁବାର ଥାନାରେ ଏହାର ସମାଧାନ ମଧ୍ୟ ହୋଇଥିଲା। ପୂର୍ବରୁ ଗାଁ କମଟି ଥିବା ବେଳେ ବିଗତ କିଛି ବର୍ଷ ହେଲା ସଭାପତିଙ୍କ ମୃତ୍ୟୁ ପରେ ନୂତନ କମିଟି ଗଠନ କରିବା, କିଛି ଦିନ ତଳେ ଗାଁରେ ଏକ ଟେଣ୍ଡର କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମୁହାମୁହିଁ, ପୂର୍ବଶତ୍ରୁତା ସହ ବିଭିନ୍ନ ବିଷୟକୁ ନେଇ ଏହି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବା ବେଳେ କାଲି ଏହା ଉଗ୍ରରୂପ ନେଇଛି ବୋଲି ପୁଲିସ କହିଛି। ଅନ୍ୟ ଏକ ଘଟଣାକ୍ରମେ, ବେଗୁନିଆପଡ଼ା ଥାନା ବି.ନୂଆପଲ୍ଲୀରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ନିରାକାର ଦାସ। ସୋମବାର ବିଳମ୍ବିତ ରାତିରେ ୩ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାରଲୋକେ ବେଗୁନିଆପଡ଼ା ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ୪ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସେହିପରି ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ୍ ହାଉସ୍‌ରେ ଜଣେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତ ଯୁବତୀଜଣଙ୍କ ହେଲେ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଫାଣ୍ଡି ଅଧୀନ ପାଢ଼ୀ କଲୋନୀର ପ୍ରିୟା ମହାରଣା(୨୪)। ପ୍ରିୟାଙ୍କୁ ହତ୍ୟା କରିବା ପରେ ପ୍ରେମିକ ଲାଞ୍ଜିପଲ୍ଲୀ ଉମାନଗର ୧ମ ଲାଇନ୍‌ର ଅଭୟ କୁମାର ମହାରଣା(୨୪) ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁସାରେ, ପାଢ଼ୀ କଲୋନୀର ପ୍ରଭାକର ମହାରଣାଙ୍କ ଝିଅ ପ୍ରିୟା ବ୍ରହ୍ମପୁର ଉପକଣ୍ଠରେ ଥିବା ଏକ ଘରୋଇ ହସ୍ପିଟାଲରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ଡ୍ୟୁଟିକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ଡ୍ୟୁଟିକୁ ଯିବା ପରିବର୍ତ୍ତେ ପ୍ରେମିକ ଅଭୟ ସହ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଲଜ୍‌କୁ ଯାଇଥିଲେ। ଉଭୟେ ଉକ୍ତ ଲଜ୍‌ର ୧୧୨ନଂ ରୁମରେ ରହିଥିଲେ। ତେବେ ଅପରାହ୍ଣରେ କୌଣସି କାରଣରୁ ଉକ୍ତ ରୁମ୍ ଭିତରେ ଅଭୟ ପ୍ରିୟାଙ୍କୁ ନୃଶଂସ ଭାବେ ଶରୀରର ବିଭିନ୍ନ ସ୍ଥାନକୁ ଛୁରିରେ ଆକ୍ରମଣ କରିଥିଲା। ପରେ ଅଭୟ ଉକ୍ତ ଲଜ୍‌ରୁ ଚାଲିଯାଇଥିଲେ। କିଛି ସମୟ ପରେ ଅଭୟ ଗୋଷାଣିନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିବା ସହ ନିଜ ଦୋଷ ସ୍ୱୀକାର କରି ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଗୋଷାଣିନୂଆଗାଁ ପୁଲିସ ପକ୍ଷରୁ ତୁରନ୍ତ ବୈଦ୍ୟନାଥପୁର ଥାନାକୁ ଅବଗତ କରାଯାଇଥିଲା। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଲଜ୍‌ରୁ ପ୍ରିୟାଙ୍କ ରକ୍ତ ଜୁଡୁବୁଡୁ ଶବ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଖବର ପାଇ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସମ୍ପୃକ୍ତ ଲଜ୍‌ରେ ପହଞ୍ଚି ତଦନ୍ତ କରିଥିଲେ।

### ସ୍କୁଲ୍ ଶୌଚାଳୟରେ...

୧୧ଟାରେ ପୀଡ଼ିତାଜଣଙ୍କ ନିଜ ମାଉସୀଙ୍କ ଘରକୁ ଗୁଆ ଆଣିବାକୁ ଯାଇଥିଲା। ସେଠାରେ ଭୁବନ ପହଞ୍ଚି ନାବାଳିକାଙ୍କୁ ସ୍କୁଲ ପାଇଖାନା ପାଖକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମର ଭଗବାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଭୁବନ ନାବାଳିକାଙ୍କୁ ସେଠାରେ ଛାଡ଼ି ଚମ୍ପଟ ମାରିଥିଲା। ଖବର ପାଇ ନାବାଳିକାଙ୍କ ବାପା ଓ ମାଆ କାମ ଛାଡ଼ି ଘରକୁ ଆସି ଝିଅ ଠାରୁ ସବୁକଥା ଶୁଣିବା ପରେ ଗତ ୩୦ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନାବାଳିକାଙ୍କ ଡାକ୍ତରୀମାଇନା କରି କୋର୍ଟରେ ବୟାନ ରେକର୍ଡ କରାଯାଇଛି।

### ଚାନ୍ଦା ନ ଦେଲେ...

ଚାନ୍ଦା ଓ ବଟି ପାଇଁ ଖୋଲାଖୋଲି ଧମକ ଦେଉଛନ୍ତି। କେଇମାସ ତଳେ ଆସିକା ବିଧାୟକ ସରୋଜ ପାଢ଼ୀ ବାଲିଘାଟରୁ ଦାଦାବଟି ଆଦାୟ ଅଡ଼ିଓ ଭାଇରାଲ ହୋଇଥିଲା । ଏବେ ଅନୀଲ ପଣ୍ଡା ନାମକ ଜଣେ ବିଜେପି ନେତା ଚାନ୍ଦା ମାଗୁଥିବା ଅଡ଼ିଓ ଜିଲ୍ଲା ସାରା ଘୂରି ବୁଲୁଛି । ବିଜେପି ଯୁବନେତା ନିଜକୁ ଅନୀଲ ପଣ୍ଡା ବୋଲି ପରିଚୟ ଦେଇ ଖଲ୍ଲିକୋଟ ଜାତୀୟ ରାଜପଥରେ ଥିବା ଟୋଲଗେଟ ଠିକାସଂସ୍ଥାର ମ୍ୟାନେଜରଙ୍କୁ ଚାନ୍ଦା ମାଗୁଥିବା ଅଡ଼ିଓରୁ ସ୍ପଷ୍ଟ ହୋଇଛି। ହିନ୍ଦୀ ଭାଷାରେ ମ୍ୟାନେଜରଙ୍କ ସହିତ କଥା ହୋଇ ପାର୍ଟି ଲାଗି ଚାନ୍ଦା ଦିଅ ନଚେତ ହାଲ୍ଲାବୋଲ ହେବ ବୋଲି ବିଜେପି ନେତା ଜଣକ ଫୋନ ଯୋଗେ ଖୋଲାଖୋଲି ଧମକ ଦେଉଛନ୍ତି। ଆମେ ଯାହା କହିଥିଲୁ, ତାହା କାହିଁକି ଆସିଲା ନାହିଁ ଓ ତାହା ନ ମିଳିଲେ ଆମେ ଆକ କାମ ଆରମ୍ଭ କରିବୁ ବୋଲି ସେ ସ୍ପଷ୍ଟ ଭାବରେ କହୁଛନ୍ତି। ତୁମେ ଯଦି ଆମ କଥାରେ ରାଜି ନହୁଅ ତେବେ ମୋ କାମ ମୁଁ ଆରମ୍ଭ କରିବି। ପାର୍ଟି ପାଇଁ ଚାନ୍ଦା ଦେବନି ଯଦି ବିଜେପି ଯୁବମୋର୍ଚ୍ଚା ହାଲ୍ଲାବୋଲ କରିବେ ବୋଲି ସେ କହୁଛନ୍ତି। ସେହିପରି ଟୋଲଗେଟ୍‌ରେ କାମ କରୁଥିବା ପିଲାମାନଙ୍କୁ ବାହାର କରି ବିଜେପି ପିଲାଙ୍କୁ ଭର୍ତ୍ତି କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି । ଅପରପକ୍ଷରୁ ଟୋଲ ଗେଟ୍‌ର ଅଧିକାରୀ ଏହା ସେ କରି ପାରିବେ ନାହିଁ ଓ ଏତେ ପରିମାଣରେ ଦାବି ପୂରଣ କରିବାକୁ ଅକ୍ଷମତା ପ୍ରକାଶ କରିବା ପରେ ତାଙ୍କୁ ମଧ୍ୟ ସମ୍ପୃକ୍ତ ଯୁବ ନେତା ଧମକ ଦେଉଥିବା ଅଡ଼ିଓରେ ଶୁଣାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ପୃକ୍ତ ବିଜେପି ଯୁବ ନେତା ସେ କହୁଥିବା କଥାକୁ ରେକର୍ଡିଂ କରି କମ୍ପାନୀ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇବା ସହ ନିଜେ ସୁରକ୍ଷା ସହ ନ ରହିଲେ ଅସୁବିଧା ହେବ ବୋଲି କହୁଛନ୍ତି। ଏହି ଅଡ଼ିଓ ପ୍ରଚାରିତ ହେବା ପରେ ଜିଲ୍ଲାରେ ଆଇନଶୃଙ୍ଖଳା ଓ ବିଜେପି ନେତାମାନଙ୍କ ଦାଦାଗିରିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେଲା ଶାନ୍ତ ପଡ଼ିଥିବା ଗଞ୍ଜାମର ସ୍ଥିତି ୮୦ ଦଶକକୁ ଫେରିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ବିଜେପି ନେତାମାନେ ହିଁ ଅପରାଧ ଭଳି ଘଟଣା ଘଟାଇବାକୁ ପଛାଉନାହାନ୍ତି। ନାବାଳିକା ଦୁଷ୍କର୍ମ ଭଳି ସଂଗୀନ ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି, ବାଲିଘାଟ ଠାରୁ ଟୋଲଗେଟ ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଚାନ୍ଦା ମାଗିବା ସହିତ ଏଭଳି ଆଚରଣ ବିଜେପି ଦଳର ଆଦର୍ଶ କି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### କାହାକୁ ସୁରକ୍ଷା...

ଚଳିତ ରଥଯାତ୍ରାରେ ଯେଉଁ ବିଭ୍ରାଟ ଘଟିଲା ତାହା ଆଗରୁ କେବେ ଘଟିନଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭୋର ୪ଟା ପରେ ଦଳାଚକଟାରୁ ଲୋକଙ୍କ ଜୀବନ ଯିବା ପୁରୀ ଇତିହାସରେ ପ୍ରଥମ। ଘୋର ପ୍ରଶାସନିକ ଅବ୍ୟବସ୍ଥା, ବରିଷ୍ଠ ଅଧିକାରୀଙ୍କ ଦାୟିତ୍ୱହୀନତା ସର୍ବୋପରି ରାଜ୍ୟ ସରକାର ଏବଂ ମନ୍ତ୍ରୀସ୍ତରୀୟ କମିଟିର ହେୟଜ୍ଞାନ ମନୋବୃତ୍ତି କାରଣରୁ ଏତେବଡ଼ ଅଘଟଣ ଘଟିଥିବା କୁହାଯାଉଛି। ସରକାର ଚାହିଁଥିଲେ ଥିରେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିଥାନ୍ତେ। ମାତ୍ର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସରକାର କେବଳ ୨ ଜଣ ଓପିଏସଙ୍କୁ ନିଲମ୍ବନ କରି ନିଜ ଅସହାୟତାର ପ୍ରମାଣ ଦେଇଛନ୍ତି। ସରକାରଙ୍କ ଅସହାୟତା ଆଗକୁ ରାଜ୍ୟରେ ଘୋର ସଂକଟ ଆଣିପାରେ। ଯାହା ରାଜ୍ୟପାଇଁ ଭଲ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାର କାରଣ ଉଜାଗର ପାଇଁ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଦେଇଛନ୍ତି। ମାତ୍ର ପୂର୍ବରୁ ବଡଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ିଯିବା, ଭରତପୁର ଥାନା ଘଟଣା, ଚିକିଟି ମଦମୃତ୍ୟୁ ପରି ତଦନ୍ତର ଇତିହାସ ଦେଖିଲେ ପୁରୀ ରଥଯାତ୍ରା ତଦନ୍ତ ରିପୋର୍ଟ ସାଧାରଣକୁ ଆସିବ ତାହାକୁ ନେଇ ସନ୍ଦେହ ରହିଛି।

### ନନ୍ଦିଘୋଷ ରଥ...

ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଓ ଦହିପଟି ମଣୋହୀ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହ ଫେରିନଥିଲେ।


**କବଲା ହଜିଛି**

ଏତଦ୍ୱାରା ଆମ୍ଭେ ଶିବ ସ୍ୱସ୍ତିକ ଶ୍ରୀଚନ୍ଦନ, ପିତା- ବୈଦ୍ୟନାଥ ଶ୍ରୀଚନ୍ଦନ, ଏମ.ବି.- ୮୩, ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର, ଜନସାଧାରଣଙ୍କୁ ଅବଗତ କରୁଛି ଯେ, ମୋର ମାତା ଶ୍ରୀମତୀ ଶକୁନ୍ତଳା ଶ୍ରୀଚନ୍ଦନଙ୍କର ପୁରୀ ତହସିଲର: ଗୋପୀନାଥପୁର ଓରଫ ରାଉତରାପୁର, ଖାତା ନମ୍ବର - ୧୬୫/୬୫୧, ପ୍ଲଟ ନମ୍ବର- ୧୮୭/୧୩୮୫ ରେ ଅବସ୍ଥିତ ଏକର ୦.୦୨୨୫ ଡିସିମିଲ ସମ୍ବନ୍ଧିୟ ଜମିର ଅରିଜିନାଲ ଜମି କବଲା (RSD ନଂ. ୨୧୭୭, ତାରିଖ ୦୨.୦୭.୧୯୯୩) ଗତ ୨୬.୦୬.୨୦୨୫ ଦିନ ହଜିଯାଇଛି

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

6370964966

**LOST**

Lost sale Deed of my Property Plot No-1151, Drawing No-177/85, Mouza-Sikharpur, PS-Chauliaganj, Dist-Cuttack, State-Odisha. Document No-RSD 2033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, dated: 23.06.2025, I, Runima Mallick, W/o- Basanta Kumar Pradhan, Vil.- Dakeringia, PO- Gressingia, PS- G.Udayagiri, Dist.- Kandhamal- 762100 declare that I have changed name of my minor son from Anisas Pradhan to Balabana Pradhan. Henceforth,he will be known as **Balabana Pradhan** for all purposes.

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, Dated: 30.06.2025, I, Nuresh Khatun, D/o- M.D. Islam, resident of Vil.- G. Udaygiri, P.O./P.S.- Dist.- Kandhamal- 762100 declare that I have changed my name from Nuraisaha Khatun to Nuresh Khatun. Henceforth, I shall be known as **Nuresh Khatun** for all purposes.

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, dated 21.06.2025, I, Suneina Pradhan, W/o- Subodh Kumar Pradhan, Vil.- Telingia, PO- Gadaguda, PS- G.Udayagiri, Dist.- Kndhamal- 762100 declare that I have changed name of my minor daughter from Shreeya Digal to Shreeya Pradhan. Henceforth she will be known as **Shreeya Pradhan** for all purposes.

**ସତ୍ୟପାଠ**

କୁଜଙ୍ଗ, ଜଗତସିଂହପୁର ଜିଲ୍ଲାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦାଖଲ କରାଯାଇଥିବା ଶପଥପତ୍ର ସଂଖ୍ୟା ୨୪୪୦, ତାରିଖ ୦୧.୦୭.୨୦୨୫ ଅନୁଯାୟୀ, ମୁଁ ମଧୁସ୍ମିତା ସାହୁ, ସ୍ୱାମୀ- ରବି ନାରାୟଣ ସାହୁ, ଠିକଣା- ପ୍ଲଟ ନଂ.-୪୧, ଜିକେଏଆଇ କଲୋନୀ, ମଧୁବନ, ଥାନା- ପାରାଦୀପ, ଜିଲ୍ଲା- ଜଗତସିଂହପୁର, ମୋର ନାମ ମଧୁସ୍ମିତା ବିଶ୍ୱାଳରୁ ମଧୁସ୍ମିତା ସାହୁକୁ ପରିବର୍ତ୍ତନ କରିଛି। ଏଣିକି ମୁଁ ସମସ୍ତ ଉଦ୍ଦେଶ୍ୟରେ ମଧୁସ୍ମିତା ସାହୁ ନାମରେ ପରିଚିତ ହେବି।

ସ୍ୱାକ୍ଷର/- ମଧୁସ୍ମିତା ସାହୁ

**AFFIDAVIT**

I, Duradana Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1241, dtd- 30/06/2025 that now onwards I shall be known as **KANIJ FATMA** for all future purposes.

**AFFIDAVIT**

By virtue of an affidavit Sl. No.- 1687/25, dtd. 13.06.2025 before Notary Public, Malkangiri, I, Mamani Mandal have changed my name from Mamoni Bachar, D/o- Manoranjan Bachar, MV-14, Tamasa, Malkangiri to Mamani Mandal, W/o- Shitu Mandal, MV-7, Tamasa, Malkangiri. Henefroth I shall be known as **Mamani Mandal** for all purposes.

Sd/- Mamani Mandal

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025025, ତା.24.06.2025ରିଖ

କାର୍ଯ୍ୟର ନାମ : ଡାଳଫେର-ବିମଳଗଡ଼ BG ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ ଅନୁବନ୍ଧ ଠାରେ ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ /II/ ଅନୁଗୁଳଙ୍କ ଅଧୀନରେ କାର୍ଯ୍ୟାଳୟ ଭବନ, କ୍ୱାର୍ଟରଗୁଡ଼ିକର ନିର୍ମାଣ, ମରାମତି, ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 152.77 ଲକ୍ଷ, EMD : ₹ 2,26,400/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.07.2025ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟରଯୋଗେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ଓ୍ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଓ୍ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ ଏବଂ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତ୍ତ୍ୱ ଆକାଂକ୍ଷୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-47/CI/25-26

**AFFIDAVIT**

I, Mahaprangya Jain, aged about 46 years, S/o- Khemchand Jain, resident of Kantabanji, Po- Kantabanji, Ps- Kantabanji, Dist- Balangir, Odisha, Pin- 767039 declare by this affidavit No.1238, dtd- 30/06/2025, that now onwards I shall be known as **MAHAPRAGYA JAIN** for all future purposes.

**AFFIDAVIT**

By virtue of an affidavit sworn before Notary Public, Titilagarh, dated 25.06.2025 I, Rajkishor Dash, At-Bandhapada, Po- Bandhapada, P.s-Deogaon, Dist- Balangir, Odisha, Pin- 767029 declare that I have changed my Son's name from Triyambaka Dash to Tryambak Dash. Henceforth, he shall be known as Tryambak Dash for all purposes.

Rajkishor Dash

**AFFIDAVIT**

Shaik Faizulla, S/o- SK.Nurulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 413, Dated -12.12.24 that now onwards I shall be known as **SK. FAIZULLA** for all future purposes.

**AFFIDAVIT**

By virtue of an affidavit Sl. No.- 525, dtd. 30.06.2025 before the Executive Magistrate, Koraput, I, Shaym Sameli, have changed my minor son's name from Saiba Sameli to Saheb Sameli. Henefroth I shall be known as **Saheb Sameli** for all purposes.

Sd/- Shyam Sameli

B-242

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 08 OF 2025-26**

1. Nature of work:- **Building Work**
2. Number of works: **1 ( One )**
3. Amount put to Tender: - **Rs. 97,82,200.00**
4. Class of Contractor: **B Class**
5. Date & Time of availability of bid document in the portal: - **Dt. 08.07.2025 at 10:00 AM**
6. Last Date / Time of receipt of bid in the portal: - **Dt. 17.07.2025 up to 04:00 PM**
7. Date of opening of bid : - **Dt. 18.07.2025 at 11:00 AM**
8. Name & address of the Office inviting bid: - **Superintending Engineer, Rairangpur (R&B)Division**
9. The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

Superintending Engineer
Rairangpur (R&B) Division

OIPR-34041/11/0010/2526

**AFFIDAVIT**

I, Kanija Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1242, dtd- 30/06/2025 that now onwards I shall be known as **KANIJ FATMA** for all future purposes.

**AFFIDAVIT**

I, Munataj Shaikh, aged about 67 years, S/o- Golam Tahir, resident of At/Po- Neulpur, Dharmasala, Jajpur, PIN- 755024, Odisha declared by this affidavit No. 531, dtd- 26/06/2025 that now onwards I shall be known as **SK MUNTAJ** for all future purposes.

n-89

**DISTRICT PROJECT OFFICE**
**SAMAGRA SHIKSHA: CUTTACK (ODISHA)**
**Phone Fax: 0671-2509937 / 2509934**
**E-mail: dpccuttackssa.opepa@nic.in & dpccuttack.ss@gmail.com**
**No. 3153/XXIV-2123 / Plg / Date 30.06.2025**

**NOTICE**

With reference to this office Advertisement No. 701 dated 17.02.2023, it is for information of all concerned that **the Final Merit List, Panel List & Reject list of candidates applied for Different Posts of** Netaji Subas Chandra Bose Awasiya Hostel (NSCBAH) Under Samagra Shiksha ,Cuttack are published in official Website https://www.osepa.odisha.gov.in & https://www.cuttack.odisha.gov.in respectively. The candidates placed at the **serial No. 1** in the final Merit list of the post of Warden, Part Time Teacher (Maths &Science), Part Time Teacher (Sanskrit & Hindi), Asst. Cook are directed to attend the District Project Office, Samagra Shiksha, 2nd Floor, Collectorate Building, Cuttack-02 on 15.07.2025 (Tuesday) at 11A.M with their original Certificates, Mark sheets & other documents for executing the agreements & undertakings. This Panel List shall have the validity of one year from the date of publication of this notice for consideration in event any vacancy arises in future.

**District Project Coordinator,**
**Samagra Shiksha, Cuttack**

OIPR-27121/11/0009/2526

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 30/06/2025. I, **Sashi Kumbhar,** aged about 48 years, S/O- Manchan Kumbhar, permanent resident of At- Sargiguda, Ward No.1, PO/PO- Titilagarh, Dist. Balangir, (Odisha), PIN- 767033 now residing at the same place affirm that I have changed my minor son's name from **Gulshan Kumbhar** (old name) To **Gulsan Ayush Kumbhar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Gulsan Ayush Kumbhar** (new name).

**Sashi Kumbhar**

**AFFIDAVIT**

I, Taher Khan, aged about 60 years, S/o- Alim Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1243, dtd- 30/06/2025 that now onwards I shall be known as **ABU TAHER KHAN** for all future purposes.

# ଈଶ୍ୱରଙ୍କ ଭରସାରେ ଅମ୍ବାପାଲି ପଡ଼ାବାସୀ



- ଧନୁଯାତ୍ରା ବେଳେ ପ୍ରଶାସନିକ ଅଧିକାରୀଙ୍କ ମନେପଡ଼େ
- ବର୍ଷାରେ ଭାସୁଛି ଧନୁଯାତ୍ରାର ଗୋପପୁର

ବରଗଡ଼,୧।୭(ସମିସ)

ବରଗଡ଼ ସହର ୧୭ ନମ୍ବର୍ ୱାର୍ଡ ଅମ୍ବାପାଲି ରାଧାମାଧବ ପଡ଼ା, ଅନ୍ନପୂର୍ଣ୍ଣା କଲୋନୀ, ତାରିଣୀ ମନ୍ଦିର ପଡ଼ା, ପିପଲ ପଡ଼ା, ସର୍କିଟ ହାଉସ ପଡ଼ା ଆଦିକୁ ନେଇ ଗଠିତ। ଏଠାରେ ୨୫ଶହ ଭୋଟର୍ ଥିବା ବେଳେ ୪ ହଜାର ଜନସଂଖ୍ୟା ବହୁ ସମସ୍ୟା ଘେରରେ ରହିଛନ୍ତି। କେବଳ ଧନୁଯାତ୍ରା ସମୟରେ ଆମ୍ବାପାଲି ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସେ ଆଉ ଚାରିଆଡେ ରଙ୍ଗ ବୋଳି ଗୋପପୁର ପରି ସଜାଇ ଦେଇଥାନ୍ତି। ଚାରିଆଡ଼େ ଲାଇଟ୍ ଲାଗି ରାସ୍ତାଘାଟ ସବୁ କିଛିଦିନ ପାଇଁ ଚକାଚକ୍ ହୋଇ ଯାଏ। ହେଲେ ଏବେ ସେ ଅମ୍ବାପାଲି ଆଉ ଗୋପପୁର ପରି ଲାଗୁନି। ସମସ୍ୟା ଭିତରେ ଈଶ୍ୱରଙ୍କ ଭରସାରେ ଲୋକେ ବଞ୍ଚୁଛନ୍ତି। ତାରିଣୀ ମନ୍ଦିର ପଛପଟ କଲୋନୀରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ଘରକୁ ପାଣି ପଶିବା ସହିତ ଯାତାୟାତରେ ଅସୁବିଧା ହେଉଛି। ଦୀର୍ଘ ୮ ଦିନ ହେବ ପଡ଼ାବାସୀ ପାଣି ଘେରରେ ରହିଛନ୍ତି। ପ୍ରଶାସନ ସବୁ ଜାଣି ବି ଚୁପ୍। ଏକମାତ୍ର ଶ୍ମଶାନଘାଟ ସମ୍ପୂର୍ଣ୍ଣ ଭାଙ୍ଗି ଗଲାଣି। ରାସ୍ତା ସାମ୍ପ୍ରସାରଣରେ ଗୋପପୁର ପ୍ରବେଶ ଦ୍ୱାର ତୋରଣ ଓ ସମଲେଶ୍ୱରୀ ମନ୍ଦିର ତୋରଣ ଭାଙ୍ଗି ଦିଆଗଲା। ଏସବୁର ପୁନଃନିର୍ମାଣ ପାଇଁ ବାରମ୍ବାର ଦାବି କଲେ ବି କେହି ଶୁଣୁ ନାହାନ୍ତି। ଧନୁଯାତ୍ରାର ପୁତନା ମଣ୍ଡପ ଓ ବାଳିକା ବିଦ୍ୟାଳୟ ମଝିରେ ଗୋଟିଏ ଟ୍ରାନ୍ସଫର୍ମର ବିପଦଜନକ ଅବସ୍ଥାରେ ଅଛି। ତାକୁ ହଟାଇବାକୁ ଟାଟା ପାୱାରକୁ ଅଭିଯୋଗ କଲେ ସେମାନେ ବି ସମ୍ପୂର୍ଣ୍ଣ ନୀରବ। ଧନୁଯାତ୍ରା ପାଇଁ ଏକ ସ୍ଥାୟୀ ବୃନ୍ଦାବନ ପଡ଼ିଆ ତିଆରି କରାଯିବାକୁ ଦାବି କଥା କେହି ଶୁଣୁ ନାହାନ୍ତି। ଏବେ ସେ ବୃନ୍ଦାବନ ପଡ଼ିଆ ଖୋଲା ପାଇଖାନାରେ ପରିଣତ ହୋଇଛି। ଗୋଟିଏ ସ୍ଥାୟୀ ଡାକ୍ତରଖାନା ତିଆରି କରିବା ପାଇଁ ପୂର୍ବ ସରକାରଙ୍କ ଅମଳରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ସେକଥା ଏବେ ସମସ୍ତେ ପାଶୋରି ଯାଇଛନ୍ତି। ଧନୁଯାତ୍ରା କଳାକାରଙ୍କ ଐତିହ୍ୟ ସଂରକ୍ଷଣ ଓ ଆଖଡା ପାଇଁ ଗୋଟିଏ ସ୍ଥାୟୀ ଗୃହ ନାହିଁ। ଏତେ ସମସ୍ୟା ଭିତରେ ଲୋକେ ରହୁଥିବା ଜାଣି ବି ପ୍ରଶାସନ ଚୁପ୍ ରହିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ପଡ଼ାବାସୀ କହିଛନ୍ତି। ବର୍ଷା ଯୋଗୁଁ ଅମ୍ବାପାଲି ବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ପୁଣ୍ୟତିଥି




ବରପାଲି,୧।୭(ସମିସ): ବରପାଲି କଳା ଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ଓ କଳା ଭବନ ପରିବାର ପକ୍ଷରୁ ବାନ୍ଧକଳା ପ୍ରବାଦ ପୁରୁଷ ଶିଳ୍ପଗୁରୁ ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ସପ୍ତଦଶ ପୁଣ୍ୟତିଥି ସମାରୋହରେ ପାଳିତ ହୋଇଯାଇଛି। ଶିଳ୍ପଗୁରୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଯସୱାଲ ଏବଂ ବରଣ୍ୟ ଅତିଥି ଆଇଆଇଏଚଟି ବରଗଡ଼ ନିର୍ଦ୍ଦେଶକ ପ୍ରଫେସର ବ୍ରିଜେଶ ଅବସ୍ତି ତଥା ସମ୍ମାନିତ ଅତିଥି ଭାବେ ନିଖିଳ ଓଡ଼ିଶା ଭୁଲିଆ ସମାଜ କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ସୁରେନ୍ଦ୍ର ମୋହନ ମେହେର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶେଷାନ ବିଶି ଉପସ୍ଥିତ ଥିଲେ। କଳାଭାରତୀ ସଭାପତି ଡ.ରବୀନ୍ଦ୍ର ଗଡ଼ତିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କ ସୁପୁତ୍ର ବାନ୍ଧଶିଳ୍ପୀ ଡ.ସୁରେନ୍ଦ୍ର ମେହେରଙ୍କୁ ତାଙ୍କ ଦ୍ୱାରା ବାନ୍ଧକଳାରେ ପ୍ରସ୍ତୁତ ଗଙ୍ଗାଧର ଓ ମହିମା ଚଳିତ ବର୍ଷ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିବାରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ଉତ୍ତର ଗଡତିଆ ପ୍ରାରମ୍ଭିକ ସୂଚନା ସହ ସ୍ୱାଗତ ଜଣାଇଥିଲେ। କଣ୍ଠଶିଳ୍ପୀ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥଲେ। କାର୍ଯ୍ୟକ୍ରମ ପରିଚାଳନାରେ କଳାଭାରତୀ ଟ୍ରଷ୍ଟ ସଦସ୍ୟ ସହାୟତା କରିଥିଲେ।

## ଷ୍ଟେଟ୍‌ବ୍ୟାଙ୍କ ତରଫରୁ ଗୋପବନ୍ଧୁ ସେବାସଦନରେ ସାମଗ୍ରୀ ପ୍ରଦାନ

ଗାଇସିଲେଟ୍,୧।୭(ସମିସ): ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ତରଫରୁ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ତାଲପାଲି ପଞ୍ଚାୟତର ଜନକେଡ଼ା ସ୍ଥିତ ଗୋପବନ୍ଧୁ ସେବାସଦନରେ ମଙ୍ଗଳବାର ସାମଗ୍ରୀ ପ୍ରଦାନ ପରାଯାଇଛି। ଏହାର ଟିମ୍‌ରେ ଆରବିଓ ବରଗଡ଼ର ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥ, ତାଲପାଲି ଶାଖା ପରିଚାଳକ ଶାନ୍ତନୁ ମେହେର, ବରଗଡ଼ ଆରବିଓର ଏଚଆର୍ ମ୍ୟାନେଜର ପ୍ରୀତିଶ ଶେଖର ସେଠୀ, ବରଗଡ଼ ଆରବିଓର ସିନିଅର ଆସୋସିଏଟ୍ ଜିତେଶ ସ୍ୱାଇଁ, ତାଲପାଲି ଶାଖାର କଷ୍ଟମର ଆସୋସିଏଟ୍ ପ୍ରତ୍ୟୁସ ପଧାନ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ୧୦ଟି ଷ୍ଟିଲ୍‌ର୍‌ୟାକ୍, ରାସନ ସାମଗ୍ରୀ, ସ୍କୁଲ ବ୍ୟାଗ ଓ ଶୈକ୍ଷିକ ଉପକରଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗାଇସିଲେଟ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ, ପରିଚାଳନା କମିଟିର ଚୈତନ୍ୟ ସାହୁ, ବିପିନ ବିହାରି ସାହୁ, ରାଜେନ୍ଦ୍ର ପଧାନ ଭାଗିରଥି କନ୍ଧଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନା କମିଟି ତରଫରୁ ପିଲାଙ୍କୁ ତାଲପାଲି ଉଚ୍ଚବିଦ୍ୟାଳୟକୁ ନେବା ଆଣିବା ନିମନ୍ତେ ଚାରିଚକିଆ ଯାନ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ଗୋପବନ୍ଧୁ ସେବାସଦନ ବରଗଡ଼ ଜିଲ୍ଲାର ଏକ ଅଗ୍ରଣୀ ସେବା ସଂସ୍ଥା। ଏହା ଦିବ୍ୟାଙ୍ଗ ଓ ଅନାଥ ପିଲାଙ୍କ ଆଶ୍ରୟସ୍ଥଳୀ ଭାବେ କାର୍ଯ୍ୟକରୁଛି।





## ମାସିକ ଧର୍ମ ସ୍ୱଚ୍ଛତା କାର୍ଯ୍ୟକ୍ରମ 'ଖୁସି' ଆୟୋଜିତ

ବରଗଡ଼,୧।୭(ସମିସ): ସ୍ୱଚ୍ଛତା ହିଁ ଶୁଦ୍ଧତା ଓ ପବିତ୍ରତା। ଏହା ଶାରୀରିକ ହେଉ ଅଥବା ମାନସିକ। ସ୍ୱାସ୍ଥ୍ୟବାନ ହେବାକୁ ସଚେତନତା ହିଁ ହେଉଛି ଏକ ପ୍ରମୁଖ ଅବଲମ୍ବନ। ବିଶେଷତଃ ମହିଳାମାନଙ୍କ ମାସିକ ଧର୍ମ ସ୍ୱଚ୍ଛତାକୁ ଏକ ଆହ୍ୱାନ କହିବା ଅସମୀଚୀନ ନୁହେଁ। ଏହା କେବଳ ସେମାନଙ୍କ ଶାରୀରିକ ନୁହେଁ ବରଂ ମାନସିକ ସୁସ୍ଥତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପଞ୍ଚାୟତ ମହାବିଦ୍ୟାଳୟରେ ମହିଳା ମାସିକ ଧର୍ମ ସ୍ୱଚ୍ଛତା ସମ୍ପର୍କୀତ କାର୍ଯ୍ୟକ୍ରମ 'ଖୁସି' ଆୟୋଜିତ ହୋଇଛି। ସଭାର ସଭାପତି ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ ଏବଂ ମୁଖ୍ୟ ଅତିଥି ପ୍ରଶାସନିକ ମୁଖ୍ୟ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଛାତ୍ରୀଙ୍କ ନିମିତ୍ତ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଯୁକ୍ତଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀଙ୍କୁ ମହିଳା ମାସିକ ଧର୍ମ ସ୍ୱଚ୍ଛତା ଉତ୍ପାଦ ବଣ୍ଟନ କରିଯାଇଥିଲା। ଶେଷରେ ଅତିଥିଦ୍ୱୟ ବାଳିକା ସାଧାରଣ ପ୍ରକୋଷ୍ଠକୁ ଯାଇ ସେଠାରେ ସଂସ୍ଥାପିତ ସାନିଟାରୀ ନାପକିନ୍ ଡିସ୍‌ପେନ୍ସର (ଭେଣ୍ଡିଂ ମେସିନ୍)ର ଶୁଭ ଉଦ୍‌ଘାଟନ କରିଥିଲେ। 'ଖୁସି' କାର୍ଯ୍ୟକ୍ରମରେ ବେଣୀ ପଟେଲ, ଡ.କ୍ରିଷ୍ଣାରାଣୀ ସାସ୍ମଲ, ଡ.ସୁନୀତା ବେହେରା, ଛନ୍ଦାରାଣୀ ବେସେନ୍, କବିତା ସା ଏବଂ ବାସନ୍ତୀ ଓରାମ ପ୍ରମୁଖ ଦାୟିତ୍ୱ ନିର୍ବାହୀ ଅଫିସର୍ ଭାବେ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ଡ.ସୁନୀତା ବେହେରା।



## ହଳଧର ସାହିତ୍ୟର ଇଂରାଜୀ ସମୀକ୍ଷା ପୁସ୍ତକ ଆଲୋଚନାଚକ୍ର




ବରଗଡ଼,୧।୭(ସମିସ): ଲୋକ କବି ହଳଧର ନାଗଙ୍କ ସାହିତ୍ୟ ପୃଥିବୀକୁ ପ୍ରଭାବିତ କରୁଛି। ଅନ୍ତର୍ଜାତୀୟ ସ୍ତରରେ ଏହାର ଖ୍ୟାତି ବୃଦ୍ଧି ପାଇଁ ଅନୁବାଦ, ସମୀକ୍ଷା ଆଦି ସୁଯୋଗ ସୃଷ୍ଟି କରୁଛି। ତେଣୁ ଏ ଦିଗରେ ଆହୁରି ଯତ୍ନବାନ ହେବା ଆବଶ୍ୟକ ବୋଲି ବରଗଡ଼ ଗଣପତି ହୋଟେଲ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହଳଧରଙ୍କ ଇଂରାଜୀ ସମୀକ୍ଷା ପୁସ୍ତକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଏସ୍‌ଏଲ୍‌ସି ଇଣ୍ଡିଆନ ପବ୍ଲିସର ଓ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସର ମିଳିତ ଆୟୋଜନରେ ସଂସଦର ସଦସ୍ୟ ଅଶୋକ ପୁଜାହାରୀ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସଭାପତି ସୁଶାନ୍ତ ମିଶ୍ରଙ୍କ ସଂଯୋଜନା କରିଥିଲେ। ଦୁଇଦିନ ପୂର୍ବରୁ ହଳଧର ନାଗ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ସେଥିରେ ୟୁନେସ୍କୋ ନୂଆଦିଲ୍ଲୀର ଗବେଷକ ତଥା ପ୍ରଫେସର ବଳରାମ ପଣ୍ଡା ଓ ଜାମିଆଁ ମିଲିଆ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ପ୍ରଫେସର ସରୋଜ ମହାନନ୍ଦଙ୍କ ଦ୍ୱାରା ଇଂରାଜୀ ଭାଷାରେ ହଳଧର ସାହିତ୍ୟର ସମିକ୍ଷା ଉପରେ ରଚିତ ପୁସ୍ତକ 'ଅନସଙ୍ଗ ହିରୋଇନ ଅଫ ଦ ରାମାୟଣ' ଉନ୍ମୋଚିତ ହୋଇଥିଲା। ଏହି ଶୀର୍ଷକରେ ଲେଖକ ପ୍ରଫେସର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନ୍ୟତମ ଲେଖକ ବଳରାମ ପଣ୍ଡା ହଳଧର ସାହିତ୍ୟ ଉପରେ ଗବେଷଣା କରି ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ଆଲୋଚନା ସଭାରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଉମେଶ ମହାପାତ୍ର ଓ ପାର୍ବତିଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଆଲୋଚକ ଭାବେ ଯୋଗ ଦେଇ ପୁସ୍ତକକୁ ସମୀକ୍ଷା କରିଥିଲେ। ସଭାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଓ ସାହିତ୍ୟିକ ଡ.ସୁବାସ ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆବାହକ ସୂର୍ଯ୍ୟଭାନୁ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଓ ଭିସୁଟର ଫାଇନାନ୍ସ ଅଫିସର ତୁଳାରମ କଲେତ ହଳଧର ସଙ୍ଗୀତ ଗାନ କରିଥିଲେ। ଉମେଶ ପଧାନ, ସୁବାସ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ। ଶେଷରେ ସାହିତ୍ୟିକ ତେଜରୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହେରାପଞ୍ଚମୀରେ ରଥ ଭାଙ୍ଗିଲେ ମାଁ ଲକ୍ଷ୍ମୀ



ପାଇକମାଲ,୧।୭(ସମିସ): ନୃସିଂହନାଥ ମନ୍ଦିରରୁ ମାଁ ମହାଲକ୍ଷ୍ମୀ ମଙ୍ଗଳବାର ତାଙ୍କ ରଥରେ ବାହାରି ପାଇକମାଲ ମାଉସୀମା ମନ୍ଦିର ନିକଟକୁ ଆସିଥିଲେ। ମାଉସୀମା ଘର ସମ୍ମୁଖରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରାଗରେ ଭାଙ୍ଗିଥିଲେ। ଦ୍ୱିତୀୟା ଦିନ ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ଓ ଭଉଣୀଙ୍କୁ ଧରି ମହାଲକ୍ଷ୍ମୀଙ୍କୁ ଛାଡ଼ିଦେଇ ମାଉସୀ ଘରକୁ ଆସିଥିଲେ। ୫ ଦିନ ହେବ ମହାପ୍ରଭୁ ଜଗନ୍ନାଥ ଘରକୁ ନଫେରିବାରୁ ରାଗରେ ମହାଲକ୍ଷ୍ମୀ ମାଉସୀ ଘରକୁ ଯାଇ ରଥ ଭାଙ୍ଗି ସାରିବା ପରେ ମନ୍ଦିରକୁ ଫେରି ଆସିଥିଲେ। କାର୍ଯ୍ୟକ୍ରମରେ ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସୁନିଲ ପୁରୋହିତ, ରୋସନ ପାଣିଗ୍ରାହୀ, ଉମାକାନ୍ତ ପୁରୋହିତ, ମାତୃପ୍ରସାଦ ରଥ, ପ୍ରିତେଶ ବଡ଼ପଣ୍ଡା, ଦୁର୍ଯ୍ୟୋଧନ ତ୍ରିପାଠୀ, ଅନୀଲ ସାହୁ ତଥା ନୃସିଂହନାଥ ମନ୍ଦିର ପୂଜକମାନେ ସହଯୋଗ କରିଥିଲେ। ଫେରିବା ସମୟରେ ପାଇକମାଲ, ନରସିଂହପଡ଼ା, ଜର୍ଜଗଡ଼, ଦଣ୍ଡପାଟ, ଦୁର୍ଗାପାଲିର ମହିଳାମାନେ ନିଜ ନିଜ ଘର ସମ୍ମୁଖରେ ମାଁ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

## ଚୋରି ସାଇକଲ ଉଦ୍ଧାର, ଚୋର ଗିରଫ

ପାଇକମାଲ,୧।୭(ସମିସ): ପାଇକମାଲ ସରକାରୀ ଡାକ୍ତରଖାନା ସମ୍ମୁଖରେ ଥିବା ପାନ ଦୋକାନୀ ନାରାୟଣ ସାହୁଙ୍କ ସାଇକଲ ସୋମବାର ଚୋରି ହୋଇଥିଲା। ଶ୍ରୀ ସାହୁ ଏନେଇ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଚୂହାପାଲି ନିକଟରୁ ଅଭିଯୁକ୍ତକୁ ଚୋରି ସାଇକଲ ସହ ଧରିଥିଲା। ଅଭିଯୁକ୍ତ ହେଲା ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା ଅଧୀନସ୍ଥ ମସାନକୁଣ୍ଡା ଗାଁର କମଲେଶ ମଲ୍ଲିକ (୪୫)। ମଙ୍ଗଳବାର ଅଭିଯୁକ୍ତ କମଲେଶକୁ ପଦ୍ମପୁର କୋର୍ଟକୁ ପୁଲିସ ପଠାଇଛି। ବେଲ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଜେଲ୍ ଯାଇଥିବା ଜଣାପଡ଼ିଛି।

## ଖେଳ ଶିକ୍ଷକଙ୍କ ଦ୍ୱାରା ସ୍କୁଲବ୍ୟାଗ୍ ବଣ୍ଟନ




ପଦ୍ମପୁର,୧।୭(ସମିସ): ରାଜବୋଡ଼ାସମ୍ବର ବ୍ଲକ୍ ଅଧୀନ ସାରସମାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସ୍କୁଲବ୍ୟାଗ୍ ବଣ୍ଟନ କରାଯାଇଛି। ସାରସମାଲ୍ ଗାଁର ଜଣେ ଯୁବକ ବୁଲୁ ମଲିକ ଫେବୃଆରୀ ମାସରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନାରେ ଖେଳ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ପ୍ରଥମ ଦରମାରେ ଗାଁର ସବୁ ଛାତ୍ରଛାତ୍ରୀଙ୍କୁ ସ୍କୁଲବ୍ୟାଗ୍ ଦେବାକୁ ଘୋଷଣା କରିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଯୋଗେଶ୍ୱର ବରିହା ସଭାପତିତ୍ୱ କରିଥିଲେ।

ସହକାରୀ ଶିକ୍ଷକ ନାରାୟଣ ସାହୁ, ଶିକ୍ଷୟିତ୍ରୀ ସୈରେନ୍ଧ୍ରୀ ସେଠ୍, କମଳିନୀ ସାହୁ, ତପସ୍ୱିନୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୧।୭(ସମିସ): ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ଚାକିରିରୁ ଅବସର ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଓ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତାଙ୍କ ଅସାଧାରଣ ସେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଡେପୁଟି କଲେକ୍ଟର ଉପଜିଲ୍ଲାପାଳଙ୍କ ସହ ଓ କର୍ମଚାରୀ ସ୍ମୃତି ଚିହ୍ନ ଏବଂ ଅସ୍ଥାୟୀ ପେନସନ ଅର୍ଡର ପ୍ରଦାନ କରିବା ସହ ପରବର୍ତ୍ତୀ ଜୀବନରେ ସୁଖ, ସମୃଦ୍ଧି ଏବଂ ଶାନ୍ତି କାମନା କରିଥିଲେ।

## ଚିନ୍ତାମଣି ମଲ୍ଲିକଙ୍କ ପରଲୋକ



ପଦ୍ମପୁର,୧।୭(ସମିସ): ପଦ୍ମପୁର ଆର୍‌ଆଇ ଅଫିସ୍‌ର ଅବସରପ୍ରାପ୍ତ କର୍ମଚାରୀ ତଥା କଳାମନ୍ଦିର ୟୁଥ୍ କ୍ଲବ୍‌ର ବରିଷ୍ଠ ସଦସ୍ୟ ଚିନ୍ତାମଣି ମଲ୍ଲିକଙ୍କ ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ସେ ତାଙ୍କ ପଛରେ ପତ୍ନୀ, ୩ ପୁଅ ବିଶ୍ୱନାଥ, ପଦ୍ମଲୋଚନ, ପ୍ରବୀର ଓ ଝିଅ ପ୍ରବିଣା ମଞ୍ଜରୀଙ୍କ ସହ ନାତି ନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି। ମଙ୍ଗଳବାର ନିକଟସ୍ଥ ଲକ୍ଷ୍ମୀ ନାରାୟଣ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ବଡ଼ପୁଅ ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

## କର୍ମକାଣ୍ଡି ବ୍ରାହ୍ମଣ ସମାଜର ସଭାଗୃହ ଭିତ୍ତିପ୍ରସ୍ତର ସ୍ଥାପନ



ପାଇକମାଲ,୧।୭(ସମିସ): ପବିତ୍ର ତୀର୍ଥକ୍ଷେତ୍ର ନୃସିଂହନାଥର ସଂସ୍କୃତି ମଣ୍ଡପ ପରିସରରେ ମଙ୍ଗଳବାର ଶ୍ରୀଶ୍ରୀ ମାର୍ଜାରକେଶରୀ କର୍ମକାଣ୍ଡି ପରିଷଦର ସଭାଗୃହ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭାପତି ସୁବଳ ପଣ୍ଡା ସଭା ସଞ୍ଚାଳନ କରିଥିଲେ। କୋଷାଧ୍ୟକ୍ଷ ସନ୍ତୋଷ ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୋହେଲାରୁ ଆଗତ ମନବୋଧ ମିଶ୍ର ସଭାରେ ଝାରବନ୍ଧ ବ୍ଲକ୍ ସଭାପତି ଝସକେତନ ନନ୍ଦ, ଦେବରାଜ ପଣ୍ଡା, ମନୋଜ ପାଢ଼ୀ, ପ୍ରଫୁଲ୍ଲ ମହାପାତ୍ର, ପଦ୍ମପୁରରୁ ଆଶୁତୋଷ ପାଣିଗ୍ରାହୀ, ନୀଳମଣି ମିଶ୍ର, ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ପାଇକମାଲରୁ ପୂର୍ଣ୍ଣଚନ୍ଦ୍ର ଦାସ, ମାନସ ଦେବତା, ପ୍ରେମାନନ୍ଦ ଦେବତା, ଅଶୋକ ପାଣିଗ୍ରାହୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ସମ୍ବଲପୁରୀ ନାଟକ ମହୋତ୍ସବ
## ନାଟକ 'ଫେଙ୍କାରୀ' ଓ 'ଅ' ମଞ୍ଚସ୍ଥ

ଭଟଲି,୧।୭(ସମିସ):



ଭଟଲି ଶ୍ରୀଦଧିବାମନ ରଥଯାତ୍ରା ଅବସରରେ ନବଗୁଞ୍ଜର ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ସମ୍ବଲପୁରୀ ନାଟକ 'ଫେଙ୍କାରୀ' ଓ 'ଅ' ମଞ୍ଚସ୍ଥ ହୋଇଥିଲା। ଭଟଲି ନବଜ୍ୟୋତି ଶିକ୍ଷା ଅନୁଷ୍ଠାନ ପକ୍ଷରୁ ନାଟକ 'ଫେଙ୍କାରୀ' ମଞ୍ଚସ୍ଥ ହୋଇଥିଲା। ଜୀବନର ରଙ୍ଗମଞ୍ଚରେ କିଭଳି ଆମେ ଅନେକ ଝଡଝଞ୍ଜାର ଶିକାର ହେଉଛେ ଏବଂ ପରବର୍ତ୍ତୀ ସମୟରେ ନିଜର ଦୁଃଖ ମେଣ୍ଟାଇବା ପାଇଁ ଅନ୍ୟ ବ୍ୟକ୍ତି ପାଖରେ ହାତ ପତାଉଛେ, ତାର ନିଚ୍ଛକ ଛବି ଏଥିରେ ପ୍ରଦର୍ଶିତ ହୋଇଥିଲା। କାହାରିକି ହୀନ ଭାବିବା ଉଚିତ ନୁହେଁ, ସମସ୍ତେ ଦିନେ ନା ଦିନେ କାହାରି ପାଖରେ ଶରଣ ପଶିବା ତାହାକୁ ନାଟକରେ କଳାକାର ମାନେ ନିଖୁଣ ଭାବେ ନିଜ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ସେହିପରି ବରଗଡ଼ ସମର୍ପଣ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ଅ' ମଧ୍ୟ ସମସ୍ତଙ୍କ ମନ ମୋହିଥିଲା। ଶିଶୁଟିଏ ଜନ୍ମ ହେବାକ୍ଷଣି ଅ ରୁ ଶିକ୍ଷା ଆରମ୍ଭ କରିଥାଏ। ମାତ୍ର ଶିଶୁଟି ବଡ଼ ହେବା ପରେ ସେହି ଅ କୁ ନେଇ ଅନେକ ଶବ୍ଦର ସଂସ୍ପର୍ଶରେ ଆସିଥାଏ। ଯଥା ଅଧର୍ମ, ଅନୀତି, ଅନ୍ୟାୟ, ଅବିଶ୍ୱାସ ଆଦି। ଆରମ୍ଭରୁ ଶିକ୍ଷାଗ୍ରହଣ କରିଥିବା ଅ ଅକ୍ଷରକୁ ଯଦି ସେହି ଶବ୍ଦ ଗୁଡିକ ମଧ୍ୟରୁ କାଢ଼ି ଦିଆଯାଏ ତେବେ ତାହା ବ୍ୟକ୍ତିକୁ ସଚ୍ଚୋଟ ହେବାର ମନ୍ତ୍ର ଶିକ୍ଷା ଦିଏ। ଯଥା ଧର୍ମ, ନୀତି, ନ୍ୟାୟ ଓ ବିଶ୍ୱାସ ହୋଇପାରେ। ତେବେ ଉଭୟ ନାଟକରେ ଅଭିନୟ କରିଥିବା ଶିଶୁ କଳାକାର ଆଦ୍ୱିକ ଆର୍ଯ୍ୟନ୍ ଷଡ଼ଙ୍ଗୀ ଓ ସାମ୍ରିନ ଦାଶଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହେବା ସହିତ ଦର୍ଶକଙ୍କୁ ବାନ୍ଧିରଖିଥିଲା।

ପରେ ରଥଯାତ୍ରା ପରିଚାଳନା କମିଟିର ସଭାପତି ମୋତିଲାଲ ବନଛୋର ସମସ୍ତ କଳାକାରଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବରଗଡ଼,୧।୭(ସମିସ): ସଂକ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ପାଣ୍ଡେଙ୍କ ଚାକିରିରୁ ଅବସର ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଦ୍ୱୟ ଦୟାନିଧି କୈବର୍ତ୍ତ ଓ ବିଶିକେଶନ ଶତପଥୀ ଯୋଗ ଦେଇଥିଲେ। ଅମଠି ପଞ୍ଚାୟତର ସରପଞ୍ଚ ଲକ୍ଷେ ସିଂ ଥପ୍ପା, ବୈତାଳି କ୍ଲଷ୍ଟର୍ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବସ ସାହୁ, କ୍ଲଷ୍ଟର୍‌ର ସମସ୍ତ ପ୍ରଧାନଶିକ୍ଷକ ମାନଙ୍କ ମଧ୍ୟରେ ସତ୍ୟାନନ୍ଦ ସେଠ୍, କୈଳାସ ସାହୁ, ପ୍ରଭୁଦାସ ମହାନନ୍ଦ, ଜୟଦେବ ପ୍ରଧାନ, ରାଜେଶ ସୁନା, ତରଣୀସେନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଂକ୍ରୀ ଗାଁର ସମାଜସେବୀ ତଥା ଶିକ୍ଷାପ୍ରେମୀ ଜତୀନ୍ ହାତୀ ମଧ୍ୟ ପାଣ୍ଡେ ସାର୍‌ଙ୍କ ନିଷ୍ଠାବାଦୀ ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ବିବରଣୀ ପଠନ କରିଥିଲେ ଓ ସହକାରୀ ଶିକ୍ଷକ ସବିତ୍ ମହାଲିଙ୍ଗ ମଞ୍ଚ ପରିଚାଳନା କରିଥିଲେ। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଅକ୍ଷୟ ପାଣ୍ଡେ ଓ ସେବାଶ୍ରମର ଶିକ୍ଷକ ନିରଞ୍ଜନ ଦେବତା, ସୂର୍ଯ୍ୟ ବରିହା ଖାଦ୍ୟ ବ୍ୟଞ୍ଜନର ଦାୟିତ୍ୱ ବହନ୍ କରିଥିଲେ। ସେବାଶ୍ରମ ମୁଖ୍ୟ ସେବକ ଲଳିତ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଡାକ୍ତର ଦିବସ ପାଳିତ**

# ମାଇଁ ଡକ୍ଟର ମାଇଁ ହିରୋ, ଡାକ୍ତରଙ୍କ ପାଇଁ ଦିନଟିଏ





## ଡାକ୍ତର ଦିବସରେ ରକ୍ତଦାନ ଶିବିର

**ବରଗଡ଼,୧୭ (ସମିସ):** ଜୁଲାଇ ୧ କୁ ଜାତୀୟ ଡାକ୍ତର ଦିବସ ରୂପେ ପାଳନ କରାଯାଇଥାଏ। ଡାକ୍ତର ବିଧାନ ଚନ୍ଦ୍ରରାଏଙ୍କ ଜୟନ୍ତୀ ଉପଲକ୍ଷେ ଏହି ସ୍ୱତନ୍ତ୍ର ଦିବସ ପାଳନ ହୋଇ ଆସୁଛି। ଏଥିପାଇଁ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଭଟଲି ଛକରେ ଥିବା ସାଇକୃପା ପଲି କ୍ଲିନିକ ଓ ହସ୍ପିଟାଲ ପକ୍ଷରୁ ନିଆରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତୀୟ ଚିକିତ୍ସକ ସଂଘ ଓ ସାଇକୃପା ପଲି କ୍ଲିନିକ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଡାକ୍ତର ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ରକ୍ତଭଣ୍ଡାରରେ ରକ୍ତ ଆବଶ୍ୟକତା ଥିବାବେଳେ ଏପରି ଆୟୋଜନ ପାଇଁ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାରତୀୟ ଚିକିତ୍ସକ ସଂଘ ବରଗଡ଼ ଶାଖାର ସମ୍ପାଦକ ଡ.ସୁବଳ କିଶୋର କର, ଡ.ପ୍ୟାରିଲାଲ ତ୍ରିପାଠୀ ଉପସ୍ଥିତ ଥିଲେ। ଶିବିରରେ ସାଇକୃପା ପଲି କ୍ଲିନିକର ଚେୟାରମ୍ୟାନ୍ ଡ.ରାଜେଶ ତ୍ରିପାଠୀ, ଡ.ସୁସ୍ମିତା ଦାଶଙ୍କ ସହ ତାଙ୍କ ପୁଅ ତଥା ଡାକ୍ତରୀ ଛାତ୍ର ସିଦ୍ଧାର୍ଥ ତ୍ରିପାଠୀ ମଧ୍ୟ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଡାକ୍ତର ପରୀକ୍ଷା କଲେ ଡାକ୍ତରଙ୍କ ସ୍ୱାସ୍ଥ୍ୟ

ବରଗଡ଼ ଇନର୍ ହ୍ୱିଲ କ୍ଲବ୍ ଓ ପୁରୋହିତ ଜେନେରାଲ ହସ୍ପିଟାଲ ପକ୍ଷରୁ ନିଆରା ଭାବେ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇଛି। ପୁରୋହିତ ହସ୍ପିଟାଲ୍‌ରେ ମଙ୍ଗଳବାର ଡାକ୍ତରଙ୍କ ଦ୍ୱାରା ଡାକ୍ତର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ମାନେ ସୁସ୍ଥ ରହିଲେ ରୋଗୀଙ୍କ ଚିକିତ୍ସା ମଧ୍ୟ ଠିକ୍ ଭାବେ ହୋଇପାରିବ। ଆଜି ଏମିତି ଏକ ନିଆରା କାର୍ଯ୍ୟକ୍ରମ ଇନର୍ ହ୍ୱିଲ କ୍ଲବ୍ ପକ୍ଷରୁ କରାଯାଇଥିବା କ୍ଲବ୍ ସଦସ୍ୟ ମମତା ପୁରୋହିତ କହିଛନ୍ତି। ଡ.ରାମକୃଷ୍ଣ ପୁରୋହିତ, ଡ.ଜୟ ଗୋପାଳ ଶର୍ମା, ଡ.ଦେବଯାନି ମେହେର, ଡ.ଆଭିପ୍ସା ବେହେରା, ଡ.ରାଜ କିଶୋର ସାହୁ, ଡ.ସରୋଜ ମେହେର, ଡ.ପ୍ରକାଶ ନାରାୟଣ ତ୍ରିପାଠୀ, ଡ.ଆରତି ପ୍ରଧାନ, ଡ.ଶୀତଳ ଅଗ୍ରୱାଲ, ଡ.ସଚ୍ଚିକାନ୍ତ ଆଚାର୍ଯ୍ୟ, ଡ.ପ୍ରଫୁଲ୍ଲ ପାତ୍ର, ଡ.ନିର୍ମଳ ପୁରୋହିତ, ଡ.ଜଗଦୀଶ ପଣ୍ଡା ପ୍ରମୁଖଙ୍କ ସ୍ୱାସ୍ଥ୍ୟକୁ ଡ.ଗୋପାଳ ଅଗ୍ରୱାଲ ପରୀକ୍ଷା କରିଥିଲେ। ଇନର୍ ହ୍ୱିଲ କ୍ଲବ୍ ସଭାପତି ଅସୀମା ବିଷୋଇ, ସମ୍ପାଦକ ପୂଜା ଅଗ୍ରୱାଲ, କୋଷାଧ୍ୟକ୍ଷ ସାରିକା ଅଗ୍ରୱାଲଙ୍କ ସମେତ ମମତା ପୁରୋହିତ, ପ୍ରତିଭା ମହାନ୍ତି, ପ୍ରତିଭା ବାରିକ, ଭାଗ୍ୟଶ୍ରୀ ପାତ୍ର, ନିତୁରାଣୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଡାକ୍ତର ଦିବସ ପାଳିଥିଲେ।

## ସ୍କିନ୍ ଫର୍ଟିଲିଟି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସଚେତନତା ଶିବିର

ଜାତୀୟ ଡାକ୍ତର ଦିବସ ଉପଲକ୍ଷେ ବରଗଡ଼ର ଡ.ଶକ୍ତି ଓ ଡ.ଇପ୍ସିତା ସ୍କିନ୍ ଫର୍ଟିଲିଟି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ନିଃଶୁଳ୍କ ପରାମର୍ଶ ଓ ସଚେତନତା ଶିବିର ଆୟୋଜିତ ହୋଇଛି। ଏଥିରେ ରୋଗୀମାନଙ୍କୁ ନିଃଶୁଳ୍କ ପରାମର୍ଶ ସହ ଚିକିତ୍ସା ସୂଚନା ଓ ସ୍ୱାସ୍ଥ୍ୟ ସଚେତନତା ଦିଆଯାଇଥିଲା। ଫର୍ଟିଲିଟି ଏବଂ ଗାଇନିକ ଚିକିତ୍ସକ ଡ.ଶକ୍ତି ତ୍ରିପାଠୀ ଏବଂ ଚର୍ମରୋଗ ବିଶେଷଜ୍ଞା ଡ.ଇପ୍ସିତା ଦେବତାଙ୍କ ଉଦ୍‌ବୋଧନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ୨୦୭ ଜଣ ରୋଗୀ ସେବା ପ୍ରାପ୍ତ କରିଥିଲେ। ଅନେକ ସୂଚନାପତ୍ର ଓ ଶିକ୍ଷାମୂଳକ କାଉନସେଲିଂ ହୋଇଥିଲା। ବିଭିନ୍ନ ରୋଗ ଯଥା ବନ୍ଧ୍ୟା ଦୋଷ ସଂପର୍କିତ ଭ୍ରମ ଭାଙ୍ଗିବା, ଚର୍ମରୋଗ, ଋତୁସ୍ରାବ ଏବଂ କ୍ୟାନ୍ସର ଏଚପିଭି ଟୀକାକରଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା।

# ଗୋଲବଜାର ଡ୍ରେନ୍‌ରେ ଅବାଧ ନିର୍ମାଣ ଉଚ୍ଛେଦ

**ସମ୍ବଲପୁର, ୧୭ (ସମିସ) :** ଗୋଲବଜାର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ରାସ୍ତା ଅପରପାଶ୍ୱର୍ରେ କେ-୫୦୦୦ ନିକଟରେ ରାସ୍ତା ଉପରେ ଅବୈଧ ନିର୍ମାଣ ଆଜି ଉଚ୍ଛେଦ କରାଯାଇଛି। ବହୁଦିନ ଧରି ଜଳସ୍ରୋତ ଅବରୋଧ ହେଉଥିବା ଅଭିଯୋଗ ରହିଥିବାବେଳେ ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଟିମ୍ ପୂର୍ବରୁ ଏହାକୁ ଚିହ୍ନଟ କରିଥିଲା। ଏଠାରେ ସ୍ୱାଭାବିକ ଭାବେ ବର୍ଷାଜଳ ଯାଇନପାରି ସମଗ୍ର ଅଞ୍ଚଳରେ କୃତ୍ରିମ ବନ୍ୟା ସ୍ଥିତି ଉପ୍ନନ୍ନ ହୋଇଥାଏ। ନାଳ ଉପରେ ନିର୍ମାଣ ସହ ଆବର୍ଜନା ପଡ଼ି ଏହି ନାଳ ଅବରୋଧ ହୋଇଥିଲା। ଆଜି ସମ୍ବଲପୁର ମହାନଗର ନିଗମର ସାନିଟେସନ ଟିମ୍ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଛି। ଡେପୁଟି କମିଶନର (ସାନିଟେସନ) ଶୁଭଦୀପ୍ତା ମହାନ୍ତିଙ୍କ ସହିତ ସହକାରୀ କମିଶନର (ଏନ୍‌ଫୋର୍ସମେଣ୍ଟ) ଶ୍ରୀନିବାସ ମିର୍ଦ୍ଧା, ସାନିଟେସନ ଏକ୍ସପାର୍ଟ, କଠିଣ ବର୍ଜ୍ୟବସ୍ତୁ ଏକ୍ସପାର୍ଟ ତଥା ଏନ୍‌ଫୋର୍ସମେଣ୍ଟ ଟିମ୍ ଉପସ୍ଥିତ ଥିଲେ। ଆସନ୍ତାକାଲି ପୁଣି ଏହି ଡ୍ରେନ୍‌ର ଅବରୋଧ ଉଚ୍ଛେଦ ଜାରି ରହିବ ବୋଲି ଜଣାପଡ଼ିଛି।



**■ ବିଏମ୍‌ସି ଅତିରିକ୍ତ ଆୟୁକ୍ତଙ୍କୁ ଆକ୍ରମଣ ଘଟଣା**

# ସମୂହ ଛୁଟିରେ ଗଲେ ଜିଲ୍ଲା ଓଏଏସ୍ ଅଧିକାରୀ




**ସମ୍ବଲପୁର ୧୭ (ସମିସ) :** ଅତିରିକ୍ତ ଜିଲ୍ଲାପାଳ ତଥା ସଭାପତି ଓଏଏସ୍ ସଂଘ, ସମ୍ବଲପୁର ଜିଲ୍ଲା ଶାଖାର ଏକ ବୈଠକ ଆଜି ଅପରାହ୍ଣରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଓଏଏସ (ଏସ୍‌ଏଜି) ରତ୍ନାକର ସାହୁ କାର୍ଯ୍ୟରତ ଥିବା ସମୟରେ ଅମାନୁଷିକ ଭାବେ କରାଯାଇଥିବା ଆକ୍ରମଣର ଦୃଢ଼ ନିନ୍ଦା କରିବାସହ ଜୁଲାଇ ୧ ତାରିଖ ଅପରାହ୍ଣରୁ ସମୂହ ଛୁଟିରେ ଯିବାକୁ ପ୍ରସ୍ତାବ ପାରିତ ହୋଇଛି। ଏନେଇ ଏକ ପତ୍ର ଓଏଏସ୍ ସଂଘ ପକ୍ଷରୁ ସଭାପରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବ (ରିଜୋଲ୍ୟୁସନ) ଅନୁଯାୟୀ, ରାଜ୍ୟ ଓଏଏସ ସଂଘର ସମୂହ ଛୁଟିକୁ ଏକକ ଭାବେ ସ୍ଥଗିତ କରିବା ନିଷ୍ପତ୍ତିକୁ ଓଏଏସ୍ ସଂଘ ସମ୍ବଲପୁର ଜିଲ୍ଲା ଶାଖା ସମର୍ଥନ କରୁନାହିଁ। ଏଣୁ ଓଏଏସ୍ ଅଧିକାରୀଙ୍କ ଉପରେ ଆକ୍ରମଣର ପ୍ରତିବାଦରେ ୧.୭.୨୦୨୫ ଅପରାହ୍ଣରୁ ସମ୍ବଲପୁର ଜିଲ୍ଲାର ଓଏଏସ୍ ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବେ। ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ସରକାରୀ କର୍ମଚାରୀ ନିର୍ଭୟରେ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ କାର୍ଯ୍ୟାଳୟରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଦାବି କରାଯାଇଛି। ଏଭଳି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଅନ୍ୟ ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ଜାମିନ-ବିହୀନ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଉ। ସମସ୍ତ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ପିଏସ୍‌ଓ ଏବଂ ସୁରକ୍ଷା କର୍ମୀ ନିୟୋଜନ କରାଯାଉ। ଏହା କେବଳ ଗୋଟିଏ ଘଟଣା ନୁହେଁ। ଓଏଏସ୍ ସଂଘ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ମାନଙ୍କ ବିରୋଧରେ ବୃଦ୍ଧିପାଉଥିବା ମାନସିକ ଓ ଶାରୀରିକ ନିର୍ଯାତନାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ଏଭଳି ଘଟଣା ପୁନର୍ବାର ନଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା ସହ ସରକାରୀ କର୍ମଚାରୀଙ୍କ ସକାଶେ 'ରାଇଟ୍ ଟୁ ଡିଗ୍‌ନିଟି ଏଟ୍ ୱାର୍କପ୍ଲେସ୍' ପ୍ରଣୟନ କରାଯିବାକୁ ଦାବି କରାଯାଇଛି।

ବୈଠକରେ ଓଏଏସ୍ ଅଧିକାରୀ କେବଳ ପ୍ରଶାସନିକ ଅଧିକାରୀ ନୁହଁନ୍ତି ବରଂ ପ୍ରଶାସନ ଓ ଆଇନର ପ୍ରତୀକ ବୋଲି ମତପ୍ରକାଶ ପାଇଥିଲା। ଏଣୁ ଅଧିକାରୀମାନଙ୍କୁ ଆକ୍ରମଣ କରିବା ସାମ୍ବିଧାନିକ ପ୍ରଶାସନ ଆଇଡିଆ ଉପରେ ଆକ୍ରମଣ କରିବା ସହ ସମାନ। ଦାବି ପୂରଣ ହେବା ଏବଂ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସମସ୍ତେ ମିଳିତ ଭାବେ ନିଷ୍ପତ୍ତି ନେଇ ସମୂହ ଛୁଟିରେ ରହିବାକୁ ପ୍ରସ୍ତାବ ପାରିତ ହୋଇଥିଲା।

ସଭାପରେ ପାରିତ ପ୍ରସ୍ତାବର ନକଲ ସହ ସମୂହ ଛୁଟିରେ ଯିବାକୁ ନେଇ ପତ୍ର ଏବଂ ଓଏଏସ୍ ସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଓ ଅଶୋକ କୁମାର ଭୋଇ, ସିଡିଓ ତଥା ଇଓ ପ୍ରସନ୍ନ କୁମାର ପାତ୍ର, ଭିମସାର କୁଳସଚିବ ସୁଦର୍ଶନ ସଏ, ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ଡିଏଚ୍‌ଏଚ୍ ପ୍ରଶାସନିକ ଅଧିକାରୀ ନିଳାମ୍ବର ମହାନନ୍ଦ, ଏସଏମସି ଅତିରିକ୍ତ କମିଶନର ସୁନୀଲ କେରକେଟା ଓ ସରୋଜିନୀ ପ୍ରସନ୍ନ କୁଲୁ, ଡେପୁଟି କମିଶନର ସୀତାଦେବୀ ମାଝି, ସୀମା ସବିତା କୁଲୁ, ସରୋଜିନୀ କୁଲୁ, ଶୁଭଦୀପ୍ତା ମହାନ୍ତି, ଶଙ୍କର ପ୍ରସାଦ ସାହୁ ଓ ଭିକ୍ଟର ସୋରେଙ୍ଗ, ସଦର ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡା, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ ତଥା ଡେପୁଟି କଲେକ୍ଟର, ବିଭିନ୍ନ ବ୍ଲକର ବିଡିଓ ଓ ତହସିଲଦାରମାନେ ସ୍ୱାକ୍ଷର କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ବନମହୋତ୍ସବ

## ● ମାନପୁର ସ୍କୁଲ

**ବିଜେପୁର,୧୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ମାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଛି। ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ କମଳାକାନ୍ତ ମଟାରୀଙ୍କ ଅଧକ୍ଷତାରେ ଜାଙ୍ଗି ସିଆର୍‌ସିସି ରାଜେଶ୍ୱର ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ପୁରି ସମ୍ମାନିୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଶ୍ୱତାପନ ନିୟନ୍ତ୍ରଣରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ବୃକ୍ଷରୋପଣ ଉପରେ ଜନ



ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀ ପ୍ଲା କାର୍ଡ ସହିତ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ମାନପୁର ଗାଁ ରାସ୍ତାର ଉଭୟ ପାଶ୍ୱର୍ରେ ତଥା ନିକଟସ୍ଥ ପଡ଼ିଆରେ ଆମ୍ବ, କରଞ୍ଜ, ଅଁଳା, ଶାଗୁଆନ ଆଦି ବିଭିନ୍ନ ପ୍ରଜାତିର ୨୦୦ ଚାରାରୋପଣ କରାଯାଇଥିଲା। ଗେହ୍ଲାମଣି ମଲ୍ଲିକ, ପାର୍ଥବ ଚରଣ ଦାଶ, ଟିଟୋରାମ ଲୁହା, ପୂର୍ଣ୍ଣିମା ସା, ଉର୍ମିଳା ସ୍ୱାଇଁ, ରାକେଶ ବାରିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଯୁବଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ● ପଞ୍ଚାୟତ ଉଚ୍ଚବିଦ୍ୟାଳୟ

**ପଦ୍ମପୁର:** ରାଜବୋଡାସମ୍ବର ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ନାଥ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଲିଙ୍ଗରାଜ ପ୍ରଧାନ, ଡେପୁଟି କମିଶନର (ଜିଏସ୍‌ଟି) ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୀନକେତନ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରେଣୁଧର ସାହୁ, ଓମପ୍ରକାଶ ଅଗ୍ରୱାଲ ଓ ପୁରେନା ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିତ୍ରଭାନୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଉତ୍ତାପନ ହିଁ ଅସନ୍ତୁଳିତ ଜଳବାୟୁର ମୁଖ୍ୟ



କାରଣ ଓ ବ୍ୟାପକ ବୃକ୍ଷରୋପଣ ହିଁ ଏହାର ସମାଧାନ ବୋଲି ଲକ୍ଷ୍ୟ ନେଇ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଚାରା ନିଜ ବାଡ଼ିପଟେ ଲଗାଇବା ପାଇଁ ପ୍ରଦାନ କରାଯାଇଥିଲା। ଆସନ୍ତା ବର୍ଷ ଯାହାର ଗଛ ଠିକ୍ ଭାବେ ବଢ଼ିଥିବ ତାକୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ବୁଲୁ ମଲିକ ଓ ସୁରେଶ ପଟେଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମିତ୍ରଭାନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ● କୁଧରେନପାଲି ବିଦ୍ୟାଳୟ




**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ କୁଧରେନପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରକୃତିବନ୍ଧୁ ତଥା ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ରୋହିତ ତନସନା, ରୋଶନ ବନିଆ ଏବଂ ଶିକ୍ଷୟିତ୍ରୀ ପଦ୍ମିନୀ ଗଡ଼ତିଆ ବୃକ୍ଷର ମହତ୍ତ୍ୱ ବିଷୟରେ ଦିଗଦର୍ଶନ ଦେଇଥିଲେ। ବନ ମହୋତ୍ସବର ପ୍ରଥମ ଦିବସରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଶେଷରେ ଶିକ୍ଷକ ରୋଶନ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ଫେସନ୍ ଆଇକନ ଟାଇଟଲ୍ ଜିତିଲେ ଚର୍ଚ୍ଚିକା

**ସମ୍ବଲପୁର, ୧୭ (ସମିସ) :** କଟକ ସିଡିଏସ୍ଥିତ ରାଇସିନା ମଣ୍ଡପ ଠାରେ ଉତ୍କଳ ଫେସନ ଆଇକନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଫେସନ ଶୋ'ରେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ସମ୍ବଲପୁର ହୀରାକୁଦର ଚର୍ଚ୍ଚିକା ରାନୀ ବେହେରା ଟାଇଟିଲ୍ ଜିତିଛନ୍ତି। ଏହି ଶୋ'ରେ ଚାରୋଟି ରାଉଣ୍ଡ ହୋଇଥିଲା। ଚର୍ଚ୍ଚିକା ସମସ୍ତ ରାଉଣ୍ଡରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ଚର୍ଚ୍ଚିକାଙ୍କ ବୟସ ପାଞ୍ଚ ବର୍ଷ ହୋଇଥିବାବେଳେ ଛୋଟବେଳୁ ନୃତ୍ୟ ଓ ମଡେଲିଙ୍ଗରେ ସେ ରୁଚି ରଖିଛନ୍ତି। ସେ ସଞ୍ଜିବ ବେହେରା ଓ ରୁକ୍ମିଣୀ ବେହେରାଙ୍କ ଝିଅ।



# ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**ସମ୍ବଲପୁର, ୧୭ (ସମିସ) :** ଭାରତୀୟ ମଜଦୂର ସଂଘ ସହ ସମ୍ବନ୍ଧିତ ପାଚିକା ସହାୟିକା ମଜଦୂର ସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଗତ ଏପ୍ରିଲ ୧୨ ଓ ୧୩ ତାରିଖରେ ମଧ୍ୟାହ୍ନ ଭୋଜନ କର୍ମଚାରୀ ମହାସଂଘର ଦୁଇଦିନିଆ ସମ୍ମିଳନୀ ଅହମଦାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧ୍ୟାହ୍ନ ଭୋଜନ ଯୋଜନା (ଏମ୍‌ଡିଏମ୍) ରେ ନିୟୋଜିତ ରୋଷେୟା ଓ ଅନ୍ୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପରେ ପ୍ରସ୍ତାବ



ଗୃହୀତ ହୋଇଥିଲା। ଦାବି ଗୁଡ଼ିକ ମଧ୍ୟରେ ମଧ୍ୟାହ୍ନ ଭୋଜନ ଯୋଜନାର ରୋଷେୟା ମାନଙ୍କୁ ସର୍ବନିମ୍ନ ୧୦ ହଜାର ଟଙ୍କା ଦରମା ପ୍ରଦାନ, ଏମ୍‌ଡିଏମ୍ ଯୋଜନାର ଘରୋଇକରଣ ବନ୍ଦ କରିବା, ଖାଦ୍ୟ ପ୍ରସ୍ତୁତ ସମୟରେ ଦୁର୍ଘଟଣା ହେଲେ ମାଗଣା ଚିକିତ୍ସା ଏବଂ ବୀମାଭୁକ୍ତ କରିବା, ଆଶା ଓ ଅଙ୍ଗନବାଡ଼ି କର୍ମୀ ଭଳି ମାଗଣା ବୀମା ଯୋଜନା ପ୍ରଦାନ, ମଧ୍ୟାହ୍ନ ଭୋଜନ ରୋଷେୟା ଓ କର୍ମଚାରୀଙ୍କୁ ଇପିଏଫ୍ / ଇଏସ୍‌ଆଇ ଅନ୍ତର୍ଭୁକ୍ତ କରିବା, ଗୋଟିଏ କାର୍ଯ୍ୟ ବର୍ଷରେ ୧୦ ମାସ ବଦଳରେ ସମ୍ପୂର୍ଣ୍ଣ ଏକ ବର୍ଷର ଦରମା ପ୍ରଦାନ, ବର୍ଷକୁ ଦୁଇଯୋଡ଼ା ୟୁନିଫର୍ମ ପ୍ରଦାନ, ବିଦ୍ୟାଳୟରେ ଛାତ୍ର ସଂଖ୍ୟା ହ୍ରାସ ହେଲେ ରୋଷେୟାଙ୍କୁ କାମରୁ ବାହାର ନକରି ଅନ୍ୟସ୍ଥାନରେ ପୁନଃସ୍ଥାପନ ପାଇଁ ଉପଯୁକ୍ତ ନିୟମ ଆଣିବା ଆଦି ରହିଛି। ପାଚିକା ସହାୟିକା ସଂଘର ସଦସ୍ୟମାନେ ଅତରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ୧୯୭୫ ମାଟ୍ରିକ ବ୍ୟାଚ୍‌ର ନୂଆଖାଇ ଭେଟଘାଟ୍ ପ୍ରସ୍ତୁତି



**ବରଗଡ଼,୧୭ (ସମିସ):** ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ୧୯୭୫ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ଅଗଷ୍ଟ ୩୧ ତାରିଖ ରବିବାର ଦିନ ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅଗଷ୍ଟ ୨୮ ତାରିଖ ଋଷି ପଞ୍ଚମୀ ଗୁରୁବାର ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ପାଳିତ ହେବ। ଜର୍ଜ ହାଇସ୍କୁଲ ମାଟ୍ରିକ୍ ବ୍ୟାଚ୍‌ର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ୩୧ ଅଗଷ୍ଟରେ ପାଳନ କରାଯିବ ବୋଲି ସଦସ୍ୟ ମାନେ ମତପ୍ରକାଶ କରିଥିଲେ। ବୈଠକରେ ସର୍ବଶ୍ରୀ ନିର୍ମଳ କିଶୋର କର, କୃଷ୍ଣ ଚନ୍ଦ୍ର ପଣ୍ଡା, ଅଭୟ ଭୋଇ, ଅଶୋକ ପ୍ରଧାନ, ବାଳ ମୁକୁନ୍ଦ ଦାଶ, ଗୋପାଳ ଦାଶ, କୁନୁ ବଢ଼େଇ, କହ୍ନେଇଲାଲ ଗୁପ୍ତା, ରାଜେନ୍ଦ୍ର ଲାଠ, ଦେବୀ ପଟ୍ଟନାୟକ, ବନୱାରିଲାଲ କଟାରୁକା, ଗଣେଶ ରେଖାନୀ, ରତନ ଅଗ୍ରୱାଲ, ଜୟପ୍ରକାଶ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଶତ୍ରୁଘ୍ନ ଦାଶ, ସୁରେନ୍ଦ୍ର ପାଣିଗ୍ରାହୀ, ସ୍ୱାଧୀନ ମହାରଣା, ତାନସେନ ସରାଫ, ଅଶୋକ କୁଅଁର ପ୍ରମୁଖ ଯୋଗଦେଇ ନିଜ ନିଜ ମତ ଦେଇଥିଲେ। ଶେଷରେ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କୁ ୮ ବର୍ଷର ଦୁର୍ଦ୍ଦଶା ବଖାଣିଲେ

**ବରପାଲି,୧୭ (ସମିସ):**

ବରପାଲି ଜଗନ୍ନାଥ ନଗରବାସୀ ବିଗତ ୮ ବର୍ଷ ହେବ ଅବହେଳିତ ଅବସ୍ଥାରେ ଅର୍ଦ୍ଧନିର୍ମିତ ରେଲୱେ ଓଭରବ୍ରିଜ ପାଇଁ ଓ ଅନ୍ୟାନ୍ୟ ସମସ୍ୟା ନେଇ ନିତିଦିନିଆ ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ଏସମ୍ପର୍କରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସେମାନେ ମଙ୍ଗଳବାର ଉପସ୍ଥାପନ କରିଥିଲେ। ବରପାଲି ରେଲୱେ ଓଭରବ୍ରିଜ୍‌ର ବିଭିନ୍ନ ସମସ୍ୟାର ତଦାରଖ ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ତହସିଲଦାର ରଖିଣ ମେହେର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ ଜଗନ୍ନାଥ ନଗରରେ ପହଞ୍ଚି ତଦାରଖ କରିଥିଲେ।



ଏହି ଅବସରରେ ଜଗନ୍ନାଥ ନଗର ଦୁର୍ଗାପୂଜା କମିଟି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ପାଦକ ଯଦୁମଣୀ ତ୍ରିପାଠୀ, ଉପସଭାପତି ଅଜିତ ପଧାନ, ରାଜୁ ଗୁପ୍ତା, କାଲୁ ପଣ୍ଡା ପ୍ରମୁଖଙ୍କ ସହ ପଡ଼ାବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କୁ ସାକ୍ଷାତ ମାଧ୍ୟମରେ ନିତି ଦିନିଆ ଭୋଗୁଥିବା ସମସ୍ୟା ଏବଂ ବର୍ତ୍ତମାନର ବର୍ଷାକାଳୀନ ବିଭିନ୍ନ ଦୁର୍ଦ୍ଦଶା ମାନ ଦେଖାଇଥିଲେ। ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସର୍ଭିସ୍‌ରୋଡ ଏବଂ ନାଳ ନର୍ଦ୍ଦମା, ରାସ୍ତାଘାଟ ମରାମତି କାମ ଅତ୍ୟନ୍ତ ଆବଶ୍ୟକ ବୋଲି ଦାବି କରିଥିଲେ।

# ଜିଲ୍ଲା ଓଏଏସ୍ ସଂଘର ସାମୂହିକ ଛୁଟି



**ବରଗଡ଼,୧୭ (ସମିସ):** ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଅମାନୁଷିକ ଆକ୍ରମଣକୁ ସବୁ ଦିଗରୁ ଦୃଢ଼ନିନ୍ଦା କରାଯାଇଛି। ଆକ୍ରମଣ ବିରୋଧରେ ବରଗଡ଼ ଜିଲ୍ଲାରେ କାର୍ଯ୍ୟରତ ୪୨ ଜଣ ଓଏଏସ୍ ଅଧିକାରୀ ଏବଂ ୨୨ ଜଣ ଓଆରଏସ୍ ଅଧିକାରୀଙ୍କୁ ମିଶାଇ ସମୁଦାୟ ୬୫ ଜଣ ଅଧିକାରୀ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଆବେଦନ ପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର ମଧୁସ୍ମିତା ସାମଲଙ୍କ ସମେତ ଜିଲ୍ଲାର ସମସ୍ତ ଓଏଏସ୍ ଅଧିକାରୀ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରହିବ ବୋଲି ପଦ୍ମପୁର ବିଡିଓ ମନୋଜ ଦେବତା କହିଛନ୍ତି।


# ଏଲ୍‌ଏଲ୍‌ବି ପାଇଁ ଆରମ୍ଭ ହେଲା ଆବେଦନ

ଭୁବନେଶ୍ୱର,୧।୭(ସମିସ): ୩ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୧୬ରେ ସଂଶୋଧନ କରିପାରିବେ। ଜୁଲାଇ ୨୧ତାରିଖରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେବା ସହ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାର୍ଥୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ହେବ ନାହିଁ। ମାର୍କ ଓ ସଂରକ୍ଷଣ ଆଧାରରେ ଚୟନ କରାଯିବ। ସୂଚନାଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟି ଆଇନ୍ ମହାବିଦ୍ୟାଳୟ ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଏହି ନାମଲେଖା ପ୍ରକ୍ରିୟା ହେବ।

**ଅଗଷ୍ଟ ୧୧ରୁ ପାଠପଢ଼ା**

# ଆମେରିକା ଓ ବୁଲଗେରିଆର ଦୁଇ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

ଭୁବନେଶ୍ୱର,୧।୭(ସମିସ): ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଆଭାସୀ ମାଧ୍ୟମରେ ଆମେରିକାର ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ଓ ବୁଲଗେରିଆର ବର୍ଗାସ୍ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ୍ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।



ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

ଆମେରିକାନ ୟୁନିଭର୍ସିଟି ଅଫ୍ ମାଲଟାର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ, ବୁଲଗେରିଆର ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର୍ ମିଲେନ ବାଲଟୋଭ, କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର୍ ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୁଚିତ ହେଉଛି ଭକ୍ତର ଅଧିକାର

# ଆଉ ଛୁଇଁ ହେବନି ଅରୁଣ ସ୍ତମ୍ଭ

ପୁରୀ,୧।୭(ସମିସ): ଭକ୍ତର ଅଧିକାର ସଂକୁଚିତ ହେବାରେ ଲାଗିଛି। ଶୃଙ୍ଖଳା ଏବଂ ସଂସ୍କାର ପାଇଁ ହିଁ ପ୍ରଥମେ ଭକ୍ତଙ୍କୁ ଉତ୍ସର୍ଗ କରିବାକୁ ପଡୁଛି। ଶ୍ରୀମନ୍ଦିର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ଅଧିକାର ହରାଇବାରେ ଲାଗିଛନ୍ତି ଶ୍ରଦ୍ଧାଳୁ। ଏବେ ପୁଣି ଏକ ଭକ୍ତର ଅଧିକାର ଉପରେ କୁଠାରାଘାତ। ଏଣିକି ଅରୁଣସ୍ତମ୍ଭ ଛୁଇଁପାରିବେ ନାହିଁ ଭକ୍ତ, ଯାହାକୁ ନେଇ ଭକ୍ତ ସେବାୟତଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅରୁଣ ସ୍ତମ୍ଭ ହେଉଛି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁ ପ୍ରଥମେ ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ଦର୍ଶନ ଓ ସ୍ପର୍ଶ ସହ ପ୍ରଣିପାତ କରିଥା'ନ୍ତି। ଏହାପରେ ମନ୍ଦିରକୁ ପ୍ରବେଶ କରିଥା'ନ୍ତି। କେବଳ ଭକ୍ତ ନୁହଁନ୍ତି, ସେବାୟତ ମଧ୍ୟ ଏହାକୁ ପ୍ରଥମେ ଦର୍ଶନ ଓ ପ୍ରଣିପାତ କରିଥା'ନ୍ତି। ତେବେ ବ୍ରିଟିଶ ସମୟରୁ ଅରୁଣସ୍ତମ୍ଭ ଲୁହାବାଡ଼ ଦ୍ୱାରା ଘେରି ରହିଥିଲା। ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ କାଢ଼ି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଛି। ଅରୁଣସ୍ତମ୍ଭର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପାଇଁ ଏହି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଥିବା କୁହାଯାଇଛି। ହେଲେ ଏହାଦ୍ୱାରା ଶ୍ରଦ୍ଧାଳୁମାନେ ଆଉ ପୂର୍ବ ପରି ଅରୁଣ ସ୍ତମ୍ଭକୁ ସ୍ପର୍ଶ କରିପାରୁନାହାନ୍ତି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ପ୍ରଶାସନ ଯଦି ଏଭଳି ବିଧି ପରମ୍ପରା ସହ ଜଡ଼ିତ ନିଷ୍ପତ୍ତି ନେବାକୁ ଚାହିଁଥିଲା କିନ୍ତୁ



ଏନେଇ କୌଣସି ସେବାୟତଙ୍କ ସହ ଆଲୋଚନା କରିନାହିଁ। ଏପରିକି ଚୁନରା ସେବାୟତଙ୍କ ସହିତ ମଧ୍ୟ ଆଲୋଚନା ହୋଇନାହିଁ। ପ୍ରାୟ ୪ଫୁଟ୍ ଉଚ୍ଚର ପିତ୍ତଳ ବ୍ୟାରିକେଡ୍ ଲଗାଯିବା ଦ୍ୱାରା ଅଧିକାଂଶ ଭକ୍ତ ଆଉ ଅରୁଣସ୍ତମ୍ଭ ସ୍ପର୍ଶ କରିପାରୁନାହାନ୍ତି। ଏହା ସେମାନଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି। ଏ ସମ୍ପର୍କରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଏ ନେଇ ଆଲୋଚନା କରିବେ।

ସୂଚନାଥାଉ କି, ୩୪ଫୁଟ୍ ଉଚ୍ଚ ଏହି ଶିଳାସ୍ତମ୍ଭ ପୂର୍ବରୁ କୋଣାର୍କ ମନ୍ଦିରର ଶୋଭାବର୍ଦ୍ଧନ କରୁଥିଲା। ୧୬ କୋଣୀ ଏହି ଶିଳାସ୍ତମ୍ଭର ଉପରି ଭାଗରେ ସୂର୍ଯ୍ୟ ଦେବତାଙ୍କୁ ପ୍ରାର୍ଥନା କରିବା ମୁଦ୍ରାରେ ଅରୁଣଙ୍କ ମୂର୍ତ୍ତି ରହିଛି। ଅରୁଣଙ୍କ ସମାନ ଉଚ୍ଚତାରେ ବଡ଼ଦେଉଳ ରତ୍ନବେଦୀ ରହିଛି ବୋଲି କୁହାଯାଏ। ଅଷ୍ଟାଦଶ ଶତାବ୍ଦୀରେ ତତ୍କାଳୀନ ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନ କାଳରେ କୋଣାର୍କରୁ ସ୍ଥାନାନ୍ତର ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶୋଭା ପାଉଛି ଅରୁଣସ୍ତମ୍ଭ।

# ରାଜପଥରେ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍

## ଲୋକେ ଭୟଭୀତ; ଅଟକି ରହିଛି ବହୁ ଗାଡ଼ି

ସାରସକଣା/ଜାମଶୋଳା, ୧।୭ (ସମିସ): ସାରସକଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଜାମଶୋଳା ନିକଟ ଜିଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ପ୍ରୋପିଲିନ୍ ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଓଡ଼ିଶା-ଝାଡ଼ଖଣ୍ଡ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଧାରା ୧୬୩ ଜାରି କରାଯାଇଛି। ଏହି ଗ୍ୟାସ୍ ବିଷାକ୍ତ କି ସାଧାରଣ, ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞଙ୍କୁ ଡକାଯାଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ବ୍ୟବସ୍ଥା କରାଯିବା ସହ ୨କିମି ଯାଏ ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଏହାସହ ସ୍ଥାନୀୟ ଲୋକଙ୍କୁ ଘରୁ ନ ବାହାରିବାକୁ ନିବେଦନ କରାଯାଇଛି। ଶାନ୍ତି ଏବଂ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷେ, ଏଥିଯୋଗୁଁ ରାଜପଥରେ ଶହଶହ ଯାନବାହନ ଅଟକି ରହିଛି। ବାହାରାଗୋଡ଼ା ଥାନା ପ୍ରଭାରୀ ଏବଂ ଜୋନାଲ ଅଧିକାରୀ ସକାଳଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।

■ +୩ ତୃତୀୟ ରାଉଣ୍ଡ ମେଧା ତାଲିକା


# ୨ ରାଉଣ୍ଡ ପରେ ନାମଲେଖାରୁ ଦୂରେଇ ରହିଲେ ୫୦% ପିଲା

ଭୁବନେଶ୍ୱର, ୧।୭(ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯,୮୧୮ ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୦୨୩ ଛାତ୍ର ଥିବା ବେଳେ ୨୮,୭୯୨ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ପୂର୍ବପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି। କଳା, ବିଜ୍ଞାନ ସମେତ ବାଣିଜ୍ୟରେ ସର୍ବାଧିକ କଟ୍-ଅଫ୍ ଯାଇଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପସନ୍ ଦେଇ ନାମ ଲେଖାଇବାକୁ ବାଧ୍ୟ। ଅନ୍ୟଥା ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅପରପକ୍ଷେ, ପ୍ରଥମ ଦୁଇଟି ରାଉଣ୍ଡରେ ମୋଟ୍ ୨ଲକ୍ଷ ୨୧ହଜାର ୨୨୪ ପିଲା ଚୟନ ହୋଇଥିବା ବେଳେ ମାତ୍ର ୧ଲକ୍ଷ ୯ ହଜାର ୪୦୦ ଜଣ ନାମ ଲେଖାଇଛନ୍ତି। ଅର୍ଥାତ୍ ୫୦%ରୁ ଅଧିକ ପିଲା ନାମ ଲେଖାଇନାହାନ୍ତି। ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୪ ତାରିଖ ମଧ୍ୟରେ ନାମ ଲେଖାଇପରିବେ। ଏହା ପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ ତାରିଖରେ ଇ-ସ୍ପେସ୍‌ରେ ଓ ୧୩ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

**ନାମଲେଖା ପାଇଁ ୪୯,୮୧୮ ଚୟନ**

# ଇସ୍ରୋ ବୁଲିଲେ ସୌମ୍ୟ ଓ ପ୍ରୀତିକା






ଢେଙ୍କାନାଳ,୧।୭(ସମିସ): ତାଳଚେର ଏମ୍‌ସିଏଲ ସ୍ଥିତ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପ୍ରୀତିକା ପ୍ରିୟଦର୍ଶିନୀ ଏବଂ ଅନୁଗୋଳ ଜିଲ୍ଲା ବଁଅରପାଳସ୍ଥିତ ପଞ୍ଚଗଡ଼ ବିଜୟ କୁମାର (ପିବିକେ) ସରକାରୀ ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ସାହୁ ବେଙ୍ଗାଲୁରସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଇଷ୍ଟ୍ରାକ) ଏବଂ ୟୁଆରଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ପରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଟାଟାଷ୍ଟିଲ୍ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ୨ ଛାତ୍ରଛାତ୍ରୀ ମନୋନୀତ ହୋଇ ଇସ୍ରୋ ପରିଭ୍ରମଣର ସୁଯୋଗ ପାଇଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଉପସଚିବ ଏବଂ ପଠାଣିସାମନ୍ତ ପ୍ଲାନୋଟୋରିୟମର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲର ଅଧିକାରୀଙ୍କ ସହିତ ଛାତ୍ରଛାତ୍ର ଓ ସେମାନଙ୍କ ଅଭିଭାବକମାନେ ୨୦୨୫ ମେ' ୨୪ରେ ବେଙ୍ଗାଲୁର ଯାତ୍ରା କରିଥିଲେ। ୨୦୨୫ ମେ' ୨୮ରେ ପରିଭ୍ରମଣ ସାରି ଫେରିଥିଲେ। ତାଳଚେରର ଆଲୋକକୁମାର ସାହୁ ଏବଂ ପ୍ରଭାତୀ ସାହୁଙ୍କ ଝିଅ ପ୍ରତିକା କହିଛନ୍ତି, ମୂଲ୍ୟାୟନରୁ ଆରମ୍ଭ କରି ପରିଦର୍ଶନ ପର୍ଯ୍ୟନ୍ତ ସମଗ୍ର ଯାତ୍ରା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ଅନେକ ଜ୍ଞାନ ଆହରଣ କରିପାରିଛୁ।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୬୫ ● ପାଉଣ୍ଡ ୧୧୭.୭୧
- ୟୁରୋ ୧୦୧.୮୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୩୧୩ (ନୂଆଦିଲ୍ଲୀ)
- ରୁପା : ୧,୧୨,୬୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୬୯୭.୦୦
- ନିଫ୍ଟି ୨୫,୫୪୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପ୍ରତି ଭାରତୀୟଙ୍କ ମୁଣ୍ଡରେ ୪.୮ ଲକ୍ଷ ଋଣ

ନୂଆଦିଲ୍ଲୀ,୧।୭(ଏଜେନ୍ସି)

ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡପିଛା ହାରାହାରି ଋଣ ୪.୮ ଲକ୍ଷ ଟଙ୍କା। ୨୦୨୩ ମାର୍ଚ୍ଚରେ ଏହା ୩.୯ ଲକ୍ଷ ଟଙ୍କା ଥିଲା। ତେବେ କୌତୂହଳର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟଙ୍କ ଉପରେ ମୁଣ୍ଡ ପିଛା ଋଣ ପରିମାଣରେ ୨୩% ବୃଦ୍ଧି ଘଟିଛି। ଅର୍ଥାତ୍ ପ୍ରତ୍ୟେକ ଭାରତୀୟଙ୍କ ହାରାହାରି ଋଣ ୯୦,୦୦୦ ଟଙ୍କା ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜୁନ୍‌ର ଆର୍ଥିକ ସ୍ଥିରତା ରିପୋର୍ଟରେ ଏହି ସୂଚନା ଦିଆଯାଇଛି।




ଭାରତୀୟଙ୍କ ଉପରେ ବଢୁଥିବା ଋଣ ଏହା ଦର୍ଶାଉଛି ଯେ ଦେଶରେ ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଋଣ ନେଉଛନ୍ତି। ଏଥିରେ ଗୃହ ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟ ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ୍ କାର୍ଡ ଦେୟ ଭଳି ଅଣ-ଗୃହ ଖୁଚୁରା ଋଣ ସର୍ବାଧିକ ବୃଦ୍ଧି ପାଇଛି। ଏହି ଋଣଗୁଡ଼ିକ ମୋଟ ଘରୋଇ ଋଣର ୫୪.୯%। ଏହା ଖର୍ଚ୍ଚଯୋଗ୍ୟ ଆୟର ୨୫.୭%। ଏଥିରେ ଗୃହ ଋଣର ଭାଗ ୨୯%। ତେବେ ଏଥିରେ ଅଧିକାଂଶ ଲୋକ ପୂର୍ବରୁ ଋଣ ନେଇସାରିଛନ୍ତି ଏବଂ ପୁଣି ନେଉଛନ୍ତି। ଅପରପକ୍ଷେ ଆର୍‌ବିଆଇ ଅନୁଯାୟୀ, ଭାରତର ମୋଟ ଜିଡିପିର ୪୨% ଋଣ। ଭାରତରେ ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି, ଯାହାର ଅର୍ଥ ସେମାନଙ୍କଠାରୁ ଟଙ୍କା ହରାଇବାର ଆଶଙ୍କା କମ୍। ରିଜର୍ଭ ବ୍ୟାଙ୍କ କହିଛି ଯେ ବର୍ତ୍ତମାନ ଏହି ଋଣରୁ କୌଣସି ବଡ଼ ବିପଦ ନାହିଁ। ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି। ସେମାନେ ଋଣ ପରିଶୋଧ କରିବାକୁ ସକ୍ଷମ।

କ୍ଷୁଦ୍ର ଆର୍ଥିକ କ୍ଷେତ୍ରରେ (କ୍ଷୁଦ୍ର ଋଣ ଗୋଷ୍ଠୀ) ଋଣଗ୍ରହୀତାଙ୍କ ହାରାହାରି ଦେୟ ୧୧.୭%କୁ ହ୍ରାସ ପାଇଛି, କିନ୍ତୁ ୦୨୫ ର ଦ୍ୱିତୀୟାର୍ଦ୍ଧରେ ଚାପଗ୍ରସ୍ତ ସମ୍ପତ୍ତି ସଂଖ୍ୟା ବୃଦ୍ଧି ପାଇଛି। ଆର୍‌ବିଆଇ କହିଛି ଯେ କ୍ଷୁଦ୍ର ଆର୍ଥିକ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ଏବଂ ଲାଭାଂଶ ଆଦାୟ କରୁଛନ୍ତି। ଯାହା ଋଣଗ୍ରହୀତାଙ୍କ ପାଇଁ ପରିଶୋଧ କରିବା କଷ୍ଟକର ହେଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା, ଅନ୍ୟ ଦେଶମାନଙ୍କ ପ୍ରତି ଭାରତର ଋଣ / ବାହ୍ୟ ଋଣ ୭୩୬.୩ ବିଲିୟନ ଡଲାର ଥିଲା, ଯାହା ଗତ ବର୍ଷ ତୁଳନାରେ ୧୦% ଅଧିକ।

■ ୨୦୨୩ରେ ଥିଲା ୩.୯ ଲକ୍ଷ ଋଣ
■ ଦୁଇ ବର୍ଷରେ ଋଣ ୨୩% ବଢ଼ିଛି

# ଆଦାନୀ ଓ ଇସ୍କନ୍‌ର ମିଳିତ ସହଯୋଗରେ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୧।୭(ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରା ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଛନ୍ତି। ଗତ ୩ ଦିନ ହେବ ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି, ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ। ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା। ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା। ତାଳବଣିଆ ବସଷ୍ଟାଣ୍ଡଠାରୁ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଲା ଧର୍ମଶାଳା, ଦିଗବାରେଣୀ ପାର୍କିଂ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି। ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି।

# ରଥଯାତ୍ରାରେ ଅଲଟ୍ରାଟେକ୍ ସିମେଣ୍ଟ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ପାଇଲା ସ୍ଥାନ

ଭୁବନେଶ୍ୱର,୧।୭(ସିମସ): ଚଳିତ ରଥଯାତ୍ରାରେ, ପୁରୀ ସମୁଦ୍ର ବେଳାଭୂମିରେ ସବୁଠାରୁ ବଡ଼ ଆନାମର୍ଫିକ୍ ସମନ୍ୱିତ ଗୃହ ସ୍ଥାପନା ପାଇଁ ଅଲଟ୍ରାଟେକ୍ ସିମେଣ୍ଟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପାଇଲା ସ୍ଥାନ। ଏହି ଐତିହାସିକ ସଫଳତାରେ ସିମେଣ୍ଟ ବ୍ରାଣ୍ଡ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ପ୍ରତିଷ୍ଠିତ ପୁରୀ ସମୁଦ୍ର ବେଳାଭୂମିରେ ସର୍ବବୃହତ ଆନାମର୍ଫିକ୍ ଡିସ୍‌ପ୍ଲେ ସମନ୍ୱିତ ଗୃହ ସ୍ଥାପନ କରି ଆନୁଷ୍ଠାନିକ ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରିଛି, ଯାହା ୨୦୨୫ ରଥଯାତ୍ରାର ମହାନ ଉତ୍ସବ ସମୟରେ ନବସୃଜନ, ଡିଜାଇନ୍ ଏବଂ ଗଠନାତ୍ମକ ଉତ୍କର୍ଷତାର ଏକ ଅନନ୍ୟ ମିଶ୍ରଣକୁ ରଚନା କରିଛି। ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୁଗ୍ମ ସଭାପତି - ଜୋନାଲ ମୁଖ୍ୟ ଅମିତାଭ ପାଣ୍ଡେ ଅଲଟ୍ରାଟେକ୍ ସିମେଣ୍ଟ ବ୍ରାଣ୍ଡ ପକ୍ଷରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ସମ୍ମାନ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନରବିଜୟ ଯାଦବ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ସରକାରୀ ପ୍ରତିନିଧି, ପ୍ରଦାନ କରିଥିଲେ। ରେକର୍ଡ କରିଥିବା ଏହି ସ୍ଥାପନା ଲ୍ଇଡି ମାଧ୍ୟମରେ ଏକ ଦୁଇ ମହଲା ବିଶିଷ୍ଟ କଂକ୍ରିଟ୍ ଘର ଗଠନ ରହିଛି ଯାହା ଏକ ଆଧୁନିକ ଭାରତୀୟ ଘର ସଦୃଶ ଡିଜାଇନ୍ କରାଯାଇଛି ଓ ଏକ ବାହ୍ୟ ଆନାମର୍ଫିକ୍ ୩ଡି ପ୍ରଦର୍ଶନ ସହିତ ସହଜରେ ସମନ୍ୱିତ ହୋଇଛି ଯାହା ଭାରତରେ ପ୍ରଥମ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ର ମାନ୍ୟତା ଦାୟିତ୍ୱ ନେଇଥିବା ନରବିଜୟ ଯାଦବ ବର୍ତ୍ତମାନ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପତ୍ରିକାର ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି।



# ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ ଦେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମ କରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା।

- ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ, ପ୍ରଥମ ଥର କାମ କରୁଥିବା ଲୋକଙ୍କୁ ପ୍ରୋତ୍ସାହନ
- ମିଳିବ ଦୁଇଟି କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ

# ରଥଯାତ୍ରା ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୭(ସମିସ): ରଥଯାତ୍ରା ଅବସରରେ ଉତ୍କଳ ବିଦ୍ୟୁତ କର୍ମଚାରୀ ସଂଘ (ୟୁବିକେଏସ୍) ପକ୍ଷରୁ ପୁରୀ ବଡଶଙ୍ଖ ନିକଟରେ ଏକ ଉଲ୍ଲେଖନୀୟ ମାନବିକ ଉଦ୍ୟମ ହିସାବରେ ଭକ୍ତ ମାନଙ୍କ ପାଇଁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହଜାର-ହଜାର ଭକ୍ତଙ୍କୁ ଉଚିତ ବ୍ୟବସ୍ଥାରେ ମାନ୍ୟତା ଓ ସ୍ନେହସହିତ ଖାଦ୍ୟ ପରିବେଶନ କରାଯାଇଥିଲା। ସଂଘର ୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ସଚେଷ୍ଟ ଭାବରେ ଏଥିରେ ଅଂଶଗ୍ରହଣ କରି ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ଶୃଖଳାବଦ୍ଧ ବ୍ୟବସ୍ଥା ମାଧ୍ୟମରେ ସେବା ଦେଇଥିଲେ। ସଂଘର ସଭାପତି ୟୁର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଉଦ୍ୟମ ସଫଳ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ଶିକ୍ଷାରେ ସଫଳତା ମିଳିବ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ ।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ଷ୍ଟେସନ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା ।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି ।

# ବିବାହିତ ପୁରୁଷଙ୍କର ବୃଦ୍ଧି ପାଏ ଆୟୁ!



ବିବାହ ପରେ ଉଭୟ ପୁରୁଷ ଓ ମହିଳାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥାଏ । ତେବେ ବିବାହ ପୁରୁଷଙ୍କ ପାଇଁ ଲାଭଦାୟକ ହୋଇଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି । ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଅବିବାହିତ ପୁରୁଷଙ୍କ ତୁଳନାରେ ବିବାହିତ ପୁରୁଷ ଦୀର୍ଘ ଦିନ ପର୍ଯ୍ୟନ୍ତ ସୁସ୍ଥ ଓ ଜୀବିତ ରହିବା ସମ୍ଭାବନା ଅଧିକ । ପୁରୁଷ ଓ ମହିଳାଙ୍କ ବୟସ ଉପରେ ବିବାହର ଅଲଗା ଅଲଗା ପ୍ରଭାବ ଥିବା ଏହି ଅଧ୍ୟୟନ ଏକପ୍ରକାର ସୂଚାଇଛି । ବିବାହିତ ପୁରୁଷଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ବୃଦ୍ଧି ପାଏ । ଅବଶ୍ୟ ମହିଳାଙ୍କ କ୍ଷେତ୍ରରେ ଏହି ସ୍ଥିତିଟି ଅଲଗା ଥାଏ । ତେବେ ଜୀବନସାଥୀ ସହିତ ରହୁଥିବା ପୁରୁଷ ଦୀର୍ଘାୟୁ ହୋଇଥାନ୍ତି ବୋଲି ଏହି ଅଧ୍ୟୟନରେ କୁହାଯାଇଛି ।

ଅଧ୍ୟୟନ ଅନୁସାରେ, ଛାଡ଼ପତ୍ର କିମ୍ବା ବିଧବା ମହିଳାଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ମହିଳାଙ୍କ ତୁଳନାରେ ଅଧିକ କଷ୍ଟକର ହୋଇଥାଏ । ଏହି ଅଧ୍ୟୟନ କାନାଡ଼ାର ବୟସ୍କ ଲୋକଙ୍କ ଉପରେ ଆଧାରିତ ଥିଲା । ଏଥିରେ ୪୫ରୁ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଜୀବନଶୈଳୀକୁ ୨୦ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇଥିଲା । ଏଥିରୁ ଏକଥା ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ବିବାହ କରିବା ତଥା ନ କରିବା ଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ଓ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ । ବିବାହର ପ୍ରଭାବ ପୁରୁଷ ଓ ମହିଳାଙ୍କ ଜୀବନ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ ବୋଲି ଏହି ଅଧ୍ୟୟନରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ଏଥିରେ ଏକଥା ବି ଦର୍ଶାଯାଇଛି ଯେ, ବିବାହ କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ବରଂ ମାନସିକ ଅବସ୍ଥା ତଥା ଲୋକଙ୍କର ଭାବପ୍ରବଣତା ଉପରେ ମଧ୍ୟ ପ୍ରଭାବ ପକାଏ ।


# ଜୁଲାଇ ୩ରେ 'ରାମାୟଣ'ର ପ୍ରଥମ ଝଲକ୍



ବଲିଉଡ୍ ଅଭିନେତା ରଣବୀର କପୁର ଓ ସାଇପଲ୍ଲବୀଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି । ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି । ସବୁଠୁ ବଡ଼ କଥା ହେଉଛି ଏଥିରେ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଏହି ଫିଲ୍ମ ବେଶ୍ ଖାସ୍ ହେବାକୁ ଯାଉଛି । ଜୁଲାଇ ୩ ତାରିଖରେ ଫିଲ୍ମର ଲୋଗୋ ରିଲିଜ୍ କରାଯିବ । ଏହି ଦିନ ଦର୍ଶକଙ୍କୁ ଫିଲ୍ମର ଝଲକ୍ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଇତିମଧ୍ୟରେ 'ରାମାୟଣ'ର ତିନି ମିନିଟ୍‌ର ଫିଲ୍ମର ଟିଜର୍ ପ୍ରସ୍ତୁତ ମଧ୍ୟ ହୋଇ ଯାଇଛି । ତେବେ ଫିଲ୍ମ ରିଲିଜ୍ ହେବାକୁ ଆହୁରି ଦେଢ଼ ବର୍ଷ ବାକି ଥିବାରୁ ଫିଲ୍ମ ନିର୍ମାତା ଏବେ ଟିଜର୍ ରିଲିଜ୍ କରିବାକୁ ଚାହୁଁନାହାନ୍ତି । ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଭାବପ୍ରବଣତା ସହ ଟେକ୍ନୋଲଜିର ଏକ ନିଆରା ସଂଯୋଗ ଦେଖିବାକୁ ମିଳିବ । ଏହାପୂର୍ବରୁ ରାମାୟଣ ଉପରେ ପ୍ରଭାସଙ୍କ 'ଆଦିପୁରୁଷ' ମୁକ୍ତିଲାଭ କରିଥିଲା । ଫିଲ୍ମର ସଂଳାପ ଠାରୁ ଆରମ୍ଭ କରି ଭିଏଫ୍‌ଏକ୍ସରେ ଅନେକ ତ୍ରୁଟି ଦେଖାଯାଇଥିଲା । ଯେଉଁଥିପାଇଁ ସାମାଜିକ ଗଣମାଧ୍ୟମରେ ଏହାକୁ ଜବରଦସ୍ତ ଟ୍ରୋଲ୍ କରାଯାଇଥିଲା । 'ଆଦିପୁରୁଷ'ର ଟିଜର୍ ରିଲିଜ୍ ହେବା ପର ଠାରୁ ହିଁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଫିଲ୍ମ ଆସିବା ପରେ ଦର୍ଶକେ ପୂରା ନିରାଶ ହୋଇ ଯାଇଥିଲେ । ତେଣୁ 'ରାମାୟଣ'କୁ ନେଇ ନୀତେଶ ସେମିତି କିଛି ଭୁଲ୍ କରିବାକୁ ଚାହୁଁନାହାନ୍ତି । ଜୁଲାଇ ୩ରେ ଏହାର ଟିଜର୍ ଆସିବ କି ନାହିଁ ଏହାର ନିର୍ମାତା ଏନେଇ ବିଧିବଦ୍ଧ ଭାବେ କିଛି କହିନାହାନ୍ତି ।

## ଆଜି ଆସିଥିଲେ...

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



ଓଡ଼ିଆ ସାହିତ୍ୟ ଇତିହାସରେ କାଳନ୍ଦୀ ଚରଣ ପାଣିଗ୍ରାହୀ ଜଣେ ବିରଳ ପ୍ରତିଭା । ସାହିତ୍ୟର ସବୁ ବିଭାଗକୁ ସେ ଋଦ୍ଧିମନ୍ତ କରିଛନ୍ତି । ସେ ଥିଲେ ଏକାଧାରରେ ଜଣେ ଯଶସ୍ୱୀ କବି, କଥାଶିଳ୍ପୀ, ପ୍ରାବନ୍ଧିକ, ସୁସମାଲୋଚକ, ନାଟ୍ୟକାର । ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଅନ୍ୟମାନଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ । ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କର ଲେଖା 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମରାଚିତା', 'ମୁକ୍ତାଗଡ଼ର କ୍ଷୁଧା' ଆଦି ଉପନ୍ୟାସ । ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ । କାଳିନ୍ଦୀ ଚରଣଙ୍କ ସର୍ବଶ୍ରେଷ୍ଠ କୃତି 'ମାଟିର ମଣିଷ' ଲାଗି ସେ ଘରେ ଘରେ ପରିଚିତ । ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି 'ମାଟିର ମଣିଷ' । କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ । ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ । ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ । ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା । କଲେଜରେ ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ । ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା । ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ । କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା । ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ । ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା । ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା । ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ । ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି । ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା । ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି । ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ ।

## ସମ୍ଭାବନା



# ଚାଟ୍‌ଜିପିଟିରେ ଏସବୁ ସେୟାର୍ କରନ୍ତୁ ନାହିଁ

**ଆଜିକାଲି ପ୍ରାୟ ସମସ୍ତେ ଚାଟ୍‌ଜିପିଟିର ବ୍ୟବହାର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କରୁଛନ୍ତି । ବେଳେ ବେଳେ ଏଥିରେ ଅଜଣାତରେ ବି ଲୋକମାନେ ବ୍ୟକ୍ତିଗତ ତଥ୍ୟ ସେୟାର୍ କରନ୍ତି । ଯାହାକି ଗୋପନୀୟତା ପ୍ରତି ବିପଦ ସୃଷ୍ଟି କରିଥାଏ । ତେବେ ଚାଟ୍‌ଜିପିଟି ସହିତ କ'ଣ ସବୁ ସେୟାର୍ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା ।**



- ଚାଟ୍‌ଜିପିଟିରେ ସୋସିଆଲ ମିଡିଆ ପାସ୍‌ୱାର୍ଡ ଏବଂ ଇମେଲ୍ ଆଦି ବାବଦରେ ସେୟାର୍ କରନ୍ତୁ ନାହିଁ ।
- ଏଥିରେ ବ୍ୟାଙ୍କ ତଥା କ୍ରେଡିଟ୍ କାର୍ଡ ବିବରଣୀ ପ୍ରଦାନ କରନ୍ତୁ ନାହିଁ ।
- ସେହିପରି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ପ୍ୟାନ୍ କାର୍ଡ ତଥ୍ୟ ପ୍ରଦାନରୁ ଦୂରେଇ ରୁହନ୍ତୁ ।
- କାମ କରୁଥିବା ସ୍ଥାନ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରନ୍ତୁ ନାହିଁ ।
- ଚାଟ୍‌ଜିପିଟିରୁ ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଭୟ ଥାଏ । ତେଣୁ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା ଭଲ ।
- ଚାଟ୍‌ଜିପିଟି ବ୍ୟବହାର କରିବା ସମୟରେ ପ୍ରାଇଭେସି ପଲିସିକୁ ଧ୍ୟାନରେ ପଢ଼ନ୍ତୁ । ଏହାର ବ୍ୟବହାର କେବଳ ଅଫିସିଆଲ ୱେବ୍‌ସାଇଟ୍ ଏବଂ ଆପ୍ ଦ୍ୱାରା କରନ୍ତୁ ।

# ଜେନ୍-ଜିଙ୍କ କାର୍ଯ୍ୟ ଚାପ

**ଏବର ସମୟରେ ଜେନେରେସନ ଜେଡ୍ ବା ଜେନ୍-ଜିଙ୍କ ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି । ଏହି ପିଢ଼ିଙ୍କ ପାଖରେ ଅଧିକ ଉତ୍ସାହ, ଆତ୍ମବିଶ୍ୱାସ ଓ ଉର୍ଜା ଦେଖିବାକୁ ମିଳୁଛି । ଏହା ସତ୍ତ୍ୱେ ବି ସେମାନେ କାର୍ଯ୍ୟ ଚାପକୁ ନେଇ ଚିନ୍ତିତ ରହୁଛନ୍ତି । ଏହି ପିଢ଼ିଙ୍କ କାମ କରିବା ତରିକା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବେଳେ ସେମାନେ କାର୍ଯ୍ୟ ଚାପକୁ କିଭଳି ଭାବେ ନିୟନ୍ତ୍ରଣ କରିବେ, ସେ ସମ୍ପର୍କରେ ଜାଣିବା ।**



**ଜରୁରି କାମକୁ ପ୍ରଥମେ କରନ୍ତୁ:** ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଢ଼ିକୁ ଜେନେରେସନ ଜି ବା ଜେନ୍-ଜି, ଜେଡ୍ ବୋଲି କୁହାଯାଏ । ସେମାନଙ୍କ ଚାଲିଚଳଣି ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଛି । ସେହିପରି ଉତ୍ସାହର ସହିତ କାମ କଲେ ବି ସେମାନେ କାମ ଚାପ ସମସ୍ୟାକୁ ସାମ୍ନା କରୁଛନ୍ତି । ତେବେ କାମ ଯେତେବେଳେ ଅଧିକ ଲାଗୁଛି, କେଉଁ କାମ ପ୍ରଥମେ କରିବା ଜରୁରି, ତାହା ପ୍ରଥମେ ସ୍ଥିର କରନ୍ତୁ । ଜରୁରି କାମକୁ ପ୍ରଥମେ ପୂରା କରନ୍ତୁ । ଏ ନେଇ କାର୍ଯ୍ୟ ତାଲିକା ପ୍ରସ୍ତୁତି କରିପାରିବେ । ଏହା ଦ୍ୱାରା କିଛି ମାତ୍ରରେ କାର୍ଯ୍ୟ ଚାପ ହ୍ରାସ ପାଇପାରେ ।

**କାମ ମଝିରେ ବ୍ରେକ୍ ନିଅନ୍ତୁ:** ସେହିପରି ଲଗାତାର ବସି କାମ କରିବା ଦ୍ୱାରା କାର୍ଯ୍ୟ ଚାପ ବଢ଼ିପାରେ । ପ୍ରତି ଘଣ୍ଟାଏ ଏବଂ ଦୁଇ ଘଣ୍ଟା ମଧ୍ୟରେ ୫-୧୦ ମିନିଟ୍‌ରେ ଛୋଟ ବ୍ରେକ୍ ନିଅନ୍ତୁ । ଏହା ଦ୍ୱାରା ମନ ଖୁସି ରହିବ । କାମ କରିବାରେ ଆଗ୍ରହ ଆସିବ । ତେବେ କାମ ସରିବା ପରେ ଏବଂ ଛୁଟି ଦିନରେ କାମରୁ ସମ୍ପୂର୍ଣ୍ଣ ଭାବେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । କୌଣସି କାମରେ ସମସ୍ୟା ଆସୁଥିଲେ କିମ୍ବା କାର୍ଯ୍ୟ ଭାର ଅଧିକ ଲାଗୁଥିଲେ, ସହକର୍ମୀ କିମ୍ବା ମାଲିକଙ୍କୁ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତୁ ନାହିଁ ।

**ମନକଥା ପ୍ରିୟଜନଙ୍କ ସହ ଆଲୋଚନା କରନ୍ତୁ:** ଅନ୍ୟପଟେ ଭଲ ନିଦ୍ରା ସହ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ । ଏହି ଅଭ୍ୟାସ ଚାପକୁ କମ୍ କରେ । ଏହାବାଦ୍ ଅଧିକ ଚାପ ଅନୁଭବ କରୁଥିଲେ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରନ୍ତୁ । ତେବେ କାମ ଚାପରେ କାର୍ଯ୍ୟରୁ ନ ଓହରି ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କରନ୍ତୁ । ନୂଆ କଳା କୌଶଳ ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ମିଳେ ।

# ଅଫିସ୍ ବନ୍ଧୁତା



ଅଫିସ୍ କେବଳ କାମ କରିବା ସ୍ଥାନ ନୁହେଁ, ବରଂ ଏଠାରେ ଏମିତି ବି କିଛି ସାଙ୍ଗ ମିଳନ୍ତି, ଯେଉଁମାନଙ୍କ ସହ ସୁଖ, ଦୁଃଖ ବଣ୍ଟା ଯାଏ । ଅଫିସ୍‌ରେ ଗୋଟିଏ ସମୟରେ ଯିବା ଆସିବା କରିବା ତଥା ଅନେକ ସମୟରେ ଗୋଟିଏ ପ୍ରୋଜେକ୍ଟରେ ଏକାଠି କାମ କରିବାକୁ ହୋଇଥାଏ । ଏହିପ୍ରକାରେ ଏଠାରେ ଜଣକୁ ଗୋଟିଏ ରୁଟିନ୍‌ରେ ପରସ୍ପରକୁ ଜାଣିବା ଏବଂ ବୁଝିବାର ସୁଯୋଗ ଜୁଟେ । ଫଳରେ ବନ୍ଧୁତା ଆପେଆପେ ଗଢ଼ି ଉଠେ । ଅଫିସ୍ ସାଙ୍ଗସାଥୀଙ୍କ ସହିତ ଦିନର ଏକ ବଡ଼ ଅଂଶ ସେୟାର୍ କରିବାକୁ ପଡ଼େ । ଏତେ ସମୟ ଜଣକ ସହ ଏକାଠି ଅତିବାହିତ କରିବା ଦ୍ୱାରା ଏକ ବିଶେଷ ପ୍ରକାର ସମ୍ପର୍କ ଗଢ଼ି ହୋଇଯାଏ । ଯାହାକି ପରବର୍ତ୍ତୀ ସମୟରେ ବନ୍ଧୁତାରେ ରୂପାନ୍ତରିତ ହୋଇଥାଏ । ଅନେକ ସମୟରେ ଅଫିସ୍ କାମ ଚାପପୂର୍ଣ୍ଣ ହୋଇଥାଏ । ତେଣୁ ଅଫିସ୍‌ରେ ଏମିତି ଜଣେ ସାଙ୍ଗ ହେବା ଦରକାର, ଯାହା ସହ ମନକଥା ଓ କାର୍ଯ୍ୟ ଚାପ ବାବଦରେ ଆଲୋଚନା କରି ହେଉଥିବ ।

ସେହିପରି ଅଫିସ୍‌ରେ କିଛି ଜଣ ଏମିତି ମିଳନ୍ତି, ଯେଉଁମାନଙ୍କ ସହିତ କ୍ୟାରିୟର ଲକ୍ଷ୍ୟ ଓ ସଉକ ମଧ୍ୟ ମେଳ ଖାଏ । ଏହା ବନ୍ଧୁତାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରେ । ଅନ୍ୟପଟେ ଅଫିସ୍‌ରେ କିଛି ସମସ୍ୟାରେ ସାହାଯ୍ୟର ହାତ ବଢ଼ାଉଥିବା ମଣିଷ ହିଁ ଅଫିସ୍‌ର ପ୍ରକୃତ ବନ୍ଧୁ ହୋଇଥାନ୍ତି । ସେହିପରି ଅଫିସ୍‌ରେ ଚା' ଓ କଫି ଭଳି ଛୋଟ ଛୋଟ ବ୍ରେକ୍‌ରେ ଗପସପ ଏବଂ ହସ ଖୁସି ବନ୍ଧୁତାକୁ ଅଧିକ ମଜଭୁତ କରେ । ଏହା ବାଦ୍ ଅଫିସ୍‌ରେ ସାଙ୍ଗସାଥୀଙ୍କଠାରୁ ନୂଆ ଜିନିଷ ଶିଖିବାକୁ ମିଳିଥାଏ । ଏହି ଶିଖି-ଶିଖେଇବାର ସମ୍ପର୍କ ବି ଏକପ୍ରକାର ବନ୍ଧୁତାରେ ପରିଣତ ହୋଇଥାଏ ।

# ସ୍ମାର୍ଟ ଲୋକଙ୍କ ସ୍ମାର୍ଟ ଅଭ୍ୟାସ

**ପ୍ରତ୍ୟେକ ଲୋକଙ୍କ ସ୍ୱଭାବ, ଚାଲିଚଳଣି, ବ୍ୟବହାର ଏବଂ ଅଭ୍ୟାସ ଭିନ୍ନ ଭିନ୍ନ ଥାଏ । ଏହି କ୍ରମରେ କୌଣସି ବ୍ୟକ୍ତି ଜନ୍ମରୁ ସ୍ମାର୍ଟ ହୋଇ ନ ଥାନ୍ତି । ସେମାନଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ସ୍ମାର୍ଟ କରିଥାଏ ।**

- ତେବେ ସ୍ମାର୍ଟ ଲୋକଙ୍କ ସବୁଠୁ ଭଲ ଅଭ୍ୟାସ ହେଉଛି, ସେମାନେ ଅତ୍ୟନ୍ତ ଜିଜ୍ଞାସୁ ହୋଇଥାନ୍ତି ।
- ସବୁବେଳେ ନୂଆ ନୂଆ ଜିନିଷ ବାବଦରେ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ।
- ସ୍ମାର୍ଟ ଲୋକଙ୍କର ପଢ଼ାପଢ଼ି ପ୍ରତି ରୁଚି ଥାଏ । ସେମାନେ ବିଭିନ୍ନ ବହି ପଢ଼ାକୁ ଗୁରୁତ୍ୱ ଦିଅନ୍ତି ।
- କଥାବାର୍ତ୍ତା ସମୟରେ ସେମାନେ ଅନ୍ୟର କଥାକୁ ଧ୍ୟାନରେ ଶୁଣନ୍ତି । ସେମାନେ ଅନ୍ୟର ବିଚାର ଓ ଅଭିଜ୍ଞତାକୁ ବୁଝିବାକୁ ଚେଷ୍ଟା କରନ୍ତି ।
- ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣରେ ରହିବାକୁ ଭଲପାଆନ୍ତି ଏବଂ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରନ୍ତି ।
- ସେମାନେ ସମୟ ପରିଚାଳନା ଠିକ୍ ଭାବେ କରନ୍ତି । କୌଣସି କାମକୁ ବିଳମ୍ବରେ କରି ନ ଥାନ୍ତି ।


### ଏଜ୍‌ବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଆଜିଠାରୁ

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତ

ଏଜବାଷ୍ଟନ,୧୭ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ। ସିରିଜ୍ ବରାବର କରିବାକୁ ଦୃଢ଼ ଆଶାୟୀ ଥିବା ଭାରତକୁ ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଅନ୍ୟ ପକ୍ଷରେ ଇଂଲଣ୍ଡ ମଧ୍ୟ ମ୍ୟାଚ୍ ଜିତି ୨-୦ରେ ସିରିଜ୍ ଅଗ୍ରଣୀ ନେବାକୁ ବଡ ଆଶା ରଖିଛି। ଏଥିଲାଗି ପ୍ରଥମ ଟେଷ୍ଟ ଜିତିଥିବା ଦଳରେ କୌଣସି ପରିବର୍ତ୍ତନ କରିନାହିଁ ଇଂଲଣ୍ଡ। କିନ୍ତୁ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଭାରତ ଏଯାଏ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍ ଜିତିନାହିଁ। ଏଠାରେ ଦଳ ୮ଟି ମ୍ୟାଚ୍ ଖେଳି ୭ଟିରେ ହାରିଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଯାହା ଫଳରେ ଦଳ ଏଠାରେ ଓ ଚଳିତ ସିରିଜ୍‌ରେ ପ୍ରଥମ ଟେଷ୍ଟ ବିଜୟ ଲକ୍ଷ୍ୟରେ ରହିଛି। ସେହିପରି ଇଂଲଣ୍ଡ ଏଠାରେ ଖେଳିଥିବା ଶେଷ ୭ଟି ଟେଷ୍ଟ ମଧ୍ୟରୁ ଶେଷ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଉଭୟ ଦଳ ନିକଟରେ ମ୍ୟାଚ୍ ଜିତିବାକୁ ସମାନ ସୁଯୋଗ ରହିଛି।

କିନ୍ତୁ ଏଠାରେ ଟେଷ୍ଟ ମ୍ୟାଚ୍ ଜିତିବା ଭାରତ ଲାଗି ଏତେଟା ସହଜ ନୁହେଁ। ଦଳର ପ୍ରମୁଖ ବୋଲିଂ ଅସ୍ତ୍ର ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ଏଠାରେ କିପରି ମୁକାବିଲା କରିବ ତାହାକୁ ନେଇ ସୃଷ୍ଟି ହୋଇଛି ସଂଶୟ। ସେ ଏହି ସିରିଜ୍‌ରେ ୩ଟି ମ୍ୟାଚ୍ ଖେଳିବେ ବୋଲି କୁହାଯାଉଥିଲେ ମଧ୍ୟ ୱାର୍କଲୋଡ ଅନୁଯାୟୀ ବୁମ୍‌ରାଙ୍କୁ ଏହି ଟେଷ୍ଟରୁ ବାଦ୍ ଦେବା ଭାରତ ଲାଗି ବୁମେରାଂ ହୋଇପାରେ। ଏଣୁ ହରଡ଼ ଘଣାରେ ପଡ଼ିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ତାଙ୍କୁ ଯଦି ବାଦ୍ ଦିଆଯାଏ ତେବେ ଦଳ ସଂକଟରେ, ଯଦି ସେ ଖେଳନ୍ତି ତେବେ ସେ ନିଜେ ଅଡୁଆରେ ପଡ଼ି ପାରନ୍ତି। ଏଭଳି ସମୟରେ ଯଦି ସେ ନ ଖେଳନ୍ତି, ଅନ୍ୟତମ ଯୁବ ଫାଷ୍ଟ ବୋଲର ଆକାଶ ଦୀପ୍ ତାଙ୍କ ସ୍ଥାନରେ ଖେଳିବେ। ଆକାଶଙ୍କର ନିଜ ବୋଲିଂ ଉପରେ ଢ଼େର ନିୟନ୍ତ୍ରଣ ରହିଛି ଓ ଅଷ୍ଟ୍ରେଲିଆରେ ସେ ସୁନ୍ଦର ବୋଲିଂ କରିଥିଲେ। ସେହିପରି ଦଳ ଦ୍ୱିତୀୟ ଖେଳାଳି ବଦଳ କରିବ ବୋଲି ଆଶା ରଖିଛି। ସେହି ଖେଳାଳି ଜଣଙ୍କ ହେଲେ ଶାର୍ଦ୍ଦୁଳ ଠାକୁର। ଶାର୍ଦ୍ଦୁଳ ପ୍ରଥମ ଟେଷ୍ଟରେ ଆଦୌ ଉପଯୋଗୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଏଣୁ ଭାରତୀୟ ଦଳ ତାଙ୍କୁ ଦ୍ୱିତୀୟ ସୁଯୋଗ ଦେବ ନାହିଁ ବୋଲି ଆଶା କରାଯାଉଛି।





### ■ ସୁନ୍ଦର ହୋଇ ପାରନ୍ତି ଦ୍ୱିତୀୟ ସ୍ପିନର

ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଏଜବାଷ୍ଟନ ପିଚ୍‌ରେ ଦୁଇ ଦିନ ପୂର୍ବରୁ ୧୧ ଏମଏମ ଘାସ ଥିଲା। କିନ୍ତୁ ଏବେ ତାହା ଦେଖିବାକୁ ମିଳୁ ନାହିଁ। ଅସହ୍ୟ ଗରମ ଯୋଗୁ ପଡ଼ିଆ ଶୁଷ୍କ ରହିଛି। ଏଭଳି ସ୍ଥିତିରେ ଭାରତ ଦୁଇଜଣ ସ୍ପିନରଙ୍କୁ ଖେଳାଇବ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ଆଗରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ଜଣ ସ୍ପିନର ଖେଳାଇବା କଥା ସ୍ପଷ୍ଟ କରିଥିଲେ ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍କେଟ୍। ସବୁଆଡୁ ଦେଖିଲେ ଏହି ଟେଷ୍ଟରେ ଭାରତ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ବୃଦ୍ଧି ପାଇଛି। ରବୀନ୍ଦ୍ର ଜାଡେଜା ପ୍ରଥମ ପସନ୍ଦର ସ୍ପିନର ହୋଇଥିଲାବେଳେ କୁଲଦୀପ ଯାଦବ ଦ୍ୱିତୀୟ ସ୍ପିନର ଭାବେ ଖେଳନ୍ତୁ ବୋଲି ଅନେକ ପରାମର୍ଶ ଦେଇଥିଲେ। କିନ୍ତୁ କୁଲଦୀପ ନୁହଁନ୍ତି ଅଫ୍ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏଠାରେ ଖେଳିବାର ସମ୍ଭାବନା ଅଧିକ ରହିଛି। ଏହି ଗ୍ରାଉଣ୍ଡରେ ଅତୀତରେ ଅଫ୍ ସ୍ପିନର ମାନେ ଟେଷ୍ଟରେ ସଫଳତା ପାଇଛନ୍ତି। ଅଷ୍ଟ୍ରେଲିଆର ନାଥାନ ଲାୟନ, ଇଂଲଣ୍ଡର ମୋଇନ ଅଲି ଓ ୨୦୧୮ରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ଏଠାରେ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଉଭୟ ରେକର୍ଡ ଓ ରଣନୀତି ଯୋଗୁଁ ସୁନ୍ଦରଙ୍କ ଏହି ଟେଷ୍ଟ ଖେଳିବା ସମ୍ଭାବନା ଶତପ୍ରତିଶତ ବୃଦ୍ଧି ପାଇଛି।

### ■ ଇଂଲଣ୍ଡ ଆତ୍ମବିଶ୍ୱାସୀ

ବାଜ୍‌ବଲ ଏରା (ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କଲମଙ୍କ ଖେଳ ଶୈଳୀ)ରେ ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ହୋଇପାରିଛି। ଏହି ଶୈଳୀର ପ୍ରମୁଖ ଧାରା ହେଉଛି ଆକ୍ରମଣାତ୍ମକ ଖେଳିବା। ଏହି ରଣନୀତିରେ ଇଂଲଣ୍ଡ ବିଫଳତା ଅପେକ୍ଷା ଅଧିକ ସଫଳ ହୋଇଛି। ଏଭଳି ସ୍ଥିତିରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟ ଜିତିବାକୁ ଇଂଲଣ୍ଡର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଦଳର ଆତ୍ମବିଶ୍ୱାସ ଏତେ ବଢ଼ିଛି ଯେ, ଦଳ ପ୍ରଥମ ଟେଷ୍ଟ ଖେଳିଥିବା ଏକାଦଶ ଏହି ମ୍ୟାଚ୍ ଲାଗି ଅପରିବର୍ତ୍ତିତ ରଖିଛି। ବୋଲିଂରେ ଦଳ ଅନଭିଜ୍ଞ ଖେଳାଳିଙ୍କୁ ସାମିଲ କରି ମ୍ୟାଚ୍ ଜିତିନେଇଛି। ଏପରିକି ଭାରତ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୪୧ ରନ୍‌ରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ୬ଟି ୱିକେଟ ଅକ୍ତିଆର କରିବାରେ ଏହି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦଳର ବ୍ୟାଟିଂ ଲାଇନ୍ ଶକ୍ତିଶାଳୀ ଥିଲାବେଳେ ଉତ୍ସାହୀ ବୋଲରଙ୍କୁ ନେଇ ଇଂଲଣ୍ଡ ଏହି ଟେଷ୍ଟ ଜିତିବ ବୋଲି ଅଧିନାୟକ ତଥା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଶା ପ୍ରକାଶ କରିଛନ୍ତି।

**ଭାରତର ସମ୍ଭାବ୍ୟ ଏକାଦଶ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ), କରୁନ ନାୟାର/ନୀତୀଶ ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା/ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ**

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱୋକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

**ଖେଳ ସମୟ**

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

**ପ୍ରସାରଣ**

ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ।

● ୱିମ୍ବଲଡନ ଦ୍ୱିତୀୟ ଦିନ

## ସିନ୍ନରଙ୍କ ଅଗ୍ରଗତି; ପେଗୁଲା ଆରମ୍ଭରୁ ଝୁଣ୍ଟିଲେ

ଲଣ୍ଡନ, ୧।୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ଏକ ନମ୍ବର ପୁରୁଷ ଖେଳାଳି ଇଟାଲୀର ଜାନିକ ସିନ୍ନର ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। କିନ୍ତୁ ମହିଳା ବିଭାଗରେ ଆମେରିକାର ୩ୟ ସିଡ୍ ଜେସିକା ପେଗୁଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।



ଏଲିସାବେଟ୍ଟା କୋକିଆରେଟ୍ଟୋ

ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବର କୋର୍ଟ-୧ରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ସାଥୀ ଇଟାଲୀ ଖେଳାଳି ଲୁକା ନାର୍ଡିଙ୍କୁ ସହଜରେ ହରାଇଥିଲେ। ସେହିଭଳି ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ୬-୭ (୬/୮), ୬-୭ (୮/୧୦), ୬-୪, ୭-୬ (୮/୬), ୬-୪ ସେଟ୍‌ରେ ଫ୍ରାନ୍ସର ପେଷ୍ଟି ପେରିକାର୍ଡଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୩ତମ ସିଡ୍ ଆମେରିକା ଟମି ପଲ୍, ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍ ମଧ୍ୟ ପ୍ରଥମ ରାଉଣ୍ଡରେ ସହଜ ବିଜୟ ସହ ଆଗେଇଛନ୍ତି। ସେଣ୍ଟର କୋର୍ଟରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଫ୍ରାନ୍ସର ଆର୍ଥର ରିଣ୍ଡରନିଚ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ଅପରପକ୍ଷରେ ମହିଳା ବିଭାଗରେ ଆମେରିକାର ତାରକା ଖେଳାଳି ତଥା ୩ୟ ସିଡ୍ ଜେସିକା ପେଗୁଲାଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡରେ ଇଟାଲୀର ଏଲିସାବେଟ୍ଟା କୋକିଆରେଟ୍ଟୋ ୬-୨, ୬-୩ ସିଧାସଳଖ ସେଟ୍‌ରେ ମାତ୍ର ୫୮ ମିନିଟ୍‌ରେ ପେଗୁଲାଙ୍କୁ ହରାଇ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ସେହିଭଳି ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଦୁଇ ଚେକ୍ ଗଣରାଜ୍ୟ ଖେଳାଳି ବାର୍‌ବୋରା କ୍ରେଜିକୋଭା ଓ କାଟେରିନା ସିନିଆକୋଭା, ପୋଲାଣ୍ଡର ଇଗା ସ୍ୱିଆଟେକ ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ତେବେ ୨୦୨୪ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଚାଇନାର କ୍ୱିନ୍‌ୱିନ ଝେଙ୍ଗ୍‌ଙ୍କୁ ୫-୭, ୬-୪, ୧-୬ ସେଟ୍‌ରେ ହରାଇ ସିନିକୋଭା ଦିବସର ଅନ୍ୟ ବଡ଼ ବିପର୍ଯ୍ୟୟ ଘଟାଇଥିଲେ।

## ୟୁନମ୍ ପର୍ବତାରୋହଣ କଲେ ଯୋଡାର ଦୀପକ

ଭୁବନେଶ୍ୱର,୧।୭ (ସମିସ): ଓଡ଼ିଶା ତଥା ଯୋଡାର ପର୍ବତାରୋହୀ ଦୀପକ ମହନ୍ତ ବିଶ୍ୱର ଅନ୍ୟତମ ଉଚ୍ଚ ଶୃଙ୍ଗ ମାଉଣ୍ଟ ୟୁନମ୍ ସଫଳତାର ସହ ଆରୋହଣ କରିବାରେ ସମର୍ଥ ହୋଇଛନ୍ତି।



ହିମାଚଳ ପ୍ରଦେଶର ଲାହୁଲ ଓ ସ୍ପିତିରେ ଅବସ୍ଥିତ ଏହି ପର୍ବତାରୋହଣରେ ୧୦ଜଣ ପର୍ବତାରୋହୀ ଥିଲେ। ଜୁନ୍ ୨୭ରେ ଏହି ସଫଳତ ପାଇବାରେ ଅଭିଯାତ୍ରୀଙ୍କ ମଧ୍ୟରେ ଏକାଥିଲେ କେନ୍ଦୁଝର ଜିଲ୍ଲା ଯୋଡା ଅଧିବାସୀ ତଥା ରାଜ୍ୟର ଦୁଃସାହସିକ କ୍ରୀଡ଼ା ସଂଘର ସଦସ୍ୟ ଦୀପକ ମହନ୍ତ। ଏହି ସଫଳତା ପାଇବା ପରେ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଆସା (ଏଏସ୍‌ଏ)ର ସମ୍ପାଦକ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା, ପୂର୍ବତନ ବରିଷ୍ଠ କ୍ରୀଡ଼ା ଅଧିକାରୀ ତଥା ଉପଦେଷ୍ଟା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା ଓ ବିକ୍ରମ କିଶୋର ଦାସ।



ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଭୁବନେଶ୍ୱରର ସାତ୍ତ୍ୱିକ ସ୍ୱାଇଁଙ୍କୁ ଖୋର୍ଦ୍ଧା ଜିଲ୍ଲା ସଂଘ ପକ୍ଷରୁ ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ସମ୍ବର୍ଦ୍ଧିତ କରୁଛନ୍ତି।

## ୟୁରୋପ୍ ଗସ୍ତ : ଭାରତ-ଏ ହକି ଦଳରେ ଓଡ଼ିଶାରୁ ୪ ଖେଳାଳି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଆଗାମୀ ୟୁରୋପ୍ ଗସ୍ତ ଲାଗି ମଙ୍ଗଳବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତ-ଏ ଦଳ ଘୋଷଣା କରାଯାଇଛି। ସଞ୍ଜୟଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁଇ ଯୁବ ଡିଫେଣ୍ଡର ପ୍ରତାପ ଲାକ୍ରା ଓ ଅମନଦୀପ୍ ଲାକ୍ରା। ସେହିଭଳି ୩ଜଣିଆ ଷ୍ଟାଣ୍ଡବାଇ ତାଲିକାରେ ଓଡ଼ିଶାର ଡିଫେଣ୍ଡର ସୁନିଲ ଜୋଜୋ ଓ ଫର୍‌ୱାର୍ଡ ସୁଦୀପ ଚିର୍‌ମାକୋଙ୍କୁ ମଧ୍ୟ ସୁଯୋଗ ମିଳିଛି। ଫଳରେ ଏହି ୟୁରୋପ ଗସ୍ତରେ ଭାରତ-ଏ ସହ ଓଡ଼ିଶାର ୪ଜଣ ଖେଳାଳି ସାମିଲ ହୋଇଛନ୍ତି। ଭାରତ-ଏ ଏହି ଗସ୍ତରେ ଆୟର୍ଲାଣ୍ଡ, ଫ୍ରାନ୍ସ ଓ ନେଦରଲାଣ୍ଡସ ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବ।

● ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଅଶୋକଙ୍କୁ ସ୍ୱର୍ଣ୍ଣ, ସୁସ୍ମିତାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଦୁଇ ଓଡ଼ିଆ ଖେଳାଳି ପଦକ ସଫଳତା ପାଇଛନ୍ତି। ସେମାନେ ହେଲେ ଓଡ଼ିଶା ପୁଲିସର କନଷ୍ଟେବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା। ପୁରୁଷ ୮୦୦ ମିଟର ରେସରେ ଅଶୋକ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ସମାନ ଇଭେଣ୍ଟର ମହିଳା ବିଭାଗରେ ସୁସ୍ମିତା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତି ରାଜ୍ୟ ପୁଲିସ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଉଭୟ ଅଶୋକ ଓ ସୁସ୍ମିତା ରାଜ୍ୟ ଓ ଦେଶ ପାଇଁ ଆହୁରି ଗୌରବ ଆଣନ୍ତୁ ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଅଶୋକ ଓ ସୁସ୍ମିତା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।





## ପ୍ରତି ମାସରେ ପତ୍ନୀ ଓ ଝିଅଙ୍କୁ ସାମି ଦେବେ ୪ ଲକ୍ଷ

କୋଲକାତା, ୧।୭ (ଏଜେନ୍ସି): ଭାରତୀୟ କ୍ରିକେଟର୍ ମହମ୍ମଦ ସାମିଙ୍କୁ ମଙ୍ଗଳବାର କୋଲକାତା ହାଇକୋର୍ଟରୁ ଜୋର୍‌ଦାର୍ ଝଟ୍‌କା ଲାଗିଛି। ସାମି ତାଙ୍କ ପତ୍ନୀ ହାସିନ ଜହାନ ଓ ଝିଅ ଆଇରାଙ୍କୁ ଭରଣପୋଷଣ ବାବଦକୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏହି ୪ ଲକ୍ଷରୁ ପତ୍ନୀ ହାସିନଙ୍କୁ ୧.୫ ଲକ୍ଷ ଓ ଝିଅ ଆଇରାଙ୍କୁ ୨.୫ ଲକ୍ଷ ଟଙ୍କା ଦେବାକୁ ଏଥିରେ କୁହାଯାଇଛି। ଏହି ଭରଣପୋଷଣ ରାଶି ୭ ବର୍ଷ ପଛରୁ ଆଦାୟ କରିବାକୁ କୁହାଯାଇଛି। ଅର୍ଥାତ୍ ମାସକୁ ୪ ଲକ୍ଷ ହିସାବରେ ୭ ବର୍ଷକୁ ୩.୩୬ କୋଟି ଟଙ୍କା ସାମି ଆଗାମୀ ୬ ମାସ ମଧ୍ୟରେ ତାଙ୍କ ପତ୍ନୀ ଓ ଝିଅଙ୍କୁ ଦେବେ। ଉଲ୍ଲେଖଯୋଗ୍ୟ, ସାମି ଓ ହାସିନ ୨୦୧୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାର ବର୍ଷକ ପରେ ଉଭୟଙ୍କ ଔରସରୁ ଏକ ଝିଅ ଜନ୍ମ ହୋଇଥିଲା। କିନ୍ତୁ ପରେ ଜଣାପଡ଼ିଥିଲା ଯେ ହାସିନ ପୂର୍ବରୁ ବିବାହ କରିଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ।

## ୨୪ ବର୍ଷ ପରେ ବଦଳିଲା ଜାତୀୟ କ୍ରୀଡ଼ା ନୀତି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଜାତୀୟ କ୍ରୀଡ଼ା ନୀତିକୁ ଅନୁମୋଦନ କରିଛି। ଦେଶରେ କ୍ରୀଡ଼ା କ୍ଷେତ୍ରକୁ ରୂପାନ୍ତରିତ କରିବା ଲକ୍ଷ୍ୟରେ ଜାତୀୟ କ୍ରୀଡ଼ା ନୀତି (ଏନ୍‌ଏସ୍‌ପି)କୁ ଅନୁମୋଦନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏଠାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ପ୍ରଚଳିତ ଜାତୀୟ କ୍ରୀଡ଼ା ନୀତି-୨୦୦୧ର ସ୍ଥାନ ନେଇଛି। ଏହାର ଅର୍ଥ ୨୪ ବର୍ଷ ପରେ ବଦଳିଛି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତିଶାଳୀ ଦେଶ ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ଓ ରଣନୈତିକ ରୋଡ୍‌ମ୍ୟାପ୍ ଏଥିରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଉପଲବ୍ଧି ହାସଲ କରିବା ଅନ୍ତର୍ଭୁକ୍ତ ରହିଛି। ଏନ୍‌ଏସ୍‌ପି-୨୦୨୫କୁ ପ୍ରସ୍ତୁତ କରିବାରେ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନୀତି ଆୟୋଗ, ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍) ଓ କିମ୍ବଦନ୍ତୀ ଖେଳାଳିମାନେ ସହଯୋଗ କରିଛନ୍ତି। ଜାତୀୟ କ୍ରୀଡ଼ା ନୀତି-୨୦୨୫ର ମୂଳ ଲକ୍ଷ୍ୟ ହେଉଛି, ଭାରତକୁ ଏକ ଅଗ୍ରଣୀ କ୍ରୀଡ଼ା ରାଷ୍ଟ୍ର ହେବା ପାଇଁ ଏକ ପରିବର୍ତ୍ତନଶୀଳ ପଥ ଉପରେ ସ୍ଥାପନ କରିବା। ଏହା ଅଧୀନରେ ଭାରତରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ରୀଡ଼ା ବିଷୟରେ ସଚେତନ କରାଯିବ। ମହିଳାମାନଙ୍କ ପାଇଁ କ୍ରୀଡ଼ାରେ ଅଂଶଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିଭଳି ନୂତନ ନୀତି ଅଧୀନରେ କ୍ରୀଡ଼ା ଲିଗ୍ ସଂଗଠନକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ଯାହା ଦ୍ୱାରା ଅଧିକରୁ ଅଧିକ ଖେଳାଳି ସୁଯୋଗ ପାଇବେ।

**ଫିଫା କ୍ଲବ୍ ବିଶ୍ୱକପ୍‌ରେ ବିପର୍ଯ୍ୟୟ**

## ଅଲ୍-ହିଲାଲ୍‌ଠୁ ହାରିଲା ମାଞ୍ଚେଷ୍ଟର ସିଟି

ଡଲାସ,୧।୭ (ଏଜେନ୍ସି)

ଆମେରିକାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡର ମାଞ୍ଚେଷ୍ଟର ସିଟିକୁ ୪-୩ ଗୋଲରେ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ମାର୍କୋସ ଲିଓନାର୍ଡୋଙ୍କ ଡବଲ ଗୋଲ ବଳରେ ଅଲ-ହିଲାଲ ଏହି ବିପର୍ଯ୍ୟୟ ସୃଷ୍ଟିକରିବାରେ ସମର୍ଥ ହୋଇଛି। ସେହିପରି ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍‌ସେ ୨-୦ ଗୋଲରେ ଇଟାଲୀର ଚାମ୍ପିଅନ କ୍ଲବ୍ ଇଣ୍ଟର ମିଲାନକୁ ହରାଇ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୁଇ ବିପର୍ଯ୍ୟୟସୃଷ୍ଟିକାରୀ ଟିମ୍ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅର୍ଲାଣ୍ଡୋରେ ଶୁକ୍ରବାର ଖେଳାଯିବ। ଏବେ ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ମ୍ୟାଚ୍ ଖେଳାଯିବ। ପ୍ରତମ ପ୍ରି-କ୍ୱାର୍ଟରରେ ଆଜି ରାତିରେ ରିଅଲ ମାଦ୍ରିଦ୍ ସହ ଜୁଭେଣ୍ଟସର ଓ ଆସନ୍ତାକାଲି ସକାଳେ ମୋଣ୍ଟେରୀ ସହ ଡର୍ଟମଣ୍ଡର ମୁକାବିଲା ହେବ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ପିଏସ୍‌ଜି ସହ ବେୟର୍ଣ୍ଣ ମ୍ୟୁନିକ୍, ପାଲମେଇରାସ ସହ ଚେଲସୀର ମୁକାବିଲା ଚୂଡାନ୍ତ ହୋଇଛି।



ବିଶ୍ୱର ଅନ୍ୟତମ ପ୍ରସିଦ୍ଧ କ୍ଲବ୍ ଇଟାଲୀର ଜୁଭେଣ୍ଟସ ସହ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଆସିଥିଲା। କିନ୍ତୁ କ୍ୟାମ୍ପିଙ୍ଗ୍ ୱାର୍ଲ୍ଡ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଖେଳର ୯ମ ମିନିଟ୍‌ରେ ମାଞ୍ଚେଷ୍ଟର ସିଟି ବର୍ଣ୍ଣାଡୋ ସିଲ୍‌ଭାଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ପୂର୍ବତନ ବାର୍ସିଲୋନା ଖେଳାଳି ମାଲକମ୍ ଏହି ଗୋଲଟିକୁ ଶୁଝାଇ ଦେଇଥିଲେ। ଦଳ ପକ୍ଷରୁ ଜୋଆଓ କାଲସେଲୋ ଆଉ ଏକ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ନିର୍ଦ୍ଧାରିତ ସମୟ ଖେଳ ଶେଷ ପୂର୍ବରୁ ଏର୍ଲିଙ୍ଗ ହଲାଣ୍ଡ ଆଉ ଏକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଯାହା ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ଅଲ ହିଲାଲ ପକ୍ଷରୁ କାଲିଡୋଉ କୌଲିବାଲି ଗୋଲ ଦେଇ ପୁଣି ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାର ୧୦ ମିନିଟ୍ ପରେ ଫିଲ ଫୋଡେନ୍ ଗୋଲ ଶୁଝାଇ ୩-୩ରେ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ। ଖେଳର ୧୧୨ତମ ମିନିଟ୍‌ରେ ସର୍ଗେଜ୍ ମିଲିଙ୍କୋଭିଚ୍ ସାଭିଚ୍‌ଙ୍କ ହେଡରକୁ ଗୋଲ ରକ୍ଷକ ଏଡରସନ ଅଟକାଇବା ଫଳରେ ବଲଟି ବାହାରକୁ ଆସିଯାଇଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରି ଲିଓନାର୍ଡୋ ଦଳ ଲାଗି ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଫଳରେ ଅଲ ହିଲାଲ ନିର୍ଦ୍ଧାରିତ ସମୟ ପରେ ୪-୩ ଗୋଲରେ ବିଜୟୀ ହୋଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାଜିଲୀୟ କ୍ଲବ୍ ପ୍ରାଧାନ୍ୟ ବିସ୍ତାର କରି ୨-୦ ଗୋଲରେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜର୍ମାନ ଖେଳାଳି କାନୋ ଓ ବଦଳ ଖେଳାଳି ହର୍କ୍ୟୁଲେସ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଣ୍ଟର ମିଲାନ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ବିଶେଷ କରି ଲୌଟାରୋ ମାର୍ଟିନେଜ୍ ଓ ଫେଡେରିକୋ ଦିମାର୍କୋ ଗୋଲ ଦେବାର ଦୁଇଟି ସହଜ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ସେହିପରି ବ୍ରାଜିଲର ଦୁଇ କ୍ଲବ୍ ଫ୍ଲୁମିନେନ୍‌ସେ ଓ ପାଲମେଇରାସ ସେମାନଙ୍କ ଶକ୍ତିଶାଳୀ ୟୁରୋପୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ଲବ୍‌ସ୍ତରରେ ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ୟୁରୋପୀୟ ଦଳ ଅଧିକ ସଫଳତା ହାସଲ କରିବାରେ ସମର୍ଥ ହୋଇପାରି ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS